# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୯/୨୦୨୦ (୧୩ପୃଷ୍ଠା) | Bhubaneswar, Tuesday, September 29/2020 | ★★★★★★

୪୬ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ଜାକ୍‌ଲିନ୍‌ଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ**

ଜାକ୍‌ଲିନ୍ ନିଜର ସୁପରହିଟ୍ ସଙ୍ଗ୍ 'ଗେନ୍ଦାଫୁଲ୍'ରେ ଜବରଦସ୍ତ ଅନ୍ଦାଜ୍‌ରେ ଡ୍ୟାନ୍ସ କରୁଥିବାର ନଜର୍ ଆସିଛନ୍ତି। **୦୨**

**୧୩** **ଥିମ୍ ଦ୍ୱିତୀୟ ରାଉଣ୍ଡରେ**

ୟୁଏସ୍ ଓପନ ଚାମ୍ପିୟନ ଡୋମିନିକ୍ ଥିମ୍ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।




# ଆଜିଠାରୁ ବିଧାନସଭା

- ଅକ୍ଟୋବର ୭ ଯାଏ ଚାଲିବ
- କରୋନା ସଂକ୍ରମିତଙ୍କୁ ପ୍ରବେଶ ମନା
- ଆସିବ ୧୨ ଅଧାଦେଶ



ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଷୋଡ଼ଶ ବିଧାନସଭା ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଅଧିବେଶନ ସେପ୍ଟେମ୍ବର ୨୯ରୁ ଆରମ୍ଭ ହୋଇ ଅକ୍ଟୋବର ୭ ତାରିଖ ଯାଏ ଚାଲିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ବିଧାନସଭା ବନ୍ଦ ରହିବ। ତେବେ ରବିବାର ଅକ୍ଟୋବର ୪ ତାରିଖରେ ଅଧିବେଶନ ଚାଲୁ ରହିବ। ଏହି ଅଧିବେଶନରେ ୮ କାର୍ଯ୍ୟ ଦିବସ ରହିଛି। ସେଥିରେ ୭ ସରକାରୀ କାର୍ଯ୍ୟ ଦିବସ ଥିବାବେଳେ ଗୋଟିଏ ଦିନ ବେସରକାରୀ କାର୍ଯ୍ୟ ଦିବସ ରହିଛି। ସ୍ୱଳ୍ପ ଦିନ ପାଇଁ ବସୁଥିବା ଏହି ଅଧିବେଶନରେ କୌଣସି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ। ତେବେ ଗୃହର ସଦସ୍ୟମାନଙ୍କୁ ଅଣତାରକା ପ୍ରଶ୍ନର ଉତ୍ତର ଯୋଗାଇ ଦିଆଯିବ। ଏହି ଅଧିବେଶନରେ ୧୨ଟି ଅଧାଦେଶ ବିଧାନସଭାରେ ଉପସ୍ଥାପନ କରିବାକୁ ସରକାର ଯୋଜନା କରିଛନ୍ତି।

କରୋନା ମହାମାରୀକୁ ଦେଖି ମୌସୁମୀ ଅଧିବେଶନକୁ କାଟଛାଣ୍ଟ କରାଯାଇଛି। ଚଳିତ ବିଧାନସଭା ଅଧିବେଶନ ଦୁଇଦିନ ପୂର୍ବରୁ ବିଧାୟକ ଓ କର୍ମଚାରୀମାନଙ୍କର କୋଭିଡ୍ ଆର୍‌ଟିପିସିଆର ପରୀକ୍ଷା କରାଯାଇଛି। ଯେଉଁମାନଙ୍କର କରୋନା ନେଗେଟିଭ ବାହାରିଛି ସେମାନଙ୍କୁ ଗୃହକାର୍ଯ୍ୟରେ ଯୋଗଦେବାକୁ ଅନୁମତି ଦିଆଯିବ। ଯେଉଁମାନଙ୍କର ପଜିଟିଭ ହୋଇଛି ସେମାନଙ୍କୁ ବିଧାନସଭା ପରିସରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ପରବର୍ତ୍ତୀ ୫ ଦିନ ପରେ ମଧ୍ୟ ପୁଣିଥରେ କୋଭିଡ ପରୀକ୍ଷା କରାଯିବ। ☞ପୃଷ୍ଠା-୪

## ୧୪ ମନ୍ତ୍ରୀ, ବିଧାୟକ ପଜିଟିଭ

ଭୁବନେଶ୍ୱର,(ବ୍ୟୁରୋ)

ବିଧାନସଭା ପୂର୍ବରୁ ରାଜ୍ୟର ୧୪ ମନ୍ତ୍ରୀ ଓ ବିଧାୟକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରବିବାର ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବଡମ୍ବା ବିଧାୟକ ଦେବୀ ମିଶ୍ର କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସୋମବାର ଉପବାଚସ୍ପତିଙ୍କୁ ମିଶାଇ ୧୨ ଜଣ ମନ୍ତ୍ରୀ ଓ ବିଧାୟକ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ସେମାନେ ହେଲେ ଉପବାଚସ୍ପତି ରଜନୀକାନ୍ତ ସିଂ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, କୋରେଇ ବିଧାୟକ ଅଶୋକ ବଳ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ସୁକାନ୍ତ ଦ୍ୱିତୀୟ ଥର ପାଇଁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଶନିବାର ବିଧାନସଭା ପରିସରରେ ୭୫୭ ଜଣଙ୍କର ନମୁନା ସଂଗ୍ରହ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୩୬ ଜଣ କୋଭିଡ ପଜିଟିଭ ଚିହ୍ନଟ ହୋଇଥିଲେ।

# ମାସନ ଟ୍ରେନିଂ: ଶ୍ରମିକଙ୍କୁ ମିଳୁନି ଟଙ୍କା

ଭୁବନେଶ୍ୱର, ୨୮।୯(ବ୍ୟୁରୋ)




ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କୁ କୁଶଳୀ କରିବା ଲାଗି ସରକାର ମାସନ (ରାଜମିସ୍ତ୍ରି) ଟ୍ରେନିଂ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ହେଲେ ଏହି କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ମାସନ୍ ଟ୍ରେନିଂ କାର୍ଯ୍ୟକ୍ରମ ଜରିଆରେ ଶ୍ରମିକଙ୍କୁ ଘରୋଇ ସଂସ୍ଥା(ଥାର୍ଡ ପାର୍ଟି) ଜରିଆରେ ଟ୍ରେନିଂ ଦିଆଯିବା ସାଙ୍ଗକୁ ସେମାନଙ୍କୁ ସାର୍ଟିଫିକେଟ ସହ ଦୈନିକ ପାରିଶ୍ରମିକ ଏବଂ ଟୁଲ କିଟ୍ ଦେବାର ବ୍ୟବସ୍ଥା ରହିଛି। ହେଲେ ଦୀର୍ଘଦିନ ତଳୁ ଟ୍ରେନିଂ ନେଇସାରିଥିବା ଅଧିକାଂଶ ଶ୍ରମିକଙ୍କୁ ଏପର୍ଯ୍ୟନ୍ତ ଦୈନିକ ପାରିଶ୍ରମିକ ଏବଂ ଟୁଲ କିଟ୍ ପ୍ରଦାନ କରାଯାଇନାହିଁ। ଅପରପକ୍ଷରେ ଟ୍ରେନିଂ ଦେଉଥିବା ଘରୋଇ ସଂସ୍ଥା କିନ୍ତୁ ତାଙ୍କ ପ୍ରାପ୍ୟ ନେଇ ଚାଲିଛନ୍ତି।

ରାଜ୍ୟ ସରକାରଙ୍କ ଜଣେ ଅଧିକାରୀ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୧୯ ନଭେମ୍ବରରୁ ବର୍ତ୍ତମାନ ମଧ୍ୟରେ ରାଜ୍ୟର ପ୍ରାୟ ୧୭ହଜାର ଶ୍ରମିକଙ୍କୁ ସରକାର ଟ୍ରେନିଂ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ହଜାରଙ୍କୁ ପ୍ରମାଣପତ୍ର(ସାର୍ଟିଫିକେଟ) ଦିଆସରିଛି। ଏମାନଙ୍କୁ ଟ୍ରେନିଂ ପ୍ରଦାନ କରିବା ପାଇଁ ରାଜ୍ୟରେ ୨୯ଟି ଘରୋଇ ସଂସ୍ଥା ଦାୟିତ୍ୱ ନେଇଛନ୍ତି, ଯେଉଁଥିଲାଗି ଲକ୍ଷାଧିକ ଟଙ୍କା ସରକାର ଖର୍ଚ୍ଚ କରୁଛନ୍ତି। ମାସନ ଟ୍ରେନିଂ କାର୍ଯ୍ୟକ୍ରମ ରାଜ୍ୟର ସବୁ ଜିଲାରେ ଚାଲିଛି। କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟରେ ଚାଲିଛି। ଏଥିପାଇଁ ପଞ୍ଚାୟତିରାଜ ବିଭାଗର ଆଡମିନ କଣ୍ଟିଜେଣ୍ଟ ଫଣ୍ଡରୁ ଅର୍ଥ ଖର୍ଚ୍ଚ କରାଯାଉଛି। ଶ୍ରମିକଙ୍କ ଲାଗି ମୁଖ୍ୟତଃ ୨ ପ୍ରକାର ଟ୍ରେନିଂ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ସହାୟକ ମିସ୍ତ୍ରିଭାବେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ୧୦ ଦିନିଆ ଶର୍ଟ ଟର୍ମ ଟ୍ରେନିଂ(ଏସ୍‌ଟିଟି) କାର୍ଯ୍ୟକ୍ରମ ହେଉଥିବାବେଳେ ଲେବର ଶ୍ରେଣୀର ଶ୍ରମିକଙ୍କୁ ୪୫ ଦିନିଆ ରେକଗ୍‌ନାଇଜେଶନ ପ୍ରାୟର ଲର୍ନିଂ(ଆର୍‌ପିଏଲ୍) ଟ୍ରେନିଂ ଦିଆଯାଉଛି। ପ୍ରଥମେ କିଛିଦିନ ଥିଓରି କରାଯିବା ପରେ ବାକି ☞ପୃଷ୍ଠା-୪

## ଏବେ ଖୋଲିବନି ଧାର୍ମିକସ୍ଥଳ

- କମ୍ ସ୍ଥାନ ଯୋଗୁ ସାମାଜିକ ଦୂରତା ରକ୍ଷା କରିବା ସମ୍ଭବ ନୁହେଁ
- ପ୍ରସ୍ତୁତ ନ ଥିବା ନେଇ ହାଇକୋର୍ଟରେ ଜବାବ ରଖିଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଓଡ଼ିଶାରେ ମନ୍ଦିର ତଥା ଧାର୍ମିକସ୍ଥଳ ଖୋଲିବା ନେଇ ରାଜ୍ୟ ସରକାର ଏପର୍ଯ୍ୟନ୍ତ ପ୍ରସ୍ତୁତ ନାହାନ୍ତି। ଏସବୁ ସ୍ଥାନଗୁଡ଼ିକରେ ସଂକୀର୍ଣ୍ଣତା ଯୋଗୁ ସାମାଜିକ ଦୂରତ୍ୱ ରକ୍ଷା କରିବା ସମ୍ଭବ ନୁହେଁ। ତେଣୁ ସଂକ୍ରମଣ ଏଡ଼ାଇବା ପାଇଁ ଏବେ ମନ୍ଦିର ଖୋଲିବା ଠିକ୍ ହେବନି ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କ ନିକଟରେ ଜବାବ ରଖିଛନ୍ତି। ଏ ସଂକ୍ରାନ୍ତ ଏକ ଜନସ୍ୱାର୍ଥ ମାମଲାରେ ☞ପୃଷ୍ଠା-୪

## ପି.ଡି. ବାଘେଲା ଟ୍ରାଇ ମୁଖ୍ୟ



ପି.ଡି. ବାଘେଲା

**ନୂଆଦିଲ୍ଲୀ,୨୮।୯:** ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ସୋମବାର ୧୯୮୬ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ପି.ଡି. ବାଘେଲାଙ୍କୁ ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ନୂଆ ମୁଖ୍ୟ ଭାବେ ନିଯୁକ୍ତି ପ୍ରଦାନ କରିଛି। ସେ ୩ ବର୍ଷ କିମ୍ବା ତାଙ୍କୁ ୬୫ ବର୍ଷ ହେବା ବା ପରବର୍ତ୍ତୀ ନିର୍ଦ୍ଦେଶ ଯେଉଁଟା ଶୀଘ୍ର ହେବ ସେ ପର୍ଯ୍ୟନ୍ତ ଏହି ପଦବୀରେ ରହିପାରିବେ। ୨୦୧୯ ଅଗଷ୍ଟରୁ ବାଘେଲା ଫାର୍ମାସ୍ୟୁଟିକାଲ୍ସର ସଚିବ ଭାବେ କାର୍ଯ୍ୟ କରିଆସୁଥିଲେ। ମେଡିସିନ ଓ ମେଡିକାଲ ଦ୍ରବ୍ୟର ଦର ନିର୍ଦ୍ଧାରଣ କ୍ଷେତ୍ରରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୧୭ରେ ଜିଏସ୍‌ଟି କାର୍ଯ୍ୟକାରୀ କରିବାରେ ସେ ଅନ୍ୟତମ ଅମଲାତନ୍ତ୍ରୀ ଥିଲେ। ସେପ୍ଟେମ୍ବର ୩୦ରେ ଆର୍.ଏସ୍ ଶର୍ମାଙ୍କ ଅବସର ପରେ ବାଘେଲା ଦାୟିତ୍ୱ ଗ୍ରହଣ କରିବେ।

## ଡିଜେଲ ୯ ପଇସା କମିଲା

**ଭୁବନେଶ୍ୱର, ୨୮।୯:** ଡିଜେଲ ଦରରେ ଲଗାତର ହ୍ରାସ ଧାରା ଜାରି ରହିଛି। ସୋମବାର ଭୁବନେଶ୍ୱରରେ ଡିଜେଲ ୯ ପଇସା କମି ୭୬.୯୫ ଟଙ୍କାକୁ ଖସିଛି। ଏଠାରେ ପେଟ୍ରୋଲ ଅପରିବର୍ତ୍ତିତ ୮୧.୬୦ ଟଙ୍କା ରହିଥିବା ଜଣାପଡିଛି। ଦେଶର ମେଟ୍ରୋ ସହରଗୁଡିକରେ ଡିଜେଲ ସୋମବାର ୯ରୁ ୧୦ ପଇସା ହ୍ରାସ ହୋଇଛି। ନୂଆଦିଲ୍ଲୀରେ ଏହାର ଦର ୭୦.୭୧ ଟଙ୍କା ରହିଥିବା ବେଳେ ଚେନ୍ନାଇରେ ୭୬.୧୮ ଟଙ୍କା, କୋଲକାତାରେ ୭୪.୭୩ ଟଙ୍କା ଏବଂ ମୁମ୍ବାଇରେ ୭୭.୧୨ ଟଙ୍କା ରହିଛି। ଏହି ସହରଗୁଡିକରେ ପେଟ୍ରୋଲ ଅପରିବର୍ତ୍ତିତ ରହି ଦର ଯଥାକ୍ରମେ ୮୧.୦୬ ଟଙ୍କା, ୮୪.୧୪ ଟଙ୍କା, ୮୨.୫୯ ଟଙ୍କା ଏବଂ ୮୭.୭୪ ଟଙ୍କା ରହିଛି।


**ଆଜିର ସମ୍ପାଦକୀୟ**

**ଭୟର ପାଣି**


ଅକ୍ଟୋବର ୪ରୁ ଖୋଲିବ ନନ୍ଦନକାନନ।




## ୪ରୁ ଖୋଲିବ ନନ୍ଦନକାନନ

### ଅନ୍‌ଲାଇନ, ଅଫ୍‌ଲାଇନରେ ମିଳିବ ଟିକେଟ୍

ବାରଙ୍ଗ,୨୮।୯(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଅକ୍ଟୋବର ୪ ତାରିଖରେ ଖୋଲିବା ନେଇ କର୍ତ୍ତୃପକ୍ଷ ସୋମବାର ଘୋଷଣା କରିଛନ୍ତି। ଏହାସହ ବଟାନିକାଲ ଗାର୍ଡେନ ମଧ୍ୟ ସେହିଦିନଠାରୁ ଖୋଲାଯିବ। ଦୀର୍ଘ ୭ମାସ ପରେ ନନ୍ଦନକାନନ ଖୋଲିବା ନିଷ୍ପତ୍ତି ଶୁଣି ପର୍ଯ୍ୟଟକ ଓ ବ୍ୟବସାୟୀଙ୍କ କ୍ଷେତ୍ରରେ ଉତ୍ସାହ ଖେଳିଯାଇଛି। ପର୍ଯ୍ୟଟକଙ୍କ ପାଇଁ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଟିକେଟ ବ୍ୟବସ୍ଥା କରାଯାଇଛି। କିନ୍ତୁ ☞ପୃଷ୍ଠା-୪

# ଇଣ୍ଡିଆ ଗେଟ୍ ସମ୍ମୁଖରେ ଟ୍ରାକ୍ଟର ଜାଳି ବିକ୍ଷୋଭ

**କୃଷି ଆଇନକୁ ବିରୋଧ ଜାରି**

- ଧାରଣାରେ ବସିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ
- ଆଇନ୍‌କୁ ଅସାମ୍ବିଧାନିକ ଦର୍ଶାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ କେରଳ ଏମ୍‌ପି
- କୃଷି ଆଇନ ଦେଶର କୃଷକଙ୍କ ଲାଗି ମୃତ୍ୟୁ ଦଣ୍ଡାଦେଶ : ରାହୁଲ
- କୃଷକଙ୍କୁ ବିଭ୍ରାନ୍ତ କରୁଛି କଂଗ୍ରେସ: ଜାଭଡେକର




ନୂଆଦିଲ୍ଲୀ, ୨୮।୯

ମୌସୁମୀ ଅଧିବେଶନରେ ପାର୍ଲାମେଣ୍ଟର ଉଭୟ ଗୃହରେ ପାରିତ ହୋଇଥିବା କୃଷି ବିଲ୍ ଏବେ ଆଇନରେ ପରିଣତ ହୋଇସାରିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହାକୁ ରବିବାର ଅନୁମୋଦନ କରିଛନ୍ତି। ଏହାସତ୍ତ୍ୱେ ଏହି ଆଇନ୍‌କୁ ନେଇ ଦେଶବ୍ୟାପୀ ବିରୋଧ ଥମିବାରେ ନାଁ ନେଉ ନାହିଁ। ଦିଲ୍ଲୀ, ପଞ୍ଜାବ, ହରିୟାଣା, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା ଆଦି ବିଭିନ୍ନ ରାଜ୍ୟରେ କଂଗ୍ରେସ ଏବଂ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ଓ ଧାରଣା ଜାରି ରହିଛି। ଏହି କ୍ରମରେ ସୋମବାର ରାଜଧାନୀ ଦିଲ୍ଲୀ ଇଣ୍ଡିଆ ଗେଟ ସମ୍ମୁଖରେ ପଞ୍ଜାବ ଯୁବ କଂଗ୍ରେସର କର୍ମୀମାନେ ଟ୍ରାକ୍ଟର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶହୀଦ ଭଗତ୍ ସିଂଙ୍କ ଜୟନ୍ତୀ ଅବସରରେ ୧୫ରୁ ୨୦ କଂଗ୍ରେସ କର୍ମୀ ସକାଳ ପ୍ରାୟ ୭ଟାରେ ଟ୍ରକ୍‌ରେ ଏକ ଟ୍ରାକ୍ଟରକୁ ଆଣିଥିଲେ। ଇଣ୍ଡିଆ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉକ୍ତ ଟ୍ରାକ୍ଟରରେ ନିଆଁ ଲଗାଇ ଦେଇଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ପୋଲିସ ଘଟଣାସ୍ଥଳରୁ କେତେକ କର୍ମୀଙ୍କୁ ଗିରଫ କରି ନେବା ସହ ଉକ୍ତ ଅଞ୍ଚଳକୁ ପ୍ରବେଶ ନିଷେଧ ☞ପୃଷ୍ଠା-୪

# ବିତର୍କ ପୂର୍ବରୁ ଟ୍ୟାକ୍ସ ଅଡୁଆରେ ଟ୍ରମ୍ପ

**ଆଜି ବିଡେନଙ୍କ ସହ ସାମ୍ନାସାମ୍ନି**

- ଆୟକର ଏଡ଼ାଇବାକୁ କ୍ଷତି ଦର୍ଶାଇଛନ୍ତି ଟ୍ରମ୍ପ
- ଗତ ୧୫ ବର୍ଷ ମଧ୍ୟରେ ୧୦ ବର୍ଷ ଆୟକର ଦେଇନାହାନ୍ତି
- ୨୦୧୭ରେ ଟିକସ ବାବଦରେ ଆମେରିକାକୁ ୭୫୦ ଡଲାର, ଭାରତକୁ ୧,୪୫,୪୦୦ ଡଲାର ପ୍ରଦାନ



ୱାଶିଂଟନ,୨୮।୯

ଆସନ୍ତା ନଭେମ୍ବର ୩ରେ ହେବାକୁ ଯାଉଛି ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ। ଏନେଇ ମଙ୍ଗଳବାର ହେବାକୁ ଥିବା ପ୍ରଥମ ବିତର୍କରେ ସାମ୍ନାସାମ୍ନି ହେବେ ରିପବ୍ଲିକାନ ପ୍ରାର୍ଥୀ ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଡେମୋକ୍ରାଟିକ ପ୍ରାର୍ଥୀ ଜୋ ବିଡେନ। କିନ୍ତୁ ଏହା ପୂର୍ବରୁ 'ଦ ନ୍ୟୁୟର୍କ ଟାଇମ୍ସ'ରେ ପ୍ରକାଶିତ ଏକ ଖବର ଟ୍ରମ୍ପଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଖବରରେ ଦର୍ଶାଯାଇଛି ଯେ, ଟ୍ରମ୍ପ ଗତ ୧୫ ବର୍ଷ ମଧ୍ୟରେ ୧୦ ବର୍ଷ କୌଣସି ଆୟକର ଦେଇନାହାନ୍ତି। କାରଣ ଏହି ସମୟ ମଧ୍ୟରେ ସେ ଯେତିକି ରୋଜଗାର କରିଛନ୍ତି ତା'ଠାରୁ ଅଧିକ ହରାଇଥିବା ଟ୍ରମ୍ପ ଦର୍ଶାଇଛନ୍ତି।

ପ୍ରାୟ ୨୦ ବର୍ଷର ଟ୍ୟାକ୍ସ ରିଟର୍ନ ତଥ୍ୟକୁ ଦର୍ଶାଇ ନ୍ୟୁୟର୍କ ଟାଇମ୍ସ ରବିବାର ପ୍ରକାଶ କରିଥିବା ଖବରରେ ଦର୍ଶାଯାଇଛି ଯେ, ଟ୍ରମ୍ପ ୨୦୧୬ରେ ସଂଘୀୟ ଆୟକର ଭାବେ ଆମେରିକା ସରକାରଙ୍କୁ ୭୫୦ ଡଲାର ଦେଇଥିଲେ। ସେହିପରି ହ୍ୱାଇଟ୍ ହାଉସ୍‌ରେ ତାଙ୍କ କାର୍ଯ୍ୟକାଳର ପ୍ରଥମ ବର୍ଷ ଅର୍ଥାତ୍ ୨୦୧୭ରେ ସେ ୭୫୦ ଡଲାର ଆୟକର ପ୍ରଦାନ କରିଥିଲେ। କିନ୍ତୁ ସେହିବର୍ଷ ଟ୍ରମ୍ପ ଓ ତାଙ୍କ କମ୍ପାନୀ ଟ୍ୟାକ୍ସ ଆକାରରେ ୧,୪୫,୪୦୦ ଆମେରିକୀୟ ଡଲାର ଭାରତରେ ପୈଠ କରିଥିଲେ।

ନିୟମ ଅନୁଯାୟୀ ଆମେରିକାର ରାଷ୍ଟ୍ରପତିଙ୍କୁ ତାଙ୍କ ବ୍ୟକ୍ତିଗତ ଆୟର ବିବରଣୀ ପ୍ରକାଶ କରିବାକୁ ପଡ଼େ ନାହିଁ। କିନ୍ତୁ ରିଚାର୍ଡ ନିକ୍ସନଙ୍କଠାରୁ ସମସ୍ତ ରାଷ୍ଟ୍ରପତି ତାହାକୁ ସାର୍ବଜନୀନ କରିଥିଲେ। ଏଭଳିସ୍ଥଳେ ଟ୍ରମ୍ପ ହେଉଛନ୍ତି ଆଧୁନିକ ଯୁଗର ଏକମାତ୍ର ରାଷ୍ଟ୍ରପତି, ଯିଏ ତାଙ୍କୁ ଆୟକର ଦେୟକୁ ସାର୍ବଜନୀନ କରନ୍ତି ନାହିଁ। ଏପରି କି, ତାଙ୍କ ଆୟକର ରିଟର୍ନ ବିଷୟରେ ସୂଚନା ଖୋଜୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଟ୍ରମ୍ପ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏଥିରେ ଆମେରିକାର ହାଉସ୍ ମଧ୍ୟ ରହିଛି, ଯାହାର ଉଦ୍ଦେଶ୍ୟ ହେଉଛି ସଂସଦୀୟ ତଦାରଖର ଏକ ଅଂଶ ଭାବେ ଟ୍ରମ୍ପଙ୍କ ଆୟକର ରିଟର୍ନ ସହ ଜଡ଼ିତ ସୂଚନା ଜାଣିବା। ଟିକସ ବିବରଣୀକୁ ଗୋପନ ରଖିବା ପାଇଁ ଟ୍ରମ୍ପ ଏକ ଦୀର୍ଘ ଯୁଦ୍ଧ କରିଛନ୍ତି, ଯାହା ଆମେରିକାର ଜନସାଧାରଣଙ୍କୁ କୁହାଯାଇଥିଲା ତାହା ବାସ୍ତବଠାରୁ ଭିନ୍ନ ବୋଲି ଖବରରେ ଦର୍ଶାଯାଇଛି।

ଖବର ଅନୁଯାୟୀ, 'ଆଇଆର୍‌ଏସ୍ (ଇଣ୍ଟରନାଲ ରେଭିନ୍ୟୁ ସର୍ଭିସ୍)କୁ ଟ୍ରମ୍ପ ଦେଇଥିବା ରିପୋର୍ଟ ତାଙ୍କୁ ଜଣେ ବ୍ୟବସାୟୀ ଭାବେ ଦର୍ଶାଉଛି, ଯିଏକି ପ୍ରତିବର୍ଷ ଲକ୍ଷ ଲକ୍ଷ ଡଲାର ☞ପୃଷ୍ଠା-୪

# ଯୁକ୍ତ ୩ ପ୍ରଥମ କଟ୍ ଅଫ୍ ମାର୍କ ପ୍ରକାଶ

- ଅଧିକାଂଶ ବିଭାଗରେ ବିଜେବି ଆଗୁଆ
- ଆଜିଠୁ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ୩ ନାମଲେଖା ପାଇଁ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି। ଅଧିକାଂଶ ବିଭାଗରେ ଭୁବନେଶ୍ୱରର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ରହିଛି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ପ୍ରଥମ ପର୍ଯ୍ୟାୟ କଟଅଫ୍ ମାର୍କ ୯୫% ଥିବାବେଳେ, ରସାୟନ ବିଜ୍ଞାନରେ ୯୪.୬%, ପ୍ରାଣୀ ବିଜ୍ଞାନରେ ୯୫.୫% ଓ ଉଦ୍ଭିଦ ବିଜ୍ଞାନରେ ୯୩.୪% ପ୍ରତିଶତ ଓ ଗଣିତରେ ୯୫.୨% ରହିଛି। ସେହିପରି ବାଣିଜ୍ୟ ବିଭାଗରେ ଆଗରେ ରହିଥିବା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ୮୮.୬୭% ରହିଛି। କଳା ବିଭାଗରେ ମଧ୍ୟ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ରହିଛି। ଭୂଗୋଳରେ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ୯୨% ଥିବାବେଳେ ଅର୍ଥନୀତି ୯୦.୫%, ଇଂଲିଶ ୮୯.୨%, ସୋସିଓଲୋଜି ୮୪.୧୭%, ଆନ୍ଥ୍ରୋପୋଲୋଜି ୮୬.୩% ଓ ସାଇକୋଲୋଜିରେ ୮୪.୧୭% ରହିଛି। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ୧,୦୨୯ଟି କଲେଜରେ ନାମଲେଖା ପାଇଁ ୨ଲକ୍ଷ ୧୩ହଜାର ୯୫୯ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୫୮ହଜାର ୫୪୦ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। କଳାରେ ୯୫ହଜାର ୬୪୯ ଜଣ, ସେଲ୍ଫ ଫାଇନାନ୍ସିଂରେ ୧,୦୮୧ ଜଣ, ବାଣିଜ୍ୟରେ ୧୬ହଜାର ୬୮୨, ସଂସ୍କୃତରେ ୩,୮୧୮ ଜଣ, ଫିଜିକ୍ସରେ ୨୩ହଜାର ୮୧୭ ଓ ☞ପୃଷ୍ଠା-୪

# ‘ମାର୍ଚ୍ଚ ସୁଦ୍ଧା ଭାରତରେ କରୋନା ଟିକା’

ନୂଆଦିଲ୍ଲୀ,୨୮।୯




ମହାମାରୀ କରୋନାର ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ଭାରତରେ ପ୍ରଥମ କରୋନା ଟିକା ଉପଲବ୍ଧ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ହର୍ଷବର୍ଦ୍ଧନ ସୋମବାର ପ୍ରକାଶ କରିଛନ୍ତି। ଏଥିଲାଗି ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଛି ବୋଲି ମିଡିଆକୁ ସମ୍ବୋଧନ କରି କହିଛନ୍ତି। ଭାରତରେ ୩ଟି କରୋନା ଟିକା ଲାଗି ଗବେଷଣା ଜାରି ରହିଛି। ପର୍ଯ୍ୟାୟକ୍ରମେ ପରୀକ୍ଷା ନିରୀକ୍ଷା ମଧ୍ୟ କରାଯାଉଛି। କ୍ଲିନିକାଲ ଟ୍ରାଏଲ ସଫଳ ହେବା ପରେ ଟିକା ଭାରତରେ ଉପଲବ୍ଧ ହେବ ବୋଲି ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି।

ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ କରୋନା ରୋଗୀ ରହିଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୬୦.୮୦ ଲକ୍ଷ ଛୁଇଁଲାଣି। ୯୫,୬୦୬ ବ୍ୟକ୍ତିଙ୍କ ଜୀବନ ଗଲାଣି। ଯଦିଓ ୫୦.୧୭ ଲକ୍ଷ ଭୂତାଣୁ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି, ତଥାପି ଭାରତରେ ୯.୬୫ ଲକ୍ଷ ଆକ୍ଟିଭ୍ ମାମଲା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୮୨,୧୭୦ ନୂଆ ମାମଲା ସାମ୍ନାକୁ ଆସିଛି। ମହାରାଷ୍ଟ୍ରରେ ସର୍ବାଧିକ ୧୩.୩୯ ଲକ୍ଷ କରୋନା ରୋଗୀ ରହିଥିବାବେଳେ ୩୫,୫୭୧ ଜଣଙ୍କ ପ୍ରାଣ ଗଲାଣି। ଏଥିସହ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ଉତ୍ତରପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ସଂକ୍ରମଣ କମିବାର ନାଁ ନେଉନାହିଁ। ବିଶ୍ୱର ବିଭିନ୍ନ ଦେଶ ଟିକା ପ୍ରସ୍ତୁତିରେ ଲାଗିଥିବାବେଳେ ମାର୍ଚ୍ଚ ସୁଦ୍ଧା ଭାରତୀୟ ଟିକା ଉପଲବ୍ଧ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଇଣ୍ଡିଆନ୍ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ର ୧୦୦ ବର୍ଷର ଘଟଣାକ୍ରମ ସମ୍ପର୍କରେ କହିବା ଅବସରରେ ସଂସ୍ଥା ସହ ଯୋଡ଼ି ହୋଇ ରହିଥିବା ବୈଜ୍ଞାନିକଙ୍କ କାର୍ଯ୍ୟଧାରା ଅତୁଳନୀୟ ବୋଲି ହର୍ଷବର୍ଦ୍ଧନ କହିଛନ୍ତି।



କୃଷି ବିଲ୍‌କୁ ବିରୋଧ କରି କୋଲକାତାରେ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତାମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭାଜପା-ଜେଡିୟୁ ଆସନ ବୁଝାମଣା ନେଇ ସହମତି

**ବିହାର ନିର୍ବାଚନ**

**ପାଟନା, ୨୮।୯:** ବିହାର ବିଧାନସଭା ନିର୍ବାଚନ ପାଇଁ ଭାଜପା ଏବଂ ଜେଡିୟୁ ମଧ୍ୟରେ ଆସନ ବୁଝାମଣାରେ ସହମତି ପ୍ରକାଶ ପାଇଥିବା କୁହାଯାଉଛି। ରାଜ୍ୟରେ ମୋଟ ୨୪୩ ବିଧାନସଭା ଆସନ ମଧ୍ୟରୁ ଜେଡିୟୁ ୧୦୪ ଆସନରେ ନିର୍ବାଚନ ଲଢ଼ିବାକୁ ଅଣ୍ଟା ଭିଡ଼ିଥିବାବେଳେ ଭାଜପା ୧୦୦ ଆସନରେ ନିର୍ବାଚନ ଲଢ଼ିବ ବୋଲି କୁହାଯାଉଛି। ସେହିପରି ରାଜ୍ୟ ମେଣ୍ଟ ସରକାରର ଅନ୍ୟତମ ସହଯୋଗୀ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ୩୦ ଆସନରେ ପ୍ରାର୍ଥୀ ଦେବ। ତେବେ ଅବଶିଷ୍ଟ ଆସନ ଉପରେ କେତେକ ପରିବର୍ତ୍ତନ ହେବାର ସମ୍ଭାବନା ଥିବା କୁହାଯାଉଛି। କୃଷି ଆଇନକୁ ନେଇ ଶିରୋମଣି ଅକାଳୀ ଦଳ ଏନ୍‌ଡିଏ ଛାଡ଼ିଛି। ତେଣୁ ଭାଜପା ଆସନ ବୁଝାମଣାରେ ଜେଡିୟୁ ଅବା ଏଲ୍‌ଜେପିକୁ ଅସନ୍ତୁଷ୍ଟ କରିବାକୁ ଚାହୁଁ ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ଖୋଲିପାରେ ସିନେମା ହଲ୍

ନୂଆଦିଲ୍ଲୀ,୨୮।୯

**ଅକ୍ଟୋବର ୧ରୁ ଅନ୍‌ଲକ୍ ୫.୦**



ଦେଶବ୍ୟାପୀ ଅନ୍‌ଲକ୍ ୪.୦ ସେପ୍ଟେମ୍ବର ୩୦ରେ ଶେଷ ହେଉଛି। ଅକ୍ଟୋବର ୧ରୁ ଅନ୍‌ଲକ୍ ୫.୦ ଆରମ୍ଭ ହେବ। ଆର୍ଥିକ କାର୍ଯ୍ୟକଳାପକୁ ସ୍ୱାଭାବିକ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଥିବାବେଳେ ଅନ୍‌ଲକ୍ ୫.୦ରେ ବଡ଼ ବଡ଼ ମଲ୍, ଜିମ୍, ବାର୍, ସିନେମା ହଲ୍, ସେଲୁନ୍, ରେଷ୍ଟୁରାଣ୍ଟ ଆଦି ସମ୍ପୂର୍ଣ୍ଣ ଖୋଲିପାରେ ବୋଲି କୁହାଯାଉଛି। ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କଟକଣା ସହ ଏ ସବୁ ଆଂଶିକ ଖୋଲିଥିବାବେଳେ ସିନେମା ହଲ୍ ଖୋଲିବା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିଲା। ଏଥିସହ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇପାରେ ବୋଲି ଅନୁମାନ କରାଯାଉଛି। ଫେଷ୍ଟିଭ୍ ସିଜନକୁ ଆଖିଆଗରେ ରଖି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିବାର ସମ୍ଭାବନା ରହିଛି। ଅନ୍‌ଲକ୍ ୪.୦ରେ ସରକାର ମେଟ୍ରୋ ସେବା ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରିଥିଲେ। ଏଥିସହ ସେପ୍ଟେମ୍ବର ୨୧ରୁ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଲାଗି ସ୍କୁଲ ଆଂଶିକ ଖୋଲିବାକୁ ଅନୁମତି ପ୍ରଦାନ କରିଥିଲେ। ପ୍ରାଥମିକ ସ୍କୁଲ ଖୋଲିବାର ସମ୍ଭାବନା କମ୍ ରହିଥିବାବେଳେ ସ୍ଥିତି ଅଧିକ ସ୍ୱାଭାବିକ କରିବାଲାଗି ସରକାର ପ୍ରୟାସ କରିପାରନ୍ତି। କରୋନା ସଂକ୍ରମଣ କମି ନ ଥିଲେ ହେଁ ଏଥର ଅନେକ କିଛି ଆର୍ଥିକ କାର୍ଯ୍ୟକଳାପ ସ୍ୱାଭାବିକ ସ୍ଥିତିକୁ ଫେରିବା ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ମୋଦି ଆର୍ଥିକ କାର୍ଯ୍ୟକଳାପ ସ୍ୱାଭାବିକ କରିବା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ।

## ୬ ଜଣିଆ ଟିମ୍‌କୁ ନୀତୀଶଙ୍କ ଦାୟିତ୍ୱ

**ପାଟନା, ୨୮।୯:** ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସ୍ୱତନ୍ତ୍ର ରଣନୀତି ଗ୍ରହଣ କରି ଏହାର ଦାୟିତ୍ୱ ୬ ଜଣିଆ ଟିମ୍ ଉପରେ ନ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ଗୃହନିର୍ମାଣ ମନ୍ତ୍ରୀ ଅଶୋକ ଚୌଧୁରୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ତାଙ୍କୁ ଜେଡିୟୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ମନ୍ତ୍ରୀ ଭାବେ ନିଜ କାର୍ଯ୍ୟ ତୁଲାଇବା ସହିତ ସେ ସାଂଗଠନିକ କ୍ଷେତ୍ରକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ସଞ୍ଜୟ ଝାଙ୍କୁ ନିର୍ବାଚନ ପ୍ରଚାର ପରିଚାଳନା ଦାୟିତ୍ୱ ନୀତୀଶ ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ ସମୟରେ ନୀତୀଶ ସଞ୍ଜୟଙ୍କ ସହାୟତା ଲୋଡ଼ିଥାନ୍ତି। ଏହି ଦଳରେ ମୁଙ୍ଗେର ଏମ୍‌ପି ଲଲନ ସିଂଙ୍କୁ ସାମିଲ୍ କରାଯାଇଛି। ଲଲନଙ୍କ ରାଜନୈତିକ ରଣନୀତି ବେଶ୍ ଉଚ୍ଚକୋଟୀର ବୋଲି କୁହାଯାଉଛି। ରାଜ୍ୟ ସଭା ସଦସ୍ୟ ଆର୍.ସି.ପି. ସିଂଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ବିହାରରେ ଜେଡିୟୁକୁ ସଶକ୍ତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରାର୍ଥୀ ଚୟନରେ ତାଙ୍କର ବିଶେଷ ଭୂମିକା ରହିବ ବୋଲି କୁହାଯାଉଛି। ବିହାର ବିଧାନସଭା ବାଚସ୍ପତି ବିଜୟ ଚୌଧୁରୀଙ୍କୁ ନୀତୀଶଙ୍କ ନିର୍ବାଚନୀ ଦଳରେ ଅନ୍ତର୍ଭୁକ୍ତ କରାଯାଇଛି। ସେ ନୀତୀଶଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହିତ ପରଦା ପଛରେ ନାୟକର ଭୂମିକା ତୁଲାଇବେ ବୋଲି କୁହାଯାଉଛି। ସେହିପରି ଏହି ୬ ଜଣିଆ ଦଳରେ ଜେଡିୟୁ ଅଧ୍ୟକ୍ଷ ବଶିଷ୍ଠ ନାରାୟଣ ସିଂଙ୍କୁ ସାମିଲ୍ କରାଯାଇଛି। ଅଧିକ ବୟସ ଦୃଷ୍ଟିରୁ ବଶିଷ୍ଠଙ୍କ ଉପରେ ବିଶେଷ ଭାର ଦିଆଯାଇ ନାହିଁ। ତାଙ୍କ ପରାମର୍ଶ ଏବଂ ରାଜନୈତିକ ଗୋଟି ଚାଳନାକୁ ଗୁରୁତ୍ୱ ଦିଆଯିବା ସମ୍ଭାବନା ରହିଛି।

## କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୨୮।୯

- ଖାଲିପଡ଼ିଛି ୩ ମନ୍ତ୍ରୀ ପଦ
- ସାଂଗଠନିକ ପଦବୀରୁ ବାଦ୍ ପଡ଼ିଥିବା ନେତାଙ୍କୁ ଅଗ୍ରାଧିକାର ସମ୍ଭାବନା

ଭାଜପା ପକ୍ଷରୁ ନୂଆ ୭୦ ଜଣିଆ ଟିମ୍ ଗଠନ କରାଯାଇଥିବାବେଳେ ଖୁବ୍‌ଶୀଘ୍ର କେନ୍ଦ୍ର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯିବ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦ୍ୱିତୀୟ ପାଳିରେ ସରକାର ଗଠନ କରିବାର ୧୬ ମାସ ବିତିଗଲାଣି। ଏ ପର୍ଯ୍ୟନ୍ତ କେନ୍ଦ୍ର କ୍ୟାବିନେଟ ସମ୍ପ୍ରସାରଣ କରାଯାଇନାହିଁ। ବିହାର ନିର୍ବାଚନ ପୂର୍ବରୁ ଏହି କାର୍ଯ୍ୟ ସମ୍ପନ୍ନ କରାଯିବା ସମ୍ଭାବନା ରହିଥିବାବେଳେ କେତେଜଣ ଦଳୀୟ ନେତା ନିର୍ବାଚନ ପରେ ଏହି କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ମତ ଦେଇଛନ୍ତି। ପ୍ରଥମ ପାଳିରେ ମୋଦି ସରକାର ଗଠନ କରିବାର ୬ ମାସ ପରେ ଅର୍ଥାତ୍ ନଭେମ୍ବରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଥିଲେ।

୨ ମନ୍ତ୍ରୀ (ହରସିମ୍ରତ କୌର ବାଦଲ ଏବଂ ଅରବିନ୍ଦ ସାୱନ୍ତ)ଙ୍କ ଇସ୍ତଫା ଓ ସୁରେଶ ଅଙ୍ଗାଡିଙ୍କ ମୃତ୍ୟୁ ପରେ ୩ ପଦ ଖାଲିପଡ଼ିଛି। ସଙ୍ଗଠନ ବାହାରେ ଥିବା କେତେଜଣ ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଦଳର ଜାତୀୟ ଉପାଧ୍ୟକ୍ଷ ରହିଥିବା ବିନୟ ସହସ୍ରବୁଦ୍ଧେ, ପୂର୍ବତନ ସାଧାରଣ ସମ୍ପାଦକ ଅନିଲ ଜୈନ, ସରୋଜ ପାଣ୍ଡେ, ରାମ ମାଧବ, ପି. ମୁରଲୀଧର ରାଓ ପ୍ରମୁଖଙ୍କୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ସାମିଲ କରାଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏବେ ମୋଦି ସରକାରରେ ୫୭ ମନ୍ତ୍ରୀ ରହିଥିବାବେଳେ କେନ୍ଦ୍ରରେ ସର୍ବାଧିକ ୮୧ ଜଣ ମନ୍ତ୍ରୀ ସ୍ଥାନ ପାଇପାରିବେ। ତେବେ ପ୍ରଥମ ପାଳି ଭଳି ମୋଦି ସର୍ବାଧିକ ୭୦ ମନ୍ତ୍ରୀଙ୍କୁ ଦ୍ୱିତୀୟ ପାଳିରେ ସ୍ଥାନ ଦେବା ସମ୍ଭାବନା ରହିଛି।

# ଫୁର୍‌ସତ୍

## ମହାକାଶରୁ ମତଦାନ ‘ସ୍ପେସ୍ ଭୋଟିଂ’

ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଭିନ୍ନ ଦେଶରେ ନିର୍ଦ୍ଧାରିତ ବୟସ ଅନୁଯାୟୀ ସମସ୍ତେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି। ମହାକାଶ ଯାତ୍ରାରେ ଥିବା ଜଣେ ମହାକାଶଚାରୀ ମଧ୍ୟ ଗଣ ମତଦାନରେ ସାମିଲ ହୋଇପାରିବା ବ୍ୟବସ୍ଥା ରହିଛି। ନିକଟରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମହାକାଶରୁ ମତଦାନ ଅଧିକାର ସାବ୍ୟସ୍ତ କରିପାରନ୍ତି ମହାକାଶଚାରୀ କେଟ୍ ରୁବିନ୍ସ। ଏଥିପୂର୍ବରୁ ୧୯୯୭ରେ ନାସାର ଡେଭିଡ୍ ୱୋଲ୍‌ଫ ପ୍ରଥମ ମହାକାଶଚାରୀ ଭାବେ ଇଣ୍ଟରନ୍ୟାଶନାଲ ସ୍ପେସ ଷ୍ଟେଶନ (ଆଇଏସ୍‌ଏସ୍)ରୁ ଭୋଟ ଦେଇ ଚର୍ଚ୍ଚାର ପରିସରକୁ ଆସିଥିଲେ।



ପୃଥିବୀପୃଷ୍ଠରୁ ହାରାହାରି ୪୦୦ କିଲୋମିଟର ଦୂରରେ ଅବସ୍ଥିତ ଇଣ୍ଟରନ୍ୟାଶନାଲ ସ୍ପେସ ଷ୍ଟେଶନ (ଆଇଏସ୍‌ଏସ୍)। ଏହା ଘଣ୍ଟାପ୍ରତି ୧୭,୦୦୦ ମାଇଲ ବେଗରେ ପୃଥିବୀର କକ୍ଷକୁ ପରିକ୍ରମା କରୁଛି। ହେଲେ ଆମେରିକା ନିର୍ବାଚନ ସହିତ ଏବେ ଯୋଡ଼ି ହୋଇଛି ଆଇଏସ୍‌ଏସ୍। ଆମେରିକାର କେତେଜଣ ମହାକାଶଚାରୀ ଏବେ ଆଇଏସ୍‌ଏସ୍‌ରେ କାର୍ଯ୍ୟରତ ଅଛନ୍ତି। ନିକଟରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ସେମାନେ ମହାକାଶରୁ ଭୋଟିଂ କରିବେ। ଏଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ମହାକାଶଚାରୀଙ୍କୁ ଭୋଟଦାନ ପ୍ରକ୍ରିୟାରେ ସାମିଲ କରିବା ଏବଂ ଏଥିଲାଗି ସ୍ୱତନ୍ତ୍ର ବୈଷୟିକ କୌଶଳ ବିକଶିତ କରିବା ଲାଗି ୧୯୯୭ରେ ଏକ ବିଲ୍ ପାରିତ ହୋଇଥିଲା। ଏହି ବିଲ୍ ଅନୁଯାୟୀ ମହାକାଶଚାରୀମାନେ ମତଦାନ କରିପାରିବେ। ତଦନୁଯାୟୀ ୨୦୧୬ରେ ଅନୁଷ୍ଠିତ ନିର୍ବାଚନରେ ଏଡ୍‌ୱାର୍ଡ ମାଇକେଲ ଫିଙ୍କ୍, ଗ୍ରେଗ୍ ଚୈମିଟାଫ୍ ଆଇଏସ୍‌ଏସ୍ ମିଶନରେ ଥାଇ ଗୁପ୍ତ ମତଦାନ କରିଥିଲେ। ନିୟମ ଅନୁଯାୟୀ, ନିର୍ବାଚନ ଦିନ କିମ୍ବା ପ୍ରାରମ୍ଭିକ ନିର୍ବାଚନ ସମୟରେ ଆମେରିକୀୟ ମହାକାଶଚାରୀ ଫେଡେରାଲ ପୋଷ୍ଟକାର୍ଡ ଆପ୍ଲିକେଶନ (ଏଫ୍‌ପିସିଏ) ମାଧ୍ୟମରେ ଭୋଟିଂ କରିପାରିବେ। ଏଥିଲାଗି ନାସାକୁ ସଚିବାଳୟକୁ ସୂଚନା ଦେବାକୁ ପଡ଼େ। ଏହି ପଦ୍ଧତିର ବ୍ୟବହାର କରିବା ଲାଗି ସିକ୍ରେଟ ମତପତ୍ର ନେବାକୁ ପଡ଼ିଥାଏ। ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ମତଦାନ ଲାଗି ବର୍ଷେ ପୂର୍ବରୁ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ନିର୍ବାଚନ ସମୟରେ କେଉଁ ମହାକାଶଚାରୀ ମହାକାଶ ଅଭିଯାନରେ ଥିବେ, ସେ ଭୋଟିଂରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ କି ଏସବୁ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଥାଏ। ନିର୍ବାଚନର ୬ମାସ ପୂର୍ବରୁ ମହାକାଶଚାରୀକୁ ଏକ ଫର୍ମ ମିଳିଥାଏ। ଏହାକୁ ଏଫ୍‌ପିସିଏ କୁହାଯାଏ।

ଆମେରିକା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ମହାକାଶଚାରୀ ପାଖକୁ ଏକ ଏନ୍‌କ୍ରିପ୍ଟେଡ୍ ଇ-ମତପତ୍ର ଅପ୍‌ଲିଙ୍କ୍ ହୋଇଯାଇଥାଏ। ଏହାକୁ ବ୍ୟବହାର କରି ସେମାନେ ମତଦାନ କରିଥାନ୍ତି। ପୃଥିବୀ ପୃଷ୍ଠରେ ମହାକାଶଯାନ ଅବତରଣ କରିବା ପରେ ଏହାକୁ ଡାଉନ୍‌ଲୋଡ୍ କରାଯାଇଥାଏ ଏବଂ ମତପତ୍ରକୁ ଭୋଟଗଣତି କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼େ।

## ଜାକ୍‌ଲିନ୍‌ଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ



ଜାକ୍‌ଲିନ୍ ଫର୍ନାଣ୍ଡେଜ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡେଜ୍ ଏବେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ ରହୁଛନ୍ତି। ତାଙ୍କ ଫଟୋ ଏବଂ ଭିଡିଓ ପୋଷ୍ଟ ହେଉ ହେଉ ସେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କର ଏକ ଡ୍ୟାନ୍ସ ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଜାକ୍‌ଲିନ୍ ନିଜର ସୁପରହିଟ୍ ସଙ୍ଗ୍ ‘ଗେନ୍ଦାଫୁଲ୍’ରେ ଜବରଦସ୍ତ ଅନ୍ଦାଜ୍‌ରେ ଡ୍ୟାନ୍ସ କରୁଥିବାର ନଜର୍ ଆସିଛନ୍ତି। ସେ କେତେବେଳେ ଗ୍ରୁପ୍ ସହିତ ତ ଆଉ କେତେବେଳେ କୋରିଓଗ୍ରାଫର୍‌ଙ୍କ ସହିତ ଡ୍ୟାନ୍ସ କରିଛନ୍ତି। ସେ କୋରିଓଗ୍ରାଫର୍‌ଙ୍କ ସହ ଚ୍ୟାଲେଞ୍ଜ ଗ୍ରହଣ କରି ଜବରଦସ୍ତ ଡ୍ୟାନ୍ସ ପରିବେଷଣ କରିଛନ୍ତି। ଏହି ଡ୍ୟାନ୍ସ ଭିଡିଓକୁ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତେବେ ଏହାକୁ ଫ୍ୟାନ୍‌ମାନେ ବେଶ୍ ଲାଇକ୍ ମଧ୍ୟ କରିଛନ୍ତି। ଏଥିରେ ଜାକ୍‌ଲିନ୍ ଏକ ହ୍ୱାଇଟ୍ କ୍ରପ୍ ଟପ୍ ପିନ୍ଧିଛନ୍ତି ତ ଆଉ କେତେବେଳେ ନୀଳ ରଙ୍ଗର ଶାଢ଼ି ପିନ୍ଧି ଧମାଲ୍ ମଚେଇଛନ୍ତି। ସୂଚନାଥାଉ କି, ଜାକ୍‌ଲିନ୍ ବଲିଉଡ୍‌ରେ ‘ଆଲାଦ୍ଦିନ’ ଫିଲ୍ମରୁ ଡେବ୍ୟୁ କରିଥିଲେ। ଏହି ଫିଲ୍ମରେ ତାଙ୍କ ସହ ରିତେଶ ଦେଶମୁଖ ମଧ୍ୟ ମୁଖ୍ୟ ଭୂମିକାରେ ନଜର୍ ଆସିଥିଲେ। କିନ୍ତୁ ଜାକ୍‌ଲିନ୍‌ଙ୍କୁ ‘କିକ୍’ ଫିଲ୍ମରୁ ସଫଳତା ମିଳିଥିଲା। ଜାକ୍‌ଲିନ୍‌ଙ୍କ ଅଭିନୀତ ‘ଗେନ୍ଦାଫୁଲ୍’କୁ ଲୋକେ ଖୁବ୍ ପସନ୍ଦ କରିଥିଲେ। ତେବେ ଲକ୍‌ଡାଉନ୍‌ରେ ଏହି ସଙ୍ଗ୍‌ଟି ବେଶ୍ ଭାଇରାଲ ହୋଇଥଲା।

## ୯୧ରେ ସୁର ସମ୍ରାଜ୍ଞୀ



**ନୂଆଦିଲ୍ଲୀ:** ସୁର ସମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସକର ୯୧ବର୍ଷରେ ପଦାର୍ପଣ କରିଛନ୍ତି। ୯୧ତମ ଜନ୍ମଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବଲିଉଡ୍ ଜଗତର ନାମୀ ତାରକା ତାଙ୍କର ଦୀର୍ଘଜୀବନ କାମନା କରିଛନ୍ତି।

ମଧ୍ୟପ୍ରଦେଶର ଇନ୍ଦୋରରେ ଜନ୍ମିତ ଲତା ଭାରତୀୟ ସଙ୍ଗୀତ ଜଗତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଚେହେରା। ମାତ୍ର ୧୩ବର୍ଷ ବୟସରୁ ସଙ୍ଗୀତ ଜଗତରେ ପାଦ ଥାପିଥିବା ଲତା ହିନ୍ଦୀ, ଭୋଜପୁରୀ ସମେତ ୨୦ରୁ ଊର୍ଦ୍ଧ୍ୱ ଭାଷାରେ ଗୀତ ଗାଇଛନ୍ତି। ସଙ୍ଗୀତ ଦୁନିଆକୁ ଶ୍ରେଷ୍ଠ ଅବଦାନ ପାଇଁ କୁଇନ୍ ଅଫ୍ ମେଲୋଡି ଲତାଙ୍କୁ ୩ଥର ନ୍ୟାଶନାଲ ଆୱାର୍ଡରେ ସମ୍ମାନିତ କରାଯାଇଛି। ୧୯୭୨ରେ ସିନେମା ‘ପରିଚୟ’, ୧୯୭୪ରେ ‘କୋରା କାଗଜ’ ଏବଂ ୧୯୯୦ରେ ‘ଲେକିନ’ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ଏହାକୁ ବାଦ୍‌ଦେଲେ ୧୯୬୯ରେ ‘ପଦ୍ମଭୂଷଣ’, ୧୯୮୯ରେ ‘ଦାଦା ସାହେବ ଫାଲ୍‌କେ’, ୧୯୯୯ରେ ପଦ୍ମ ବିଭୂଷଣ ଏବଂ ୨୦୦୧ରେ ସେ ‘ଭାରତ ରତ୍ନ’ ଉପାଧିରେ ସମ୍ମାନିତ ହୋଇଛନ୍ତି। ନାଇଟ୍‌ଙ୍ଗେଲ ଅଫ୍ ଇଣ୍ଡିଆ ନାମରେ ପରିଚିତ ଲତାଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଏବଂ ଦୀର୍ଘଜୀବନ କାମନା କରିଛନ୍ତି।

## ପରିବା ବିକୁଛନ୍ତି ‘ବାଳିକା ବଧୂ’ ନିର୍ଦ୍ଦେଶକ

**ଆଜମଗଡ଼(ଉତ୍ତର ପ୍ରଦେଶ):** ସମୟ କେତେବେଳେ କାହାକୁ କେଉଁ ସ୍ଥାନରେ ଠିଆ କରାଏ, ତାହାର କଳନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ। ଦିନେ ଯାହାଙ୍କ ନିର୍ଦ୍ଦେଶନାରେ ବଡ଼ ବଡ଼ ଅଭିନେତ୍ରୀ ଏବଂ ଅଭିନେତା କାର୍ଯ୍ୟ କରୁଥିଲେ, ଏବେ ସେହି ଲୋକପ୍ରିୟ ଟେଲି ଧାରାବାହିକ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ପରିବା ବିକାଳି ସାଜିଛନ୍ତି। ଘରେ ଘରେ ପରିଚିତ ହିନ୍ଦୀ ଟେଲିଭିଜନ ଧାରାବାହିକ ‘ବାଳିକା ବଧୂ’ର ନିର୍ଦ୍ଦେଶକ ରାମ ବୃକ୍ଷ ଗୌରଙ୍କୁ ଏବେ ନିଜ ଗାଁରେ ଠେଲା ଧରି ପରିବା ବିକୁଥିବା ଦେଖିବାକୁ ମିଳୁଛି। ୪୦ ବର୍ଷୀୟ ରାମ ବୃକ୍ଷ ୨୦୦୨ରୁ ମାୟାନଗରୀ ମୁମ୍ବାଇରେ ରହୁଛନ୍ତି। ସାଙ୍ଗ ତଥା ଲେଖକ ଶାହନୱାଜ ଖାନ୍‌ଙ୍କ ସହଯୋଗରେ ସେ ମୁମ୍ବାଇ ଚାଲିଯାଇଥିଲେ। ଲକ୍‌ଡାଉନ୍ ପୂର୍ବରୁ ସେ ପରିବାର ସହ ପୈତୃକ ଗାଁ ଉତ୍ତର ପ୍ରଦେଶର ଆଜମଗଡ଼କୁ ଆସିଥିଲେ। ଲକ୍‌ଡାଉନ୍ ଘୋଷଣା ପରେ ସେ ଆଉ ମୁମ୍ବାଇ ଫେରିପାରି ନ ଥିଲେ। ସେ କାମ କରୁଥିବା ପ୍ରୋଜେକ୍ଟ ମଧ୍ୟ ବନ୍ଦ ହୋଇଥିଲା। ପୁଣି କାମକୁ ଫେରିବାକୁ ୧ ବର୍ଷ କିମ୍ବା ଅଧିକ ସମୟ ଲାଗିପାରେ ବୋଲି ପ୍ରଯୋଜକ କହିଥିଲେ। ଫଳରେ ସେ ବାଧ୍ୟ ହୋଇ ଠେଲାରେ ପରିବା ବିକ୍ରି ଆରମ୍ଭ କରିଥିଲେ। ତେବେ ପରିବା ବ୍ୟବସାୟ ରାମ ବୃକ୍ଷଙ୍କ ପାଇଁ ନୂଆ ନ ଥିଲା। ନିଜାମାବାଦ ଫରହାବାଦର ମୂଳନିବାସୀ ରାମ ବୃକ୍ଷଙ୍କ ବାପା ମଧ୍ୟ ଜଣେ ପରିବା ବ୍ୟବସାୟୀ। ତେଣୁ ପରିବା ବିକ୍ରିକରି ଅନୁତାପ କରୁ ନ ଥିବା ସେ କୁହନ୍ତି। ରାମ ବୃକ୍ଷ ମୁମ୍ବାଇରେ ପ୍ରଥମେ ଲାଇଟ୍ ବିଭାଗରେ କାମ କରିଥିଲେ। ପରେ ଟିଭି ସିରିଏଲର ପ୍ରଡକ୍ସନ ବିଭାଗକୁ ଯାଇଥିଲେ। ଅନେକ ଧାରାବାହିକରେ ସହ ନିର୍ଦ୍ଦେଶକଭାବେ କାମ କରିଥିଲେ। ପରେ ସେ ଲୋକପ୍ରିୟ ଟିଭି ଧାରାବାହିକ ‘ବାଳିକା ବଧୂ’ରେ ଏପିସୋଡ୍ ନିର୍ଦ୍ଦେଶକ ଏବଂ ୟୁନିଟ୍ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ରାମ ବୃକ୍ଷ ‘ଇସ୍ ପ୍ୟାର୍ କୋ କ୍ୟା ନାମ୍ ଦୁଁ’, ‘କୁଛ୍ ତୋ ଲୋଗ୍ କହେଙ୍ଗେ’ ଭଳି ସିରିଏଲରେ କାମ କରିଛନ୍ତି। ସେହିପରି ଯଶ୍‌ପାଲ ଶର୍ମା, ରାଜ୍‌ପାଲ ଯାଦବ, ରଣଦୀପ ହୁଡ୍ଡା, ସୁନୀଲ ସେଟ୍ଟୀ, ମିଲିନ୍ଦ୍ ଗୁଣାଜୀଙ୍କ ଫିଲ୍ମରେ ସହ ନିର୍ଦ୍ଦେଶକ ଭାବେ କାମ କରିଛନ୍ତି। ମୁମ୍ବାଇରେ ନିଜ ପାଇଁ ୧ବିଏଚ୍‌କେ ଫ୍ଲାଟ୍ ମଧ୍ୟ କିଣିବାରେ ସଫଳ ହୋଇଛନ୍ତି। ତେବେ ଲକ୍‌ଡାଉନ୍ ପରିସ୍ଥିତି ବଦଳାଇ ଦେଇଛି। ଆଗାମୀ ଦିନରେ ତାଙ୍କ ନିକଟରେ ଏକ ଭୋଜପୁରୀ ଏବଂ ହିନ୍ଦୀ ସିନେମା ରହିଛି। ତାହା ଉପରେ ଏବେ ଫୋକସ୍ କରୁଛନ୍ତି। ସ୍ଥିତି ସ୍ୱାଭାବିକ ହେଲେ ପୁଣି ମାୟାନଗରୀ ଫେରିବାକୁ ସେ ଆଶାବାଦୀ ଅଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୯ ସେପ୍ଟେମ୍ବର, ୨୦୨୦

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୩୩,୮୩,୭୭୩ | ୧୦,୦୩,୩୮୨ | ୨,୪୬,୮୭,୪୩୦ |
| ଭାରତ | ୬୦,୮୭,୪୫୪ | ୯୫,୬୬୮ | ୫୦,୨୫,୮୧୫ |
| ଓଡ଼ିଶା | ୨,୧୨,୬୦୯ | ୮୧୩(+୫୩) | ୧,୭୭,୫୮୫ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ବହିଷ୍କୃତ ହେଲେ ଯୁବ ବିଜେଡି ସାଧାରଣ ସମ୍ପାଦକ

ଭୁବନେଶ୍ୱର,୨୮।୯(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ କଳ୍ପତରୁ ଓଝାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିରୁ ବହିଷ୍କୃତ କରିଛନ୍ତି। ସୋମବାର ବିଜେଡି ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ନିକଟରେ କରାଯାଇଥିବା ଯୁବ ବିଜେଡି କର୍ମକର୍ତ୍ତା ଚୟନରେ ଅସନ୍ତୋଷ ବ୍ୟକ୍ତ କରି ଓଝା ବିଜେଡିରୁ ଇସ୍ତଫା ଦେଇଥିଲେ। ଏହାର କିଛି ସମୟ ପରେ ଦଳରୁ ତାଙ୍କୁ ବହିଷ୍କୃତ କରାଯାଇଛି। ଓଝା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦୀର୍ଘ ୧୬ ବର୍ଷ କାଳ ଦଳ ପାଇଁ କାମ କରି ଆସିଛି। ଦୁର୍ନୀତିରେ ଲିପ୍ତ ରହୁଥିବା ବ୍ୟକ୍ତିମାନଙ୍କୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦିଆଯାଉଛି। ଏହାକୁ ଦଳର ନେତୃତ୍ୱଙ୍କ ଦୃଷ୍ଟିକୁ ନେଇଥିଲି। ତେବେ ମୋ କଥାକୁ ଗ୍ରହଣ କରାଗଲା ନାହିଁ । ବିଜେଡି ଭୁବନେଶ୍ୱର ସଭାପତି ଭାବେ କଳ୍ପତରୁ ଓଝାଙ୍କୁ ନିଯୁକ୍ତି ଦିଆଯାଇଥିଲା। ତାଙ୍କୁ ସେହି ପଦବୀରୁ ହଟାଯାଇ ସାଧାରଣ ସମ୍ପାଦକ ପଦରେ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ।

### ୫୬ ବୃଦ୍ଧାଶ୍ରମକୁ ଦିଆଯିବ ମେଡିକାଲ କିଟ୍

ଭୁବନେଶ୍ୱର,୨୮।୯(ବ୍ୟୁରୋ): ରାଜ୍ୟର ୫୬ଟି ବୃଦ୍ଧାଶ୍ରମକୁ ମେଡିକାଲ କିଟ୍ ଯୋଗାଇ ଦିଆଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୋମବାର ଏହି ସୂଚନା ଦେଇଛନ୍ତି। ତିନୋଟି ସରକାରୀ ଓ ୫୩ଟି ସରକାରୀ ଅନୁଦାନପ୍ରାପ୍ତ ବୃଦ୍ଧାଶ୍ରମକୁ ଏହି ସହାୟତା ପ୍ରଦାନ କରାଯିବ। ପ୍ରତି କିଟ୍‌ର ମୂଲ୍ୟ ୪,୭୦୦ ଟଙ୍କା। ଏଥିପାଇଁ ୭ ଲକ୍ଷ ୩୧ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ୯ ଖଣି କମ୍ପାନୀକୁ ନୋଟିସ୍

ଯୋଡ଼ା ୨୮।୯(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଏକାଧିକ ଖଣିର ଲିଜ୍ ସମାପ୍ତ ହେବା ପରେ ସରକାର ସେଗୁଡ଼ିକୁ ସର୍ବାଧିକ ମୂଲ୍ୟରେ ନିଲାମ ଡାକିଥିବା କମ୍ପାନୀଗୁଡ଼ିକୁ ଖଣି ହସ୍ତାନ୍ତର କରିଥିଲେ। ଅତୀତରେ ପୁରୁଣା ଲିଜ୍‌ଧାରୀମାନେ ପରିବେଶୀୟ ଅନୁମୋଦନ ଅନୁଯାୟୀ, ଯେତିକି ଖଣିଜ ଉତ୍ତୋଳନ କରୁଥିଲେ ତଦନୁଯାୟୀ, ନୂତନ ପ୍ରକ୍ରିୟାରେ ନିଲାମ ଡାକି ଖଣି ହାତେଇଥିବା ଲିଜଧାରୀମାନେ ଏହି ପରିବେଶ ଅନୁମୋଦନର ୮୦ପ୍ରତିଶତ ଖଣିଜ ଉତ୍ତୋଳନ ଓ ପରିବହନ କରିବା ପାଇଁ ସରକାର ନିୟମ ଧାର୍ଯ୍ୟ କରିଥିଲେ। କିନ୍ତୁ ନୂତନ ଲିଜଧାରୀମାନେ ୮୦% ଖଣିଜ ଉତ୍ତୋଳନ କରି ପାରି ନ ଥିବା ହେତୁ ରାଜ୍ୟସରକାରଙ୍କର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ଯୋଡ଼ା ଖଣିମଣ୍ଡଳ ମିତ୍ତଲ କମ୍ପାନୀର ଠାକୁରାଣୀ ଖଣି, କାଶ୍ୱି ଇଣ୍ଟରନ୍ୟାଶନାଲ କମ୍ପାନୀର ଜରିବାହାଲ ଓ ସିଲିଯୋଡ଼ା ଖଣି, ଅଗ୍ରେସନ ସ୍ୱଞ୍ଜ କମ୍ପାନୀର କାଟାସାହି ଖଣି, ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ଜଜାଙ୍ଗ ଓ ନୂଆଗାଁ ଖଣି, ନର୍ଭେରାମ ପାୱାର କମ୍ପାନୀର ରୋଇଡ଼ା, ସିରାଜୁଦ୍ଦିନ ଖଣି ଏବଂ ଜଗତଜନନୀ ଖଣିକୁ ନୋଟିସ୍ ଜାରି କରାଯାଇଛି।

# କୃଷି ବିଲ୍ ଅନୁଧ୍ୟାନ ପାଇଁ ହେବ କମିଟି

**ବିଜେଡି ବିଧାୟକ ଦଳ ବୈଠକ**
- ଚାଷୀଙ୍କ ସ୍ୱାର୍ଥ ଆମ ପାଇଁ ସର୍ବୋଚ୍ଚ: ମୁଖ୍ୟମନ୍ତ୍ରୀ
- ବିରୋଧୀଙ୍କ ସକାରାତ୍ମକ ପରାମର୍ଶକୁ ଗ୍ରହଣ କରିବେ ସରକାର
- କୋଭିଡ ପରିଚାଳନାରେ ଓଡ଼ିଶା ଆଗୁଆ
- କୋଭିଡ ଯୋଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାଲ୍ୟୁଟ୍

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଚାଷୀମାନଙ୍କ ବିକାଶ ପାଇଁ ବିଜେଡି ବହୁ ପଦକ୍ଷେପ ନେଇଛି। ଏମ୍.ଏସ୍ ସ୍ୱାମୀନାଥନଙ୍କ ସୁପାରିସ ଅନୁଯାୟୀ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଦେବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଦିଗରେ ଦଳ ଲଢ଼େଇ ଜାରି ରଖିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଜେଡି ବିଧାୟକ ଦଳ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି ଯେ, କୃଷି ବିଲ୍‌ରେ ଚାଷୀମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ପାର୍ଲାମେଣ୍ଟର ଉଭୟ ଗୃହରେ ବିଜେଡି ଯୁକ୍ତି ଉପସ୍ଥାପନ କରିଥିଲା। ଏପରିକି ବିଲ୍‌କୁ ସ୍କ୍ରୁଟିନ କରିବାକୁ ସଂସଦୀୟ କମିଟିକୁ ପଠାଇବାକୁ ଦାବି କରିଥିଲା। ଏହି ବିଲ୍‌କୁ ତର୍ଜମା କରିବା ଲାଗି ଦଳ ପକ୍ଷରୁ ଏମ୍‌ପି, ବିଧାୟକ ଏବଂ କୃଷକ ନେତାମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ। ଚାଷୀମାନଙ୍କ ସ୍ୱାର୍ଥ ଆମ ପାଇଁ ସର୍ବୋଚ୍ଚ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋଭିଡ ମହାମାରୀ ଗତ ୬ ମାସ ଧରି ଲୋକଙ୍କ ଜୀବନକୁ ବହୁ ମାତ୍ରାରେ ପରିବର୍ତ୍ତନ କରିଛି, ଯାହାକି ଆଗରୁ କେବେ ଏଭଳି ଦେଖାଯାଇ ନ ଥିଲା। ଭାରତରେ ଦୈନିକ ୧ ଲକ୍ଷ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଏଥିଯୋଗୁ ଦେଶର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅଭିବୃଦ୍ଧି -୨୩ ପ୍ରତିଶତ ତଳକୁ ଖସିଯାଇଛି। ଦେଶରେ ନିୟୁତ ନିୟୁତ ନିଯୁକ୍ତି ଚାଲିଯାଇଥିବା ବେଳେ ଲକ୍ଷ ଲକ୍ଷ ବ୍ୟବସାୟ ବନ୍ଦ ହୋଇ ଯାଇଛି।

ଓଡ଼ିଶାର ଜନସାଧାରଣଙ୍କ ସହଯୋଗ ଏବଂ କୋଭିଡ ଯୋଦ୍ଧାମାନଙ୍କ ଉତ୍ସର୍ଗୀକୃତ ସେବା ଯୋଗୁ ଓଡ଼ିଶା ଏହି ମହାମାରୀ ବିରୋଧରେ ସାହସର ସହ ଲଢେଇ ଜାରି ରଖିଛି। କରୋନା ଆରୋଗ୍ୟ ହାରରେ ଓଡ଼ିଶା ଦେଶରେ ଆଗରେ ରହିଛି। କୋଭିଡ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ଭାବେ କୋଭିଡ ହସ୍ପିଟାଲ ସ୍ଥାପନ କରିବା ସହ ଅସ୍ଥାୟୀ ମେଡିକାଲ କ୍ୟାମ୍ପ (ଟିଏମସି) ଏବଂ ପଞ୍ଚାୟତଗୁଡ଼ିକୁ ସଶକ୍ତ କରିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯାହାକି କୋଭିଡ ରୋଗୀଙ୍କୁ ସମସ୍ତ ସେବା ମାଗଣାରେ ଯୋଗାଇ ଆସିଛି। ଜୀବନବିନ୍ଦୁ ଓ ମୋ ପରିବାର କାର୍ଯ୍ୟକ୍ରମ ଜରିଆରେ ସମସ୍ତ ସଦସ୍ୟ ରକ୍ତ ପ୍ଲାଜମା ଦେବା ପାଇଁ ପ୍ରୋତ୍ସାହିତ କରିବା ସହ ମୃତ ବ୍ୟକ୍ତିଙ୍କ ଶବଦାହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଗାନ୍ଧୀ ଜୟନ୍ତୀରୁ କୋଭିଡ ଗାଇଡ ଲାଇନ ଅନୁସାରେ ଲୋକମାନଙ୍କୁ ମାସ୍କ ପିନ୍ଧିବା ସହ ହାତ ଧୋଇବା, ସାମାଜିକ ଦୂରତା ରକ୍ଷାକରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏଥିସହିତ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ନୂତନ ଶିକ୍ଷା ନୀତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଦଳୀୟ ବିଧାୟକମାନଙ୍କୁ କହିଛନ୍ତି ଯେ, ନୂତନ ଶିକ୍ଷାନୀତି ପାଇଁ ଦଳ ପକ୍ଷରୁ ଏକ କମିଟି ଗଠନ କରାଯାଇ ବିଭିନ୍ନ ସଂସ୍ଥା ସହ ଆଲୋଚନା କରାଯାଉଛି। ନୂତନ ଶିକ୍ଷା ନୀତି ହେଉ କି ଅନ୍ୟ ଯେ କୌଣସି ବିଷୟ ମାତୃଭାଷାର ସୁରକ୍ଷା କରିବା ଆମର ପ୍ରାଥମିକତା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ବିଦ୍ୟୁତ୍ ବ୍ୟବହାର ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକରେ ପୂର୍ବଭଳି ବୃଦ୍ଧି ପାଇଛି। ଏମ୍‌ଜିଏନଆର୍‌ଇଜିଏସରେ ୨୦ କୋଟି ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ଚାଷୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ କିପରି ପୁଣି ଆର୍ଥିକ ସ୍ରୋତକୁ ଫେରିବେ ତାହା ଆମର ମୂଳ ଲକ୍ଷ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ ସୂଚନା ଦେଇଥିଲେ। କରୋନା ଲଢେଇରେ ଯେଉଁ ଯୋଦ୍ଧାମାନେ ସେମାନଙ୍କର ଜୀବନ ଉତ୍ସର୍ଗ କରିଛନ୍ତି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସାଲ୍ୟୁଟ କରିଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କ ସହ ଛିଡ଼ା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ସାଢ଼େ ୪ କୋଟି ଓଡ଼ିଆଙ୍କୁ ଧନ୍ୟବାଦ ଦେଇଛନ୍ତି। ବିରୋଧୀ ଦଳଙ୍କ ସମସ୍ତ ସକାରାତ୍ମକ ଉପଦେଶକୁ ସରକାର ଗ୍ରହଣ କରିବା ସହ ସମାଲୋଚନାକୁ ମଧ୍ୟ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କୋଭିଡ-୧୯ ପରିଚାଳନା ହେବ ବିରୋଧୀଙ୍କ ମୁଖ୍ୟ ଅସ୍ତ୍ର

- କଂଗ୍ରେସ ବିଧାୟକ ଦଳ ବୈଠକ
- ବିରୋଧୀଙ୍କୁ ସମ୍ମୁଖୀନ ହେବାକୁ ଶାସକ ପ୍ରସ୍ତୁତ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ବିଧାନସଭା ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ଅଧିବେଶନର ଅବଧିକୁ ୮ ଦିନରେ ସୀମିତ କରାଯାଇଛି। ତେବେ ସ୍ୱଳ୍ପ ସମୟ ପାଇଁ ବସୁଥିବା ଏହି ଅଧିବେଶନ ବେଶ୍ ସରଗରମ ହେବ । କରୋନା ପରିଚାଳନାରେ ତ୍ରୁଟି ଏବଂ ଦୁର୍ନୀତି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। କୋଭିଡ-୧୯ ସଂକ୍ରମଣ ରୋକିବା ଦିଗରେ ସରକାରଙ୍କ ବିଫଳତାକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରିବେ। ଏଥିସହିତ ବେକାରି ସମସ୍ୟା, ଚାଷୀ ସମସ୍ୟା, ବିଜୁଳି ଦର ବୃଦ୍ଧି, ବଗଲା ଧର୍ମଶାଳା ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ହଲାପଟା କରିବେ। ଶାସକ ଦଳ ମଧ୍ୟ ବିରୋଧୀଙ୍କୁ ମୁକାବିଲା କରିବାକୁ ରଣନୀତି ପ୍ରସ୍ତୁତ କରିଛି। ଜାତୀୟ ଶିକ୍ଷା ନୀତି, କୃଷି ବିଲ୍ ପ୍ରସଙ୍ଗକୁ ବିଜେଡି ଗୃହରେ ଆଲୋଚନା କରିବା ସମ୍ଭାବନା ରହିଛି। ସୋମବାର ସନ୍ଧ୍ୟା ୫ଟାରେ କଂଗ୍ରେସର ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକରେ ଅଧିବେଶନରେ କୋଭିଡ ପରିଚାଳନାରେ ହୋଇଥିବା ଦୁର୍ନୀତି, ନାରୀ ନିର୍ଯାତନା ଓ ଅବ୍ୟବସ୍ଥା ବିଷୟକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିବାକୁ ନିଷ୍ପତ୍ତି ନେଇଛି । ଏଥିସହିତ କେନ୍ଦ୍ରର କୃଷି ବିଲ୍‌କୁ ବିରୋଧ, ଆଇନ ଶୃଙ୍ଖଳା, ବିଜୁଳି ଦର ବୃଦ୍ଧି, ବେକାରି ସମସ୍ୟାକୁ ମଧ୍ୟ ଅଧିବେଶନରେ ଜୋରଦାର ଉଠାଯିବ ବୋଲି ନରସିଂହ କହିଛନ୍ତି। ସମୟ କମ୍ ଥିବାରୁ ସବୁ ପ୍ରସଙ୍ଗ ଆଲୋଚନା କରିବା ସମ୍ଭବ ହେବ ନାହିଁ। ତେବେ ଲୋକମାନଙ୍କର ମୁଖ୍ୟ ପ୍ରସଙ୍ଗକୁ ନେଇ କଂଗ୍ରେସ ସରକାରଙ୍କଠାରୁ ଜବାବ ତଲବ କରିବ ବୋଲି ସେ କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ସରକାରଙ୍କ ବିଫଳତାକୁ ବିଧାନସଭାରେ ଉଠାଇବୁ। ତେବେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବୁ ନାହିଁ।



ବିଧାନସଭା ମୌସୁମୀ ଅଧିବେଶନର ଅବ୍ୟବହିତ ପୂର୍ବରୁ ସୋମବାର ପୋଲିସ ଡିଜି ଅଭୟ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ଅଧିକାରୀମାନେ ଏହାର ପରିସରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

# ଦୀପକ ଗୁପ୍ତାଙ୍କୁ ୩ ମାସର ଅନ୍ତରୀଣ ଜାମିନ

**ଉଲିବୁରୁ ଖଣି ଦୁର୍ନୀତି ମାମଲା**

କଟକ ଅଫିସ୍, ୨୮।୯

ବହୁ ଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ସୋମବାର ହାଇକୋର୍ଟ ୩ ମାସର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜାମିନର ଅବଧି ଅକ୍ଟୋବର ୧ରୁ ଆସନ୍ତା ଜାନୁୟାରୀ ୨ତାରିଖ ପର୍ଯ୍ୟନ୍ତ ରହିଛି। ଜାମିନ ପାଇଁ ହାଇକୋର୍ଟ କେତେକ ସର୍ତ୍ତ ରଖିଛନ୍ତି। ଦୀପକ ନିମ୍ନ ଅଦାଲତରେ ୧ କୋଟି ଟଙ୍କା ଦାଖଲ କରିବା ସହ ୨କୋଟି ଟଙ୍କା ଲେଖାଏ ଦୁଇଜଣ ଜାମିନଦାର ପ୍ରଦାନ କରିବେ। ଏହାବ୍ୟତୀତ ନିଜ ପାସପୋର୍ଟ ଦାଖଲ କରିବେ। ପାସ୍‌ପୋର୍ଟ ନ ଥିଲେ ନିମ୍ନ ଅଦାଲତରେ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଜାମିନରେ ଯିବା ପରେ ଯେଉଁଠି ରହିବେ ସେହି ସ୍ଥାନର ଠିକଣା, ନିଜ ଫୋନ ନମ୍ବର ଓ ମେଲ୍ ଆଇଡି ଭିଜିଲାନ୍ସକୁ ଦେବେ। ସାକ୍ଷୀମାନଙ୍କୁ ନ ପ୍ରବର୍ତ୍ତାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଦୀପକ ଜାମିନ ନିମନ୍ତେ ଉଭୟ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଏକାଧିକ ବାର ଆବେଦନ କରି ବିଫଳ ହୋଇଥିଲେ। ପରେ ସେ କେନ୍ଦୁଝର ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ଜାମିନ ଆବେଦନ କରିଥିଲେ ମଧ୍ୟ ଏହା ଖାରଜ ହୋଇଯାଇଥିଲା। ଶେଷରେ ମାମଲାର ଶୁଣାଣିରେ ଶିଥିଳତା ଦର୍ଶାଇ ୨୦୧୯ ଅଗଷ୍ଟ ୭ରେ ନିୟମିତ ଜାମିନ ପାଇଁ ସେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ସହ ମାମଲାର ଶୁଣାଣିକୁ ତ୍ୱରିତ କରିବା ପାଇଁ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଯେ, ୧୮୦୦ କୋଟି ଟଙ୍କାର ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ଦୀପକଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ୨୦୧୩ ସେପ୍ଟେମ୍ବର ୪ରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରିଥିଲେ। ସେବେଠାରୁ ସେ ଜେଲ୍‌ରେ ଅଛନ୍ତି।



ଦୀପକ ଗୁପ୍ତା

# ଅରିଜନାଲ ସାର୍ଟିଫିକେଟ୍ ଦାଖଲ ପାଇଁ ଅଣ୍ଡରଟେକିଂ

**ଯୁକ୍ତ୩ ନାମଲେଖା**

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଯୁକ୍ତ୩ ନାମଲେଖା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ବର୍ତ୍ତମାନ କୋଭିଡ୍-୧୯ ମହାମାରୀ ପାଇଁ ଛାତ୍ରୀଛାତ୍ରଙ୍କୁ ଅରିଜନାଲ (ମୂଳ) ମାର୍କଶିଟ୍, ସାର୍ଟିଫିକେଟ୍, ମାଇଗ୍ରେଶନ ସାର୍ଟିଫିକେଟ୍ ଇତ୍ୟାଦି ମିଳିବାରେ ବିଳମ୍ବ ହେଉଛି। ଫଳରେ ନାମଲେଖା ତଥ୍ୟ ଯାଞ୍ଚବେଳେ ଛାତ୍ରୀଛାତ୍ରମାନେ ଅରିଜନାଲ ଡକ୍ୟୁମେଣ୍ଟ ଦେଖାଇପାରିବେ ନାହିଁ। ତେଣୁ ନାମଲେଖା ସମୟରେ ଡିଗ୍ରୀ କଲେଜଗୁଡ଼ିକ ଛାତ୍ରୀଛାତ୍ରଙ୍କଠାରୁ ଡାଉନଲୋଡ୍ ହୋଇଥିବା ମାର୍କଶିଟ୍ ଓ ଅଣ୍ଡରଟେକିଂ ନେଇପାରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ସୋମବାର ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, କଲେଜଗୁଡ଼ିକ ସିଏଚ୍ଏସ୍‌ଇ ହେଉ କିମ୍ବା ସିବିଏସ୍‌ଇ ବା ଆଇସିଏସ୍‌ଇ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଅରିଜନାଲ ମାଇଗ୍ରେଶନ ସାର୍ଟିଫିକେଟ୍ ଦେବା ପାଇଁ ବାଧ୍ୟ କରିପାରିବେ ନାହିଁ। ଛାତ୍ରୀଛାତ୍ରମାନେ ନାମଲେଖା ସମୟରେ ଅଧ୍ୟକ୍ଷ କିମ୍ବା ଆଡ଼ମିଶନ ଇନ୍‌ଚାର୍ଜଙ୍କ ଉଦ୍ଦେଶ୍ୟରେ ଏକ ଅଣ୍ଡରଟେକିଂ ଦେବେ। ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ମନୋନୀତ ଛାତ୍ରୀଛାତ୍ରମାନେ ନାମଲେଖାର ୧୨ ଦିନ ମଧ୍ୟରେ ଅରିଜନାଲ ମାର୍କଶିଟ୍ ଓ ସାର୍ଟିଫିକେଟ୍ ଦେବେ ବୋଲି ଉଲ୍ଲେଖ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁମାନେ ମନୋନୀତ ହୋଇଥିବେ ସେମାନେ ୫ଦିନ ମଧ୍ୟରେ ଦାଖଲ କରିବେ। ଯଦି ସାର୍ଟିଫିକେଟ ଦାଖଲ କରିବା ପାଇଁ ନାମଲେଖା ଦିନଠାରୁ ମାସେ ଅତିକ୍ରମ କରିଯିବ, ସେମାନଙ୍କ ନାମଲେଖା ବାତିଲ ହୋଇଯିବ। ଯଦି କୌଣସି କାରଣରୁ ଛାତ୍ରୀଛାତ୍ରମାନେ ନାମଲେଖା ପାଇଁ ଯାଇପାରିବେ ନାହିଁ, ତେବେ ସେ କ୍ଷେତ୍ରରେ ଅଭିଭାବକ କିମ୍ବା କୌଣସି ଅଧିକୃତ ବ୍ୟକ୍ତି ସେହି ପିଲାଙ୍କର ନାମଲେଖା ପାଇଁ ଯାଇପାରିବେ। କିନ୍ତୁ ସେ କ୍ଷେତ୍ରରେ ମଧ୍ୟ ଛାତ୍ରୀଛାତ୍ର ଏକ ଅଣ୍ଡରଟେକିଂ ଦେବେ। ଯଦି କଲେଜ କର୍ତ୍ତୃପକ୍ଷ ଡାଉନଲୋଡ୍ ହୋଇଥିବା ମାର୍କଶିଟ୍ ବା କାଷ୍ଟ ସାର୍ଟିଫିକେଟ୍‌ରେ ଜାଲ୍ ଥିବା ଜାଣିବେ, ସେ କ୍ଷେତ୍ରରେ ନାମଲେଖା ପାଇଁ ଅନୁମତି ଦେଇ ନ ପାରନ୍ତି ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

# ରୋବୋ ହେଲମେଟ ତିଆରି କରି ଚର୍ଚ୍ଚାରେ ଶିଶିର

ଜୟପୁର,୨୮।୯(ଡି.ଏନ.ଏ )

କରୋନା ମହାମାରୀର ମୁକାବିଲା ପାଇଁ ଅଟୋମେଟିକ ସାନିଟାଇଜର ମେଶିନ ତିଆରି କରି ଚର୍ଚ୍ଚାକୁ ଆସିଥିବା ଜୟପୁର ସହର ବାସିନ୍ଦା ଶିଶିର ମଲିକ ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଥିବା ଯବାନଙ୍କ ପାଇଁ ରୋବୋ ହେଲମେଟ ତିଆରି କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି । ବି.ଟେକ ପାସ କରିଥିବା ଶିଶିରଙ୍କୁ ଏହି ରୋବୋ ହେଲମେଟ ମଡେଲ ତିଆରି କରିବାକୁ ୨ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ଏହାକୁ ଦେଶର ପ୍ରତିରକ୍ଷା କେନ୍ଦ୍ର ଡିଆରଡିଓ ଦ୍ୱାରା ଅଧିକ ଗବେଷଣା କଲେ ଦେଶର ସୁରକ୍ଷା ଓ ବୈଷୟିକ ବ୍ୟବସ୍ଥା ଅଧିକ ସୁଦୃଢ ହୋଇପାରିବ ବୋଲି ସେ କହିଛନ୍ତି। ଦେଶର ପ୍ରତିରକ୍ଷା ବାହିନୀକୁ ବୁଲେଟ ପ୍ରୁଫ ହେଲମେଟ ସରକାର ଯୋଗାଇ ଦେଇଛନ୍ତି। ହେଲେ ଯବାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ଚାରି ପାଖରେ ୩୬୦ ଡିଗ୍ରୀର ନଜର ରଖିବାକୁ ହେଲମେଟରେ ଏକ କ୍ୟାମେରା ଏବଂ ହାଲୁକା ବନ୍ଧୁକ ଲଗାଯିବାର ଆବଶ୍ୟକତା ରହିଛି। ଏହି ବ୍ୟବସ୍ଥା ରୋବୋ ହେଲମେଟରେ ରହିଛି । ଏହି ହେଲମେଟର କ୍ୟାମେରା ଏବଂ ବନ୍ଧୁକର ନିୟନ୍ତ୍ରଣ ପ୍ରତିରକ୍ଷା ୱାରରୁମରୁ ବୈଷୟିକ ଦଳ କରିବେ। ସେଥିପାଇଁ ହେଲମେଟରେ ଏକ ଜିପିଆରଏସ ଚିପ୍ ଲଗାଯାଇଛି । ଫଳରେ ଯବାନଙ୍କ ପଛପଟୁ ଆକ୍ରମଣ କରୁଥିବା ଶତ୍ରୁମାନଙ୍କୁ ନିୟନ୍ତ୍ରଣ କକ୍ଷରେ ଥିବା ବୈଷୟିକ କର୍ମଚାରୀ କ୍ୟାମେରା ଦ୍ୱାରା ଠାବ କରିପାରିବେ। ଫଳରେ ଶତ୍ରୁ ଉପରକୁ ଲକ୍ଷଭେଦ ଗୁଳିଚାଳନା କରାଯାଇପାରିବ। ବି.ଟେକ୍ ପାସ କରିଥିବା ଶିଶିର ଜଣେ ଯୁବ ଇଞ୍ଜିନିୟର। ଆଗାମୀ ଦିନରେ ଜଣେ ବୈଜ୍ଞାନିକ ହୋଇ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ଦେଶପାଇଁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବା ତାଙ୍କ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ଏହି ଯୁବ ବୈଜ୍ଞାନିକ।



ଶିଶିର ନିର୍ମାଣ କରିଥିବା ରୋବଟ୍ ହେଲମେଟ

# ମହାନଦୀ ଉପରେ ୨ ସେତୁର ଶିଳାନ୍ୟାସ

- ଜଗତ୍‌ସିଂହପୁର ଜିଲାବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି
- ଉପକୃତ ହେବେ ଦେଢ଼ ଲକ୍ଷ ଲୋକ

ଜଗତ୍‌ସିଂହପୁର ଅଫିସ୍/ ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଜଗତ୍‌ସିଂହପୁର ଜିଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନଫରେନ୍ସ ମାଧ୍ୟମରେ ମହାନଦୀ ଉପରେ ୨ଟି ସେତୁର ଶିଳାନ୍ୟାସ କରିଛନ୍ତି। ତାହା ହେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୧୮.୫୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ତିର୍ତ୍ତୋଲ-ପୋଷଲ ହାଇଲେଭଲ୍ ସେତୁ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ୮୨.୫୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଜଇପୁର-କଟିକଟା ହାଇଲେଭଲ୍ ସେତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ସରକାର ଓଡ଼ିଶାର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମା’ ଶାରଳାଙ୍କ ପାର୍ବଣ ଅବସରରେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ନୌବାଣିଜ୍ୟ କ୍ଷେତ୍ରରେ ତିର୍ତ୍ତୋଲ ବିଶେଷକରି ଜଗତ୍‌ସିଂହପୁର ଜିଲାର ଅବଦାନକୁ ସେ ସ୍ମରଣ କରିଛନ୍ତି। କରୋନା ଲଢ଼େଇ ସହ ବିକାଶ କାମ ଜାରି ରହିବ। ଜୀବନ ସହ ଜୀବିକାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ିବାକୁ ହେବ। ଉଭୟ କରୋନା ଲଢ଼େଇ ଓ ବିକାଶ କାମରେ ଜନସାଧାରଣଙ୍କୁ ସହଯୋଗ ଦରକାର। ଏହି ଦୁଇଟି ସେତୁ ଦ୍ୱାରା ତିର୍ତ୍ତୋଲ ସହ କଟକ ଓ କେନ୍ଦ୍ରାପଡ଼ା ଜିଲାର ୨୮ ପଞ୍ଚାୟତର ପ୍ରାୟ ଦେଢ ଲକ୍ଷ ଲୋକ ଉପକୃତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଢେଙ୍କାନାଳରୁ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ଦୃଢ଼ ସଂକଳ୍ପ ନେଇ ଓଡ଼ିଶାର ବିକାଶ କାର୍ଯ୍ୟ କରି ଆସୁଛନ୍ତି। ଏହି ଦୁଇଟି ସେତୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରାଯିବ। ଏହା ବିକାଶ ପ୍ରକ୍ରିୟାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଗମନାଗମନ କ୍ଷେତ୍ରରେ ବହୁତ ଉନ୍ନତି ହୋଇଛି। ଏହି ଦୁଇଟି ସେତୁ ଦ୍ୱାରା ତିର୍ତ୍ତୋଲ, ପାଟକୁରା ଓ ମାହାଙ୍ଗା ଅଞ୍ଚଳର ଦେଢ଼ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ। ସେହିପରି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି, ୨ ସେତୁ ଜିଲାର ବିକାଶ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ। ଏହି ଅବସରରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଶାନ୍ତ ମୁଦୁଲି, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ବକ୍ତବ୍ୟ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ସଂଗ୍ରାମ ମହାପାତ୍ର ସ୍ୱାଗତ ଭାଷଣ ଓ ଶେଷରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର, ଅର୍ଥ ବିଭାଗ ପ୍ରମୁଖ ସଚିବ, ପୂର୍ତ୍ତ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ।

ସୂଚନାଥାଉ କି, ବରିଷ୍ଠ ବିଜେଡି ନେତା ତଥା ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ପରଲୋକ ପରେ ତିର୍ତ୍ତୋଲ ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଏଭଳିସ୍ଥଳେ ଉପରୋକ୍ତ ୨ ସେତୁର ଶିଳାନ୍ୟାସ ତିର୍ତ୍ତୋଲ ସମେତ ଜଗତ୍‌ସିଂହପୁର ଜିଲାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭେଟି ବୋଲି ଆଲୋଚନା ହେଉଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ସେତୁ ଶିଳାନ୍ୟାସ କରୁଛନ୍ତି।

**ଆଜିର ମନ୍ତବ୍ୟ**

“ବିଶ୍ୱ ଯୋଗାଣ ଶୃଙ୍ଖଳା ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା କେତେ ବିପଦପୂର୍ଣ୍ଣ ତାହା କୋଭିଡ୍-୧୯ ବେଳେ ଜଣାପଡିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ମାସନ ଟ୍ରେନିଂ:...

ସମୟ ପ୍ରାକ୍ଟିକାଲ ଏବଂ ଶେଷରେ ସାର୍ଟିଫିକେଟ ମିଳୁଛି। ଏହି ଟ୍ରେନିଂ ସମୟରେ ଶ୍ରମିକମାନଙ୍କୁ ଦୈନିକ ଖାଇବା ବାବଦରେ ୧୦୦ଟଙ୍କା ଏବଂ ମଜୁରି ବାବଦକୁ ପ୍ରାୟ ୩୨୦ ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଛି। ହେଲେ ମାସନ ଟ୍ରେନିଂ ପରେ ଅଧିକାଂଶ ଶ୍ରମିକ ଅର୍ଥ ପାଇ ନ ଥିବା ଅଭିଯୋଗ କରିଛନ୍ତି। ପୁରୀ ଜିଲାରେ ମାସନ ଟ୍ରେନିଂ ପାଇଁ ନୋଡାଲ ଅଫିସରଭାବେ ନିଯୁକ୍ତ ହୋଇଥିବା ଜଣେ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ସେ ଗତ ୬ ମାସ ତଳେ ସେ ନିଯୁକ୍ତି ପାଇଛନ୍ତି। ତାଙ୍କ ନିଯୁକ୍ତି ସମୟରେ ଯେଉଁସବୁ ଟ୍ରେନିଂ ଚାଲିଥିଲା ସେଥିରେ ସାମିଲ ଶ୍ରମିକଙ୍କୁ ଏ ପର୍ଯ୍ୟନ୍ତ ଟଙ୍କା ମିଳିନାହିଁ। ଫଳରେ ସେହି ଶ୍ରମିକମାନେ ବାରମ୍ବାର ଅଭିଯୋଗ ଆଣୁଛନ୍ତି ବୋଲି ଯନ୍ତ୍ରୀ ଜଣକ ନିଜ ନାମ ଗୋପନ ରଖି କହିଛନ୍ତି। ଅପରପକ୍ଷେ ଶ୍ରମିକଙ୍କୁ କୁଶଳୀ କରିବାକୁ ଯେଉଁ ଲକ୍ଷାଧିକ ଟଙ୍କା ଆସୁଛି ତାହା କୁଆଡ଼େ ଯାଉଛି ବୋଲି ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା ପ୍ରଶ୍ନ ଉଠାଇଛନ୍ତି। ଶ୍ରମିକ ମାନରଞ୍ଜନ ମହାରଣା କହିଛନ୍ତି, ତାଙ୍କୁ ରାଜମିସ୍ତ୍ରି କରାଯିବ ବୋଲି କୁହାଯାଇ ନିଆଗଲା। ଏପରି କି ଟ୍ରେନିଂ ନେଲେ ସାର୍ଟିଫିକେଟ ସହ ଏହି ସମୟ ପାଇଁ ଭଲ ଅର୍ଥ ମିଳିବ ବୋଲି କୁହାଯାଇଥିଲା। ଟ୍ରେନିଂ ନେବାର ଇତିମଧ୍ୟରେ ୩ବର୍ଷ ପୂରି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟଙ୍କା ମିଳିନାହିଁ। ସେହିପରି ଡେଲାଙ୍ଗ ବ୍ଲକର ଗଜେନ୍ଦ୍ର ସାହୁ ଏବଂ ପ୍ରସନ୍ନ ସାହୁ ମଧ୍ୟ ସମାନ ଅଭିଯୋଗ ଆଣି କହିଛନ୍ତି, ଏ ପର୍ଯ୍ୟନ୍ତ ସେମାନଙ୍କୁ ଟଙ୍କା ମିଳିଲାନାହିଁ। ଏଥିପାଇଁ ବାରମ୍ବାର ଦୌଡ଼ିଦୌଡ଼ି ସେମାନେ ଆଶା ଛାଡ଼ି ଦେଲେଣି। କେବଳ ଟଙ୍କା ନୁହେଁ ସେମାନଙ୍କୁ କାମ କରିବାକୁ ଯେଉଁ ଟୁଲ କିଟ୍ ମିଳିବା କଥା ତାହା ମଧ୍ୟ ମିଳିଲା ନାହିଁ ବୋଲି ସାହୁ ଅଭିଯୋଗ କରିଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଲକ୍ଷ୍ୟରେ ରଖି ମୁଖ୍ୟତଃ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିବା କୁହାଯାଉଛି। ରାଜ୍ୟର ଯେଉଁ ଜିଲାରେ ଟାର୍ଗେଟ ମୁତାବକ ଆବାସ ଯୋଜନାରେ ଘର କାମ ସରୁନାହିଁ ସେହି ସ୍ଥାନଗୁଡ଼ିକରେ ଟ୍ରେନିଂ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହ ଏଥିରେ ଶ୍ରମିକଙ୍କୁ ସାମିଲ କରି ଲକ୍ଷ୍ୟ ପୂରଣ କରାଯାଉଛି। ଶ୍ରମିକଙ୍କୁ ଟ୍ରେନିଂ ଦେବା ଲାଗି ଟ୍ରେନିଂ ପାର୍ଟନର(ଟିପି) ବଛାଯାଇଛି। ଗାଁ ଗହଳିରେ ମାଇକ ଦ୍ୱାରା ପ୍ରଚାର କରି ଶ୍ରମିକଙ୍କୁ ଟ୍ରେନିଂରେ ସାମିଲ କରିବା ଟିପିଙ୍କ କାମ। ଜଣେ ଟିପି ମୋଟ ୩୦ଜଣଙ୍କୁ ଟ୍ରେନିଂ ଦେଇପାରିବେ। ଜଣେ ଶ୍ରମିକ ପିଛା ଟିପି ଘଣ୍ଟାକୁ ପ୍ରାୟ ୪୭ଟଙ୍କା ହିସାବରେ ୮ଘଣ୍ଟାକୁ ୩୭୬ଟଙ୍କା ନେବେ। ସେହି ଅନୁଯାୟୀ ୧୦ଦିନିଆ ଟ୍ରେନିଂରେ ଟିପି ଦୈନିକ ୧୧,୨୮୦ ଟଙ୍କା, ମାସିକ ୩, ୩୮, ୪୦୦ ଟଙ୍କା ଏବଂ ୪୫ ଦିନରେ ୫,୦୭,୬୦୦ ଟଙ୍କା ନେଉଛନ୍ତି। ବିଡିଓ କେଉଁ ପଞ୍ଚାୟତରେ କେତେ ଆବାସ ଘରର ଟାର୍ଗେଟ ହାସଲ ହୋଇପାରି ନାହିଁ ତା'ର ହିସାବ ଟିପିମାନଙ୍କୁ ଦେବେ। ଏହାପରେ ଉକ୍ତ ଟିପି ଯାଇ ସେହି ଅଞ୍ଚଳରେ ଶ୍ରମିକମାନଙ୍କୁ ବୁଝାଇ ଟ୍ରେନିଂରେ ସାମିଲ କରି ଟାର୍ଗେଟ ଶେଷ କରୁଛନ୍ତି। ବଲାଙ୍ଗୀର ଜିଲାରେ ସର୍ବାଧିକ ୩୫୩୦ ଜଣ ଶ୍ରମିକଙ୍କୁ ଟ୍ରେନିଂ କାର୍ଯ୍ୟରେ ସାମିଲ କରାଯାଇଛି। ଏଥିପାଇଁ ସେହି ଜିଲାରେ ୫ ଟିପିଙ୍କୁ ଦାୟିତ୍ୱ ମିଳିଛି। ମୟୂରଭଞ୍ଜ ଜିଲାରେ ମଧ୍ୟ ଆବାସ ଯୋଜନାରେ ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ କାମ ସରୁନାହିଁ। ତେଣୁ ସରକାର ସେହି ଜିଲା ପାଇଁ ୩ ଟିପିଙ୍କୁ ଦାୟିତ୍ୱ ବାଣ୍ଟିଛନ୍ତି, ସେମାନେ ୩୦୨୦ ଜଣ ଶ୍ରମିକଙ୍କୁ ଟ୍ରେନିଂରେ ସାମିଲ କରି ଲକ୍ଷ୍ୟ ପୂରଣ କରିବେ। ଏନେଇ ଓଡ଼ିଶା ଜୀବିକା ମିଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ରାଜେଶ ପ୍ରଭାକର ପାଟିଲଙ୍କୁ ପଚାରିବାରେ ସେ କହିଛନ୍ତି, ଟ୍ରେନିଂ ନେଇଥିବା ଶ୍ରମିକଙ୍କୁ ପାରିଶ୍ରମିକ ନ ମିଳିବା ନେଇ କୌଣସି ଅଭିଯୋଗ ଆମ ନିକଟକୁ ଆସି ନାହିଁ। ତେବେ କରୋନା ସମୟରେ ମଜୁରି ପ୍ରଦାନରେ ସାମାନ୍ୟ ବିଳମ୍ବ ହୋଇଛି। ଏହି ଟଙ୍କା ବ୍ଲକ ମାଧ୍ୟମରେ ଦିଆଯାଇଥାଏ। ପ୍ରାପ୍ୟ ପ୍ରଦାନ ଦିଗରେ କେଉଁଠି ଅସୁବିଧା ହୋଇଛି ତାକୁ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଏବେ ଖୋଲିବନି...

ହାଇକୋର୍ଟଙ୍କ ଏକ ନୋଟିସ୍‌ର ଉତ୍ତର ଦେଇ ରାଜ୍ୟ ସରକାର ତାଙ୍କ ଜବାବରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ଥିବା ମନ୍ଦିରଗୁଡ଼ିକର ଗର୍ଭଗୃହ ଅତି ସଂକୀର୍ଣ୍ଣ। ବିଶେଷକରି ପୁରୀ ଶ୍ରୀମନ୍ଦିରରେ ଏହି ସମସ୍ୟା ଅଧିକ ରହିଛି। ଶ୍ରୀମନ୍ଦିର ଗର୍ଭଗୃହ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରି ଶ୍ରୀଜୀଉଙ୍କ ଦର୍ଶନ କରିବା ପାଇଁ ଆବଶ୍ୟକ ସ୍ଥାନ ନାହିଁ। ତେଣୁ ବର୍ତ୍ତମାନ ସମୟରେ ଏହା ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯିବା ଦ୍ୱାରା ଏଠାରେ କୋଭିଡ୍ ସଂକ୍ରମଣର ଯଥେଷ୍ଟ ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟ ସରକାର ମନ୍ଦିର ଓ ଧାର୍ମିକସ୍ଥଳୀ ଖୋଲିବା ନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା ଦର୍ଶାଯାଇଛି।

କୋଭିଡ୍-୧୯ ସଂକ୍ରମଣ ଯୋଗୁ ଗତ ମାର୍ଚ୍ଚରୁ ରାଜ୍ୟର ସମସ୍ତ ମନ୍ଦିର ଓ ଧାର୍ମିକସ୍ଥଳ ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିଛି। ପୁରୀ ଶ୍ରୀମନ୍ଦିର ସମେତ ରାଜ୍ୟର ସମସ୍ତ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ବାରଣ କରାଯିବା ସହ ଏନେଇ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଲାଗୁ କରାଯାଇଛି। ତେବେ ଏହାମଧ୍ୟରେ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ଧାର୍ମିକସ୍ଥଳୀଗୁଡ଼ିକୁ ଖୋଲିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ। ଏହାର ଉତ୍ତର ରାଜ୍ୟ ସରକାର ଦେଇଥିବାବେଳେ ଆସନ୍ତା ସପ୍ତାହରେ ମାମଲାର ଶୁଣାଣି ହେବ ବୋଲି ଜଣାପଡ଼ିଛି। ତେବେ ମନ୍ଦିର ଖୋଲିବା ନେଇ ବର୍ତ୍ତମାନ ସ୍ଥିତିରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଭାରତ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତ ମନ୍ଦିର ଖୋଲାଯିବ ବୋଲି ଜେନା ସୂଚନା ଦେଇଛନ୍ତି।

## ଯୁକ୍ତ ୩ ପ୍ରଥମ କଟ୍...

ବାୟୋଲୋଜିରେ ୧୭ହଜାର ୪୯୩ଜଣ ନାମ ଲେଖାଇବାକୁ ମନୋନୀତ ହୋଇଛନ୍ତି। ୨୯ ତାରିଖଠାରୁ ଅକ୍ଟୋବର ୨ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ଏଥିପାଇଁ ଅକ୍ଟୋବର ୧ ସୁଦ୍ଧା ଛାତ୍ରୀଛାତ୍ର ଅନ୍‌ଲାଇନରେ ଫି' ଦାଖଲ କରିପାରିବେ। ଅକ୍ଟୋବର ୮ରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ଏ ସମ୍ପର୍କିତ ଅଧିକ ତଥ୍ୟ www.samsodisha.gov.in ୱେବ୍‌ସାଇଟରେ ଉପଲବ୍ଧ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜିଠାରୁ...

ଆବଶ୍ୟକ ସ୍ଥଳେ ଅଧିବେଶନ ସମୟରେ ଆଣ୍ଟିଜେନ ଟେଷ୍ଟ କରାଯିବ। ଅଧିବେଶନ ଆରମ୍ଭର ଦୁଇଦିନ ପୂର୍ବରୁ ଏବଂ ଅଧିବେଶନ ଶେଷ ହେବା ଯାଏ ବିଧାୟକମାନେ ଗୃହ ସଂଗରୋଧରେ ରହିବେ। ଅନ୍ୟମାନଙ୍କ ସହ ମିଳାମିଶାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ବିଧାୟକମାନଙ୍କୁ ଫେସସିଲ୍ଡ ମାସ୍କ, ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଗ୍ଲୋଭ୍ସ ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଫେବୃୟାରୀ ୧୪ରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନକୁ ଅଧାରୁ ବନ୍ଦ କରାଯାଇଥିଲା। ବିଧାନସଭା କର୍ମଚାରୀ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାରୁ ବଜେଟ ଅଧିବେଶନ ଶେଷ ପର୍ଯ୍ୟାୟକୁ ବିଧାନସଭାରୁ ଲୋକସେବା କନ୍‌ଭେନ୍‌ସନ୍ ହଲକୁ ସ୍ଥାନାନ୍ତର କରାଯାଇଥିଲା। ମାର୍ଚ୍ଚ ୩୦ରେ ୪୦ ପ୍ରତିଶତ ସଦସ୍ୟଙ୍କୁ ନେଇ ଅଧଘଣ୍ଟିଆ ଅଧିବେଶନ ବସି ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ପାରିତ ହୋଇଥିଲା। ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ସ୍ଥଗିତ ଘୋଷଣା କରାଯାଇଥିଲା।

## ବିତର୍କ ପୂର୍ବରୁ ଟ୍ୟାକ୍ସ...

ପାଇଥାନ୍ତି। କିନ୍ତୁ ବିପୁଳ କ୍ଷତି ହେଉଥିବା ଦର୍ଶାଉଛନ୍ତି, ଯଦ୍ଵାରା ସେ ନିଜକୁ ଟିକସ ଦେବାରେ ରକ୍ଷା କରିପାରନ୍ତି। ବର୍ତ୍ତମାନ ରେକର୍ଡ ଦର୍ଶାଉଛି ଯେ, ସେ ଅଧିକରୁ ଅଧିକ ଅର୍ଥ ଉପାର୍ଜନ ହେଉଥିବା ବ୍ୟବସାୟ ଉପରେ ନିର୍ଭର କରୁଛନ୍ତି। ଏଥିରୁ ସେ ନିଜକୁ ସେଥିରେ ନିମଗ୍ନ କରିଥିବା ଏବଂ ତାଙ୍କ ପାଇଁ ଆର୍ଥିକ ଚ୍ୟାଲେଞ୍ଜ ବଢ଼ିଥିବା ସ୍ପଷ୍ଟ ହେଉଛି। ଫଳରେ ରାଷ୍ଟ୍ରପତି ଭାବେ କାର୍ଯ୍ୟ ତୁଲାଇବା ନେଇ ତାଙ୍କ ଆଗ୍ରହ ଉପରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ବୋଲି ଖବରରେ ଦର୍ଶାଯାଇଛି। ଖବରରେ ପ୍ରକାଶ ପାଇଛି ଯେ, ହ୍ୱାଇଟ୍ ହାଉସ୍‌ରେ ତାଙ୍କର ପ୍ରଥମ ଦୁଇ ବର୍ଷ ମଧ୍ୟରେ ଟ୍ରମ୍ପ ବିଦେଶରୁ ୭.୩ ମିଲିୟନ ଆମେରିକୀୟ ଡଲାର ରାଜସ୍ୱ ପାଇଥିଲେ, ଯାହା ମଧ୍ୟରୁ ଅଧିକାଂଶ ସ୍କଟଲାଣ୍ଡ ଏବଂ ଆୟର୍ଲାଣ୍ଡର ଗଲ୍ଫ ସମ୍ପତ୍ତିରୁ ଆସିଥିଲା। ଫିଲିପାଇନ୍ସ, ଭାରତ ଏବଂ ତୁର୍କୀରୁ ମଧ୍ୟ ସେ ଲାଇସେନ୍ସ କାରବାରରୁ ଯଥାକ୍ରମେ ୩୦ ଲକ୍ଷ, ୨୩ ଲକ୍ଷ ଓ ୧୦ ଲକ୍ଷ ଆମେରିକୀୟ ଡଲାରର ରାଜସ୍ୱ ପାଇଥିଲେ। ଅନ୍ୟପକ୍ଷରେ ନିଜର ଅନେକ ବିଦେଶୀ ବ୍ୟବସାୟକୁ ନେଇ ଟ୍ରମ୍ପ ଟ୍ୟାକ୍ସ ମଧ୍ୟ ଦେଇଛନ୍ତି। ସେଥିମଧ୍ୟରୁ ସେ ଓ ତାଙ୍କ କମ୍ପାନୀ ପାନାମାରେ ୧୫,୫୯୮ ଆମେରିକୀୟ ଡଲାର, ଭାରତରେ ୧,୪୫,୪୦୦ ଆମେରିକୀୟ ଡଲାର ଏବଂ ଫିଲିପାଇନ୍ସରେ ୧,୫୬,୮୨୪ ଆମେରିକୀୟ ଡଲାର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ହ୍ୱାଇଟ୍ ହାଉସ୍‌ରେ ଏକ ଖବରଦାତା ସମ୍ମିଳନୀରେ ଟ୍ରମ୍ପ ପ୍ରକାଶିତ ଖବରକୁ ମିଥ୍ୟା ଦର୍ଶାଇ ଖଣ୍ଡନ କରିଛନ୍ତି। ଏହା ତିଆରି ହୋଇଛି। ପୂର୍ବରୁ ମଧ୍ୟ ସମାନ ଖବର ଦେଖିଛି। ଚାରି ବର୍ଷ ପୂର୍ବେ ତୁମେ ମୋତେ ସମାନ ପ୍ରଶ୍ନ ପଚାରିଥାନ୍ତ। ମୁଁ ଏହାକୁ ନେଇ ମକଦ୍ଦମା କରି ଆଲୋଚନା କରିବା ଉଚିତ ବୋଲି ଟ୍ରମ୍ପ କହିଛନ୍ତି। ଖବରଦାତାମାନଙ୍କୁ ସେ ଆହୁରି କହିଛନ୍ତି ଯେ, 'ମୁଁ ଟିକସ ଦେଇଛି। ମୋର ଟ୍ୟାକ୍ସ ରିଟର୍ନ ଆସିବା ମାତ୍ରେ ତୁମେ ଏହା ଦେଖିବ, ଯାହାର ବର୍ତ୍ତମାନ ଅଡିଟ୍ ଚାଲିଛି। ଆଇଆର୍‌ଏସ୍ ଏବଂ ନ୍ୟୁୟର୍କ ଟାଇମ୍ସକୁ ମଧ୍ୟ ଟ୍ରମ୍ପ ସମାଲୋଚନା କରିଥିଲେ। ଆଇଆର୍‌ଏସ୍ ତାଙ୍କୁ ଭଲ ବ୍ୟବହାର କରୁ ନ ଥିବା ସେ କହିଛନ୍ତି। ସେହିପରି ନ୍ୟୁୟର୍କ ଟାଇମ୍ସ କାହାଣୀ ସୃଷ୍ଟି କରିବାକୁ ଚାହୁଁଛି। ସେମାନେ ଯାହା କରିପାରିବେ ତାହା କରୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି।

## ଇଣ୍ଡିଆ ଗେଟ୍ ସମ୍ମୁଖରେ ଟ୍ରାକ୍ଟର...

ଘୋଷଣା କରିଥିଲା। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ କୃଷି ନୀତିକୁ ବିରୋଧ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂ ଧାରଣାରେ ବସିଛନ୍ତି। ଶହୀଦ ଭଗତ ସିଂହଙ୍କ ଜନ୍ମସ୍ଥାନରେ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଅନେକ ମନ୍ତ୍ରୀ, ବିଧାୟକ ଓ କଂଗ୍ରେସ ପ୍ରଭାରୀ ଧାରଣାରେ ସାମିଲ ହୋଇଛନ୍ତି। ରାଷ୍ଟ୍ରପତି କୃଷି ବିଲ୍‌କୁ ମଞ୍ଜୁରି ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅମରିନ୍ଦର କହିଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ମୋଦି ସରକାରଙ୍କୁ ଟାର୍ଗେଟ କରି ରାଜ୍ୟ ସଭା ଓ ଲୋକ ସଭାରେ ପ୍ରବଳ ବିରୋଧ ସତ୍ତ୍ୱେ କେନ୍ଦ୍ର ସରକାର ତିନୋଟି କୃଷି ବିଧେୟକକୁ ପାରିତ କରି କରିଦେଇଛନ୍ତି, ଯାହାକୁ ଇତିମଧ୍ୟରେ ରାଷ୍ଟ୍ରପତି ଅନୁମୋଦନ କରିଥିବାରୁ ଏହା ଆଇନ୍‌ରେ ପରିଣତ ହୋଇସାରିଛି। ନୂତନ କୃଷି ଆଇନ କୃଷକମାନଙ୍କ ପାଇଁ ମୃତ୍ୟୁର ଆଦେଶ ବୋଲି ରାହୁଲ ଟୁଇଟ୍ କରି କହିଛନ୍ତି। ସେହିପରି ଗୁଜରାଟରେ କୃଷି ଆଇନ୍‌କୁ ବିରୋଧ କରୁଥିବା ପ୍ରାୟ ୧୦୦ଜଣ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଇଥିବା ଜଣାପଡ଼ିଛି। କେରଳ ତ୍ରିସୁର ଏମ୍‌ପି ଟି. ଏନ୍. ପ୍ରଥପନ୍ ନୂତନ କୃଷି ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ କହିଛନ୍ତି ଯେ, ଦି ଫାର୍ମସ(ଏମ୍‌ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଆଇନ୍-୨୦୨୦ ସମ୍ବିଧାନର ଧାରା ୧୪(ସମାନତା ଅଧିକାର), ଧାରା ୧୫(ଭେଦଭାବ ନିଷେଧ) ଏବଂ ଧାରା ୨୧(ଜୀବନ ଓ ସ୍ୱାଧୀନତାର ଅଧିକାର)କୁ ଉଲ୍ଲଂଘନ କରୁଛି। ତେଣୁ ରାଷ୍ଟ୍ରପତି କୃଷି ବିଲ୍‌କୁ ଯେଉଁ ଅନୁମୋଦନ କରିଛନ୍ତି ତାକୁ ଅସାମ୍ବିଧାନିକ ଘୋଷଣା କରିବାକୁ ପ୍ରଥପନ୍ ଆବେଦନରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ କୃଷି ବିଲ୍‌କୁ ନେଇ ରାଜନୀତି କରୁଛି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। କଂଗ୍ରେସର ଏଭଳି କାର୍ଯ୍ୟକୁ ସେ ଦୃଢ଼ ସମାଲୋଚନା କରିଛନ୍ତି। ଦେଶର କୃଷକଙ୍କୁ ବିଭ୍ରାନ୍ତ କରାଯାଉଛି। ହେଲେ କୃଷକମାନେ କଂଗ୍ରେସର ଏହି ଚାଲ୍‌ରେ ପ୍ରଭାବିତ ହେବେ ନାହିଁ। କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଏଭଳି କରାଯାଉଛି ବୋଲି ଜାଭଡେକର କହିଛନ୍ତି।

## ୪ରୁ ଖୋଲିବ...

କର୍ମଚାରୀ ଓ ପର୍ଯ୍ୟଟକଙ୍କ ପାଇଁ କୋଭିଡ୍‌କୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ କେତେକ ଗାଇଡ୍‌ଲାଇନ ଜାରି କରିଛନ୍ତି। ଥଣ୍ଡା, କାଶ, ଜ୍ୱର ଲକ୍ଷଣ ଥିବା ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ କଟକଣା ରଖାଯାଇଛି। ପ୍ରବେଶ ପଥ ପାଖରେ ପର୍ଯ୍ୟଟକଙ୍କ ସମ୍ପୂର୍ଣ୍ଣ ଶରୀରକୁ ସାନିଟାଇଜ୍ କରାଯିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକମାନେ ଜନ୍ତୁ ଏନକ୍ଲୋଜର ଆଗରେ ଥିବା ବ୍ୟାରିକେଡ୍‌କୁ ଛୁଇଁବେ ନାହିଁ ଏବଂ ସାମାଜିକ ଦୂରତ୍ୱକୁ ବଜାୟ ରଖି ପଶୁପକ୍ଷୀଙ୍କୁ ଦେଖିବେ। ନନ୍ଦନକାନନର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ପାଇଁ ହାତସଫା ନିମନ୍ତେ ହ୍ୟାଣ୍ଡୱାଶ ଓ ସାନିଟାଇଜର ରଖାଯିବ। ଏହିଭଳି ନିୟମ ବଟାନିକାଲ ପାଇଁ ଲାଗୁ ହେବାକୁ ଥିବାବେଳେ ବଣଭୋଜିକୁ ଏବେ ବନ୍ଦ କରାଯାଇଛି। ତେବେ ନନ୍ଦନକାନନ ଖୋଲିଲେ ଏକାସଙ୍ଗେ କେତେ ସଂଖ୍ୟକ ପର୍ଯ୍ୟଟକ ପ୍ରବେଶ ଅନୁମତି ମିଳିବ ତାହା ଏବେ ସୁଦ୍ଧା ଜଣାପଡି ନାହିଁ। ପ୍ରଥମଦିନର ପର୍ଯ୍ୟଟକ ସଂଖ୍ୟାକୁ ଆକଳନ କରି ପୁନର୍ବାର ନିଷ୍ପତ୍ତି ନିଆଯିବ ବୋଲି ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାପଗ୍ରହ ଦୃଷ୍ଟ ଚତୁର୍ଥଭାବ ଯୋଗୁଁ ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ଅବଶ୍ୟ ଆର୍ଥିକ ଅଭିବୃଦ୍ଧି, ସକାଳୁଆ ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ,ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

**ବୃଷ** ନୀଚାରୋହୀ ରାଶ୍ୟାଧିପ ହେଲେ ମଧ୍ୟ ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ମଧ୍ୟ ଗୁରୁତର ସମସ୍ୟା ରହିବ ନାହିଁ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ପ୍ରତିବନ୍ଧକ ମଧ୍ୟରେ କାମ ଅଟକି ଯିବା ସଙ୍ଗକୁ ଅର୍ଥ ସମ୍ପର୍କୀୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଶନିଙ୍କ ଦଶମଦୃଷ୍ଟି ପ୍ରଭାବରୁ ପିଲାଙ୍କ ଅଭିଯୋଗକୁ ନେଇ ଅନୁତାପ କରିବାକୁ ପଡିପାରେ। ସହକର୍ମୀଙ୍କ ବାକି ରହିଥିବା ଟଙ୍କା ପଇସାକୁ କେନ୍ଦ୍ର କରି ଅନର୍ଥ ସୃଷ୍ଟି ହୋଇପାରେ।

**କର୍କଟ** ସ୍ୱଗୃହୀ ବକ୍ରୀ ମଙ୍ଗଳ କର୍ମସ୍ଥ ଯୋଗୁ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ବିଗତ ଦିନ ମାନଙ୍କରୁ ରହିଯାଇଥିବା କାମଗୁଡିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ଅସନ୍ତୁଳନ କଥାବାର୍ତ୍ତାରୁ ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସ୍ଥିରତା ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କନ୍ୟା** ଶନି ଦୃଷ୍ଟ ବୁଧ ହେତୁ କାମଗୁଡିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ଯାହା କାମକୁ ଆସିବନାହିଁ। ନିଜର ଆତ୍ମୀୟସ୍ୱଜନଙ୍କ ସମସ୍ୟା ପାଇଁ ଚିନ୍ତା ବଢିପାରେ। ସଭାସମିତି, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା** କର୍ମାଧିପ ନିଜ ଭାବରୁ ଅଷ୍ଟମସ୍ଥ ଯୋଗୁଁ କାମରେ ସଫଳତା ପାଇବା କଷ୍ଟକର ହୋଇପାରେ। ଆପଣ ଏପରି କି ଆଜି ନିଜ ଲୋକମାନଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିବ।

**ବିଛା** ରାଶିରେ ମୁଣ୍ଡ ନ ଥିବା ଗ୍ରହ ଥିବାରୁ ସାବଧାନତା ସହକାରେ କାମ କରିବା ଭଲ ହେବ, ଅନ୍ୟଥା କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ଚତୁର୍ଥଭାବ ଶନିଙ୍କ ଦୃଷ୍ଟିରେ ଥିବାରୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମନସ୍ତାପ ସୃଷ୍ଟି କରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ନିର୍ମାଣ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର** ପାପଗ୍ରହ ମଧ୍ୟସ୍ଥ ଗୁରୁ ହେତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷଶତ୍ରୁତା କାରଣରୁ କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବ। ପୁତ୍ରକନ୍ୟାଙ୍କୁ କେନ୍ଦ୍ରକରି ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି।

**କୁମ୍ଭ** ଶୁକ୍ର ଦୃଷ୍ଟିରେ ଚନ୍ଦ୍ର ହେତୁ ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡିପାରେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିର ବ୍ୟବସାୟ, ବାଣିଜ୍ୟ ମାନ୍ଦା ହେବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ ହେବେ, କିନ୍ତୁ କିଛି ଲାଭ ହେବନି।

**ମୀନ** ବୁଧ ରାଶିଠାରୁ ଅଷ୍ଟମସ୍ଥ ହେତୁ ପରିବାରରେ ସମସ୍ୟା ସମାଧାନ ନ ହେବା କାରଣରୁ ଟେନସନ୍ ବଢିଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣାରୁ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ।

ଆଜି ଆଶ୍ୱିନ ମଳଶୁକ୍ଳପକ୍ଷ ତ୍ରୟୋଦଶୀ ମଙ୍ଗଳବାର,ସେପ୍ଟେମ୍ବର ୨୯ ତାରିଖ,ବିଶ୍ୱ ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ଗୌରୀ କୁମାର ବ୍ରହ୍ମାଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର- ଶତଭିଷା/କୁମ୍ଭ, ମକର ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୦ମି. ଗତେ ଘ.୦୬.୨୮ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୧୧.୧୩ ମି. ମଧ୍ୟେ, ରାତ୍ରି ଘ.୦୭.୫୮ମି.ଗତେ ଘ.୦୮.୪୭ମି. ମଧ୍ୟେ, ଘ.୦୯.୩୫ମି.ଗତେ ଘ.୧୨.୦୧ମି. ମଧ୍ୟେ, ଘ.୦୪.୦୩ମି. ଗତେ ଘ.୦୫.୪୦ମି.ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୩୪ ମି. ଗତେ ଘ.୦୪.୩୯ମି ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

automobile

**SALE**

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175

real estate

**SALE**

Vastu based residential land/ duplex for sale in Bhubaneswar periphery reserved for NRIS, Ministers, MLAs, MPs. Contact: 9439238642, (9439238642) No Broker. D-69764

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313. D-69176

ଭୁବନେଶ୍ୱର, ରଙ୍ଗବଜାର, 2nd BJEM School ନିକଟରେ ଅଗ୍ରିମ boundarywall, Electric ଏବଂ 30feet road sqft- 850/- ଦିଆଯାଉଅଛି। 7008045582, 9692003948. D-18355

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099.** D-69165

Residential/ Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

**Plot sale near AIIMS Hospital, Bhubaneswar with 30' road, 9439206202.** D-69174

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**PURCHASE**

ଭୁବନେଶ୍ୱରରେ ପୂର୍ବାଭିମୁଖୀ ପ୍ଲଟ୍/ ଡୁପ୍ଲେକ୍ସ, ନିକଟବର୍ତ୍ତୀ ଅଞ୍ଚଳରେ ପିଚୁରାସ୍ତା କଡ଼ରେ ଚାଷଜମି ଆବଶ୍ୟକ। ମାଲିକ ଯୋଗାଯୋଗ କରନ୍ତୁ। 6370446556. ଦଲାଲ୍ ନିଷ୍ପ୍ରୟୋଜନ। D-69763

to-let

Two tile flooring room with attached toilet and Modular Kitchen at Madhusudan Nagar near Red Cross building Sachibalaya Marg, Bhubaneswar for family only. Contact: 9861023510. D-61925

healthcare

Newly open SPA centre smart therapist full body massage: 8114970372. D-59964

Rejuvenate and Ayurvedic full body massage by smart therapist. 9348123330. D-69759

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Get good massage for your health the best therapy SPA Station. 7655024727, 8118079281. D-69542

Get refreshment body massage by expert therapist contact for. 9556978408. D-69755

Swarna SPA newly open positively health benefits with expert therapist. 7873794731. D-69756

Newly open SPA centre smart therapist full body massage: 7205187702. D-59963

Refresh your mind and soul with best therapy at Orchid Salon/ Spa, 9937287222. D-69550

Newly open full body massage SPA in Bhubaneswar. Contact: 7205058838. D-69758

Newly open SPA centre smart therapist full body massage: 7846814019. D-59962

**AFFIDAVIT**

By virtue of an affidavit & declare that in the ICSE & CBSE Board Examination Certificate and Mark Sheet, the name of father of Kajal Agarwal has been wrongly reflected as Sujit Agarwal instead of Sujit Kumar Agarwal, such mistake is inadvertent and the correct name of father of Kajal Agarwal is Sujit Kumar Agarwal. D- 18411

**LEGAL NOTICE**

ମୁଁ ସଖୀ ବୈଶାଖ, ସ୍ୱାମୀ- ସ୍ୱର୍ଗତ ଗୋବର୍ଦ୍ଧନ ବୈଶାଖ, ଗ୍ରା- ଭାପୁର ସାମିଲ ପ୍ରଧାନପାଟଣା ହାଲ, ସା- ଝିଣ୍ଟିଶାସନ, ଥା- ବାଲିପାଟଣା, ଜି- ଖୋର୍ଦ୍ଧା, Court of "Zyotsna Ranny Patra" OAS. Exe. Magistrate, BBSRଙ୍କଠାରେ ସତ୍ୟପାଠ କରିଅଛି କି, ଜି- ଖୋର୍ଦ୍ଧା, ଥା- ବାଲିପାଟଣା, ମୌଜା- ଭାପୁର, ଖାତା-୭୭୫/୧୭୨ ଏ୦.୦୩ଡି ସରକାରଙ୍କଠାରୁ ମୁଁ ପାଇଥିବାରୁ ମୋର ଭରଣପୋଷଣ ଓ ଚିକିତ୍ସା ଖର୍ଚ୍ଚ କାରଣରୁ ଏହାକୁ ବିକ୍ରି କରିବାକୁ ସ୍ଥିର କରିଅଛି କି ଏହାପରେ ମୁଁ ସରକାରଙ୍କଠାରେ ଅନ୍ୟ ପ୍ଲଟ୍ ପାଇଁ ଆବେଦନ କରିବି ନାହିଁ। ଏଣୁ ଏହା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଲି। ଧ-୬୯୫୫୧


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୩ ବର୍ଷରେ ବସ୍ତି ହେବ ଆଦର୍ଶ କଲୋନି



ବାଲେଶ୍ୱର ସହରସ୍ଥିତ ଗାନ୍ଧୀ ସ୍ମୃତିଭବନରେ ଆୟୋଜିତ ବସ୍ତି ଉନ୍ନତୀକରଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

- ବିକାଶ ଉପରେ ବସ୍ତିବାସିନ୍ଦାଙ୍କର ଅଧିକାର ରହିଛି: ମୁଖ୍ୟମନ୍ତ୍ରୀ
- ବାଲେଶ୍ୱରରୁ ବସ୍ତି ଉନ୍ନତୀକରଣ କାର୍ଯ୍ୟକ୍ରମ
- ୧ ଲକ୍ଷରୁ ଊର୍ଦ୍ଧ୍ୱ ଭୂମି ଅଧିକାର ପ୍ରମାଣ ପତ୍ର ଆବଣ୍ଟନର ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ)/ ବାଲେଶ୍ୱର ଅଫିସ୍, ୨୮।୯

ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସବୁ ବସ୍ତି ଆଦର୍ଶ କଲୋନିରେ ପରିଣତ ହେବ। ସୋମବାର ଭିଡିଓ କନ୍ଫରେନ୍ସରେ ଫକୀରମୋହନଙ୍କ ଭୂମି, ଓଡିଆ ଭାଷା ସୁରକ୍ଷାର ଭୂମି ବାଲେଶ୍ୱରରୁ ବସ୍ତି ଉନ୍ନତୀକରଣ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସହରରେ ବିକାଶଠାରୁ ଆରମ୍ଭ କରି କୋଭିଡ୍ ଲଢେଇ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବସ୍ତିର ଗରିବ ଲୋକମାନେ ଆଗରେ ରହି କାମ କରୁଛନ୍ତି। ଏହି ଯୋଜନାରେ ବସ୍ତିରେ ବିଜୁଳି, ପିଇବା ପାଣି, ରାସ୍ତା, ଗୋଷ୍ଠୀ କେନ୍ଦ୍ର ଆଦିର ବିକାଶ କରି ବସ୍ତି ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଅଣାଯିବା ସହିତ ଜୀବିକା ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କୋଭିଡ୍ ନିୟମ ପାଳନ ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ବାଲେଶ୍ୱରର ୪୧ ବସ୍ତିର ୨୦୫୪ ଜଣଙ୍କୁ ଏବଂ ସାରା ରାଜ୍ୟର ୧,୦୫,୦୦୦ ବସ୍ତି ଲୋକଙ୍କୁ ଭୂମି ଅଧିକାର ସାର୍ଟିଫିକେଟ(ଏଲଇସି) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଆଗାମୀ ୩ ମାସରେ ୧ ଲକ୍ଷ ୬୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏଲଇସି ଦିଆଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ୧୦୧ ପୌରାଞ୍ଚଳର ୧୭୧୮ ବସ୍ତିର ସାଢେ ୪ ଲକ୍ଷ ଲୋକ ଏଲଇସି ଦ୍ୱାରା ଉପକୃତ ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧୬ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର 'ପରିଚୟ' ର ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ବସ୍ତି ଉନ୍ନତୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାର ଏଓପି ଡକ୍ୟୁମେଣ୍ଟକୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଦିଲ୍ଲୀସ୍ଥିତ ସେଣ୍ଟର ଫର ପଲିସି ରିସର୍ଚ୍ଚ ମଧ୍ୟରେ ଏକ ବୁଝାମଣାପତ୍ର(ଏମଓୟୁ) ସ୍ୱାକ୍ଷର କରାଯାଇଛି। ଏହି ସଂସ୍ଥା କାର୍ଯ୍ୟକ୍ରମର ନଲେଜ ପାର୍ଟନର ଭାବେ ସହାୟତା ଯୋଗାଇବ।

ବାଲେଶ୍ୱରର ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଛନ୍ତି, ସହରର ଅନ୍ୟ ଅଞ୍ଚଳ ସହିତ ବସ୍ତି ଉନ୍ନତୀକରଣ ଯୋଜନା ଓ ତାଲିକା ପ୍ରସ୍ତୁତ ହୋଇସାରିଛି। ବସ୍ତି ଜନସାଧାରଣ ସମାନ ସୁବିଧା ଓ ଅଧିକାର ପାଇପାରିବେ। ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜାଗାମିଶନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା ଏବଂ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି. କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦୀକ୍ଷା'ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ପ୍ରଶଂସା

## କେନ୍ଦ୍ର ଶିକ୍ଷା ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ରାଜ୍ୟଗୁଡ଼ିକରେ ଶିକ୍ଷା କ୍ଷେତ୍ରର ଅଗ୍ରଗତି ନେଇ କେନ୍ଦ୍ର ଶିକ୍ଷା ସଚିବ ଅନିତା କରୁଆଲ୍ ସମୀକ୍ଷା କରିଛନ୍ତି। ସୋମବାର ଭିଡିଓକନ୍ଫରେନ୍ସିଂରେ ସେ ସବୁ ରାଜ୍ୟର ଶିକ୍ଷା ସଚିବ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜାତୀୟ ବିଦ୍ୟାଦାନ କାର୍ଯ୍ୟକ୍ରମ ଅନ୍ତର୍ଗତ 'ଦୀକ୍ଷା'ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କେନ୍ଦ୍ର ଶିକ୍ଷା ସଚିବ ଓଡ଼ିଶାକୁ ଉଚ୍ଚ ପ୍ରଶଂସା କରିଛନ୍ତି। 'ବିଦ୍ୟାଦାନ' କାର୍ଯ୍ୟକ୍ରମରେ ଶିକ୍ଷକଙ୍କଠାରୁ 'ଇ' ଶିକ୍ଷଣ ଭିଡିଓ ଆହ୍ୱାନ କରାଯାଇଥିଲା। ଏଥିରେ ରାଜ୍ୟର ୧୫୫୩ ଶିକ୍ଷକ ଅଂଶଗ୍ରହଣ କରି ନିଜସ୍ୱ ପ୍ରସ୍ତୁତ ଶିକ୍ଷଣ ଭିଡିଓ ବିଦ୍ୟାଦାନ ପୋର୍ଟାଲ୍‌ରେ ପ୍ରଦାନ କରିଥିଲେ। ରାଜ୍ୟସ୍ତରରେ ସମୀକ୍ଷା ପରେ ୧୦୦୭ଟି ଭିଡିଓ ଅନୁମୋଦିତ ହୋଇ ଦୀକ୍ଷାରେ ସଂଯୋଗ କରାଯାଇଛି। ସମ୍ପ୍ରତି ଦୀକ୍ଷାରେ ଶତପ୍ରତିଶତ ପାଠ୍ୟପୁସ୍ତକ କ୍ୟୁଆର୍ କୋଡ୍ ସହିତ ଉପଲବ୍ଧ ଥିବାବେଳେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଶିକ୍ଷଣ ଭିଡିଓ ଉପଲବ୍ଧ ଅଛି। ଦୂରଦର୍ଶନ ଓ ରେଡିଓରେ ପ୍ରସାରିତ ଭିଡିଓ ଓ ଅଡିଓ ଶିକ୍ଷଣୀୟ ପାଠ୍ୟ ବିଷୟଗୁଡ଼ିକ ଦୀକ୍ଷାରେ ଉପଲବ୍ଧ କରାଯାଇଛି। ଏହି ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ଦ୍ୱାରା ସମଗ୍ର ଶିକ୍ଷା ଅଂଶ ପ୍ରଦାନ ଓ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ଅର୍ଥ ବିନିଯୋଗ ପାଇଁ ଓଡ଼ିଶା ପ୍ରଶଂସିତ ହୋଇଥିଲା। ସେହିପରି ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ପାଇଁ ରାଜ୍ୟ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବା ସହ ରାଜ୍ୟ ଟାସ୍କଫୋର୍ସ ଗଠିତ ହୋଇଥିବାରୁ କେନ୍ଦ୍ର ସଚିବ ସନ୍ତୋଷ ପ୍ରକାଶ କରିଥିଲେ। ଆସନ୍ତା ଅକ୍ଟୋବର ୫ ସୁଦ୍ଧା ଜାତୀୟ ଶିକ୍ଷାନୀତି ପ୍ରଣୟନ ଉପରେ ମତାମତ ଦେବା ପାଇଁ ସେ ଅନୁରୋଧ କରିଥିଲେ।

ରାଜ୍ୟର ସମସ୍ତ ଶିକ୍ଷକ ଦୀକ୍ଷା ଆପ୍ ମାଧ୍ୟମରେ ଅକ୍ଟୋବର ୧ରୁ 'ନିଷ୍ଠା' ତାଲିମ ନେବା ପାଇଁ ଓସେପା ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସୂଚନା ଦିଆଯାଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଅଂଶଗ୍ରହଣ କରି ରାଜ୍ୟ ଶିକ୍ଷା କ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କେନ୍ଦ୍ର ସଚିବଙ୍କୁ ଅବଗତ କରାଇଥିଲେ। ଏଥିସହିତ ଓଡ଼ିଶା ଠିକ୍ ସମୟରେ ଅର୍ଥ ବିନିଯୋଗ କରିସାରିଥିବାରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପ୍ରଥମ କିସ୍ତି ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# କମୁଛି ସଂକ୍ରମଣ, ବଢୁଛି ମୃତ୍ୟୁ

**ଭୁବନେଶ୍ୱର, ୨୮।୯(ବ୍ୟୁରୋ):** ଗତ ଦୁଇଦିନ ହେବ ରାଜ୍ୟରେ ସଂକ୍ରମଣ ତଳକୁ ଖସିଥିଲେ ମଧ୍ୟ ଘାତକ ହେବାରେ ଲାଗିଛି କରୋନା। ୨୪ଘଣ୍ଟାରେ ଆଉ ୧୬ ଜୀବନ ଯିବା ପରେ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮ଶହ ଟପିଛି। ନୂଆ ମୃତକଙ୍କ ମଧ୍ୟରେ ବାଲେଶ୍ୱରରୁ ୩ ଥିବାବେଳେ ଭୁବନେଶ୍ୱର, ପୁରୀ ଓ ମୟୂରଭଞ୍ଜରୁ ୨ଜଣ ଲେଖାଏ ଏବଂ ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁରରୁ ଜଣେ ଲେଖାଏ ରହିଛନ୍ତି। କରୋନାଜନିତ ମୃତ୍ୟୁ ୮୧୩କୁ ବୃଦ୍ଧି ପାଇଛି। ଗଞ୍ଜାମରେ ସର୍ବାଧିକ ୨୧୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହା ତଳକୁ ଥିବା ଖୋର୍ଦ୍ଧାରେ ୧୨୮, କଟକ ୬୬, ପୁରୀ ୫୨, ସୁନ୍ଦରଗଡ଼ ୩୯, ରାୟଗଡ଼ା ୩୭, ବାଲେଶ୍ୱର ୨୪, ଗଜପତି ଓ ମୟୂରଭଞ୍ଜରେ ୨୩ ଲେଖାଏ, ବଲାଙ୍ଗୀର, ସମ୍ବଲପୁର ଓ କନ୍ଧମାଳରେ ୨୨ ଲେଖାଏ, ନୟାଗଡ଼ ୨୦, ବରଗଡ଼ ଓ ଭଦ୍ରକରେ ୧୨ ଲେଖାଏ, ମାଲକାନଗିରି ୧୧, ଯାଜପୁର, କୋରାପୁଟ ଓ କେନ୍ଦୁଝରରେ ୧୦ ଲେଖାଏ ମରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

ଅପରପକ୍ଷରେ ରାଜ୍ୟରେ ଆଉ ୩,୨୩୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୯୧୫ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଠାବ କରାଯାଇଥିବାବେଳେ ୧,୩୨୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୫୦୬ଜଣ ଥିବାବେଳେ କଟକ ୩୧୮, ଅନୁଗୋଳ ୧୭୯, ବରଗଡ଼ ୧୩୭, ନବରଙ୍ଗପୁର ୧୨୪, ସମ୍ବଲପୁର ୧୨୦, ମୟୂରଭଞ୍ଜ ୧୧୮, ନୂଆପଡ଼ା ୧୦୬, କେନ୍ଦ୍ରାପଡ଼ା ୧୦୩, ବରଗଡ଼, ସୁନ୍ଦରଗଡ଼ ଓ ରାୟଗଡ଼ାରୁ ୧୦୧ଜଣ ଲେଖାଏ ଏବଂ ବାଲେଶ୍ୱରରୁ ୧୦୦ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ଆଉ ୧୨ଜଣ ଆକ୍ରାନ୍ତ ହୋଇଛନ୍ତି। ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୨,୧୨,୬୦୯ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଆଉ ୪,୦୧୪ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଆରୋଗ୍ୟ ସଂଖ୍ୟା ୧,୭୭,୫୮୫ ଛୁଇଁଛି।



# ବିଶ୍ୱ ହୃତ୍‌ପିଣ୍ଡ ଦିବସ ବିଶେଷ

## ସୁସ୍ଥ ହୃତ୍‌ପିଣ୍ଡ ପାଇଁ...

ଆଜିର ସମୟରେ ଚିନ୍ତାଜନକ ହେଉଛି ହୃଦ୍‌ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ପାଖାପାଖି ୧କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଅସ୍ୱାଭାବିକ ହୃଦ୍‌ରୋଗରେ ମୃତ୍ୟୁ ଘଟୁଛି; ଯାହାର ବଡ଼ କାରଣ ଶାରୀରିକ ପରିଶ୍ରମର ଅଭାବ, ଧୂମ ଓ ନିଶା ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି।



ଅନ୍ତତଃ ପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ। ଅଲିଭ ତେଲ ହୃତ୍‌ପିଣ୍ଡଜନିତ ସମସ୍ୟା ହ୍ରାସ କରିପାରେ। ହଳଦୀରେ ଥିବା କୁର୍କୁମିନ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହୃଦ୍‌ରୋଗର ଆଶଙ୍କାକୁ କମ୍ କରିହେବ। ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ୩୨ ଭାଗ ଦାୟୀ। ତେଣୁ ଶରୀରର ଗଢ଼ଣ ଓ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କିପରି ସନ୍ତୁଳିତ ସ୍ତରକୁ ଆଣିହେବ; ସେଥିନେଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ୩୦ରୁ ୫୦ ବର୍ଷ ଭିତରେ ଓଜନ ବଢ଼ିବାର ଆଶଙ୍କା ଅଧିକ। ଓଜନ ବୃଦ୍ଧି ହୃଦ୍‌ରୋଗ ସହ ବହୁ ରୋଗକୁ ଜନ୍ମ ଦେଇପାରେ। ତେଣୁ କୋଲେଷ୍ଟରଲ୍ ଯୁକ୍ତ ଖାଦ୍ୟ ସହ ଆଳୁ, ଭାତ ଆଦି କମ୍ ଖାଇବା ଆବଶ୍ୟକ। ଫଳ, ଗଜାମୁଗ, ବୁଟ ଓ ଦଲିଆ ଆଦି ଲୋକ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଖାଦ୍ୟ ସୁସ୍ଥ ହୃଦୟ ପାଇଁ ଖୁବ୍ ଉପଯୋଗୀ। ଦ୍ରୁତ ପ୍ରାତଃଭ୍ରମଣ ଖୁବ ଉପଯୋଗୀ। ୱାକିଂ ସ୍ପିଡ୍ ଠିକ୍ ଅଛି ନା ନାହିଁ ତାହା ନିଜେ ଜାଣିପାରିବେ। ଉଦାହରଣ ସ୍ୱରୂପ ଚାଲିବା ବେଳେ ଯଦି କୌଣସି ବାକ୍ୟକୁ ଆରାମରେ କହିପାରୁଛନ୍ତି, ତା'ହେଲେ ଜାଣନ୍ତୁ ଗତି ଧିମା ଅଛି। ଅଧା ବାକ୍ୟ ଠିକ୍‌ରେ କହିପାରୁ ନ ଥିଲେ ଜାଣନ୍ତୁ ଅଧିକ ଅଛି। ଯଦି ବାକ୍ୟଟି କଷ୍ଟରେ କହିପାରୁଛନ୍ତି ତା'ହେଲେ ବୁଝି ନିଅନ୍ତୁ ଗତି ଠିକ୍ ଅଛି। ବୟସ ୫୧ ଛୁଇଁଲେ ଖାଦ୍ୟରେ ସାଲାଡ଼, ସବୁଜ ପନିପରିବା ଓ ଫଳକୁ ପ୍ରାଧାନ୍ୟ ଦିଅନ୍ତୁ। ଅଳ୍ପ ଅଳ୍ପ କରି ଦିନରେ ୬ଥର ଖାଇବା ଦରକାର। ୫୧ ବର୍ଷରୁ ଅଧିକ ବୟସର ଲୋକମାନେ କଠୋର ବ୍ୟାୟାମ ଓ ଅଧିକ ଶାରୀରିକ ପରିଶ୍ରମ କରିବା ଉଚିତ ନୁହେଁ। ଦିନରେ ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲନ୍ତୁ। ବ୍ୟବସ୍ଥିତ ଜୀବନ ଶୈଳୀ ନିଶ୍ଚିତ ଭାବରେ ଆପଣମାନଙ୍କୁ ହୃଦ୍‌ରୋଗରୁ ରକ୍ଷା କରିବ ଏ ବିଶ୍ୱାସ ରଖନ୍ତୁ।

**– ଡା. ଚନ୍ଦ୍ରକାନ୍ତ ମିଶ୍ର**
ହୃଦ୍‌ରୋଗ ବିଶେଷଜ୍ଞ, କଟକ
ମୋ:୯୪୩୭୨୭୮୬୪

## ଏ ବର୍ଷର ବାର୍ତ୍ତା



ସମଗ୍ର ବିଶ୍ୱରେ ହୃଦ୍‌ଜନିତ ସମସ୍ୟା ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୯କୁ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' (ୱାର୍ଲ୍ଡ ହାର୍ଟ ଡେ) ଭାବରେ ପାଳନ କରାଯାଇଥାଏ। ତେବେ ସବୁବର୍ଷ ଅପେକ୍ଷା ଚଳିତ ବର୍ଷର ପରିସ୍ଥିତି ଭିନ୍ନ। ଏବେ ସମଗ୍ର ବିଶ୍ୱକୁ ଚିନ୍ତାରେ ପକାଇ ଦେଇଛି କରୋନା ମହାମାରୀ। ଏହା ଆଗକୁ କେଉଁ ରୂପ ନେବ ତାହା ହୁଏତ ଜଣାନାହିଁ। ବିଶେଷ ଭାବେ ହୃଦ୍‌ରୋଗୀ କରୋନା ଭାଇରସ ଦ୍ୱାରା ସଂକ୍ରମିତ ହେଲେ ଏମାନଙ୍କ ବଞ୍ଚିବା ହାର କମ ରହୁଥିବା କୁହାଯାଉଛି। ମଧୁମେହ, ଉଚ୍ଚ ରକ୍ତଚାପ, ଧୂମପାନ, ମେଦବହୁଳତା ହୃଦରୋଗର କାରଣ ବୋଲି ଚିକିତ୍ସକ କୁହନ୍ତି। ତେଣୁ ଏବେଠାରୁ ଆମେ ଆମ ହାର୍ଟର ଯତ୍ନ ନେବା ଆବଶ୍ୟକ। ଚଳିତବର୍ଷ ଏହି ଦିବସର ଥିମ ରହିଛି 'ୟୁଜ ଲଭ୍ ହାର୍ଟ ଟୁ ବିଟ୍ ହାର୍ଟ ଆଟାକ୍'। ଅର୍ଥାତ୍ ଆମେ ଆମ ହାର୍ଟକୁ ଏପରି ଭଲ ପାଇବା ଆଉ ଯତ୍ନ ନେବା ଯେପରି ହାର୍ଟ ଆଟାକ୍‌ଠାରୁ ଆମେ ନିଜକୁ ଦୂରେଇ ରଖିପାରିବା। କରୋନା ମହାମାରୀ ସମୟରେ ୱାର୍ଲଡ ହାର୍ଟ ଫେଡେରେଶନ କହିଛି ସକାରାତ୍ମକ ଚିନ୍ତାଧାରା ଆପଣଙ୍କ ହାର୍ଟକୁ ସୁସ୍ଥ ରଖିପାରିବ।

## ହାତ ପାଆନ୍ତାରେ ଉପାୟ

ହୃତ୍‌ପିଣ୍ଡ ବା ହାର୍ଟକୁ ସୁସ୍ଥ ରଖିବାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ସେହି ଉପାୟଟି କ'ଣ ଜାଣନ୍ତି ? ହସିବା। ଅର୍ଥାତ୍, ହସିବା ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆର ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ହସିବା ଏକ ଭଲ ବ୍ୟାୟାମ। ଏହାଦ୍ୱାରା ଜଣେ ବ୍ୟକ୍ତି ଅନେକାଂଶରେ ସୁସ୍ଥ ରହିଥାଏ। ତେବେ ଏହାର ପ୍ରଭାବ ହୃତ୍‌ପିଣ୍ଡ ଉପରେ କିପରି ପଡୁଛି ସେ ସମ୍ପର୍କରେ ଜାଣିବା ପାଇଁ ଉକ୍ତ ୟୁନିଭର୍ସିଟି ପକ୍ଷରୁ 'ହସ ଏବଂ ହୃତ୍‌ପିଣ୍ଡ' ଶୀର୍ଷକ ବିଷୟକୁ ନେଇଏକ ସର୍ଭେ କରାଯାଇଥିଲା। ଯେଉଁମାନେ ଅଧିକାଂଶ ସମୟ ହସୁଥିଲେ କିମ୍ବା ଖୁସିର ମାହୋଲ ଭିତରେ ରହୁଥିଲେ ସେମାନଙ୍କର ହୃତ୍‌ପିଣ୍ଡ ପୂର୍ବାପେକ୍ଷା ସକ୍ରିୟ ଭାବରେ କାମ କରୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।







## ହୃଦ୍‌ରୋଗୀ ନିଜକୁ ଦେଇ ପାରିବେ ସୁରକ୍ଷା



**ଭୁବନେଶ୍ୱର:** ବର୍ତ୍ତମାନର କରୋନା ମହାମାରୀ ସମୟରେ ହୃଦ୍‌ରୋଗରେ ପୀଡ଼ିତ ବ୍ୟକ୍ତି ଚିକିତ୍ସାରେ କୌଣସି ପ୍ରକାର ବିଳମ୍ବ କରିବା ଉଚିତ ନୁହେଁ। ବିଶ୍ୱ ହୃତ୍‌ପିଣ୍ଡ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର ବରିଷ୍ଠ କନ୍‌ସଲ୍‌ଟାଣ୍ଟ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ଡା.ଗିରିଧର ଜେନାଙ୍କ ସମେତ ଅଗ୍ରଣୀ କାର୍ଡିଓଲୋଜିଷ୍ଟଙ୍କ ଏକ ଗୋଷ୍ଠୀ ପକ୍ଷରୁ ବିବୃତ୍ତିରେ କୁହାଯାଇଛି।

ହୃଦ୍‌ରୋଗରେ ପୀଡ଼ିତ ଥିବା ବ୍ୟକ୍ତି ଶାରିରୀକ, ମାନସିକ ଭାବେ ନିଜର ଅଧିକ ଯତ୍ନ ନେବା ଦରକାର। ଏଥିସହ " ବ୍ୟାୟାମ କରିବା, ଯୋଗାଭ୍ୟାସ, ପୁଷ୍ଟିକର ଖାଦ୍ୟ, ନିଦ୍ରା, ଔଷଧ ନିୟମିତ ଖାଦ୍ୟ, ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ସାମାଜିକ ଦୂରତ୍ୱ ମାନି ଚଳିବା ଏବଂ ସକାରାତ୍ମକ ମନୋଭାବ ଦ୍ୱାରା ହୃଦ୍‌ରୋଗୀମାନେ ନିଜକୁ ସୁସ୍ଥ ରଖିବା ସହ କରୋନା ସଂକ୍ରମଣରୁ ମଧ୍ୟ ନିଜକୁ ସୁରକ୍ଷା ଦେଇପାରିବେ ବୋଲି କୁହନ୍ତି ମୁଖ୍ୟ ହୃଦ୍‌ରୋଗ ବିଶେଷଜ୍ଞ ଡା. ତ୍ରିପାଠୀ।"

ଅପରପକ୍ଷରେ ଏକ ତଥ୍ୟ ଅନୁସାରେ ଏବେ ହସ୍ପିଟାଲଗୁଡ଼ିକରେ ଜଟିଳ ହୃଦ୍‌ଘାତ ଆନ୍ତଃରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। ତେବେ ଏହା ଏଭଳି ଏକ ଜଟିଳ ମେଡିକାଲ ସମସ୍ୟା ଯେଉଁଥିପାଇଁ ଜୀବନ ରକ୍ଷାକାରୀ ଚିକିତ୍ସା ଦରକାର। ଏସମ୍ପର୍କରେ ଡା.ଜେନା, କୁହନ୍ତି "କୋଭିଡ୍-୧୯ ମହାମାରୀ ଆରମ୍ଭ ହେବା ଦିନଠାରୁ ହୃଦ୍ ଓ ତତ୍‌ସମ୍ବନ୍ଧୀୟ ରୋଗରେ ପୀଡ଼ିତ ପ୍ରାୟ ଅଧା ରୋଗୀ ମେଡିକାଲ୍ ଚିକିତ୍ସା ପାଇବାକୁ କଷ୍ଟକର ଅନୁଭବ କରୁଛନ୍ତି। ହସ୍ପିଟାଲରେ ଭର୍ତ୍ତି ହେଉଥିବା ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ହୃଦ୍‌ଘାତ ଯୋଗୁଁ ଘରେ ରହି ମୃତ୍ୟୁମୁଖରେ ପଡୁଥିବା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚିନ୍ତାର କାରଣ ହେଉଛି ଗମ୍ଭୀର ହୃଦ୍ ସମସ୍ୟା ସତ୍ତ୍ୱେ ରୋଗୀମାନେ ଚିକିତ୍ସାରେ ବିଳମ୍ବ କରୁଛନ୍ତି ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଆହୁରି ବିଗାଡ଼ି ଦେଉଛି।"

“ ସଂସାରରେ କର୍ମର ଗତି ବଡ ଗହନ। ଅବତାର ଶ୍ରୀରାମ ଯେତେବେଳେ ବାଳୀକୁ ହତ୍ୟାକଲେ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୁକ୍ତ କରିବା ଲାଗି ନିଜର ମାମୁଁ କଂସକୁ ବଧ କଲେ– କିଏ କହିବ– ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଇ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। –ଶ୍ରୀଅରବିନ୍ଦ

# ଭୟର ପାଣ୍ଠି

ଭାରତରେ କୋଭିଡ୍–୧୯ ବ୍ୟାପିବା ପରେ ୨୮ ମାର୍ଚ୍ଚ ୨୦୨୦ରେ ପ୍ରାଇମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ୍ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚ୍ୟୁଏସନ୍ସ ବା ପିଏମ୍ କେୟାର୍ସ ଫଣ୍ଡ୍ ଗଠନ କରାଯାଇଥିଲା। କରୋନା ଭାଇରସ୍ ସଂକ୍ରମଣ ରୋକିବା ଓ ଆକ୍ରାନ୍ତଙ୍କୁ ସହାୟତା ଯୋଗାଇ ଦେବା ଏବଂ ଭବିଷ୍ୟତରେ ସମାନ ଧରଣର ମହାମାରୀ ସ୍ଥିତି ଦେଖାଦେଲେ ତାହାର ମୁକାବିଲା ଦିଗରେ ଏହି ପାଣ୍ଠି ବିନିଯୋଗ କରାଯିବ ବୋଲି ଏହାର ଗଠନ ଦିନରେ ଘୋଷଣା କରାଯାଇଥିଲା। କିନ୍ତୁ ପରେ ପ୍ରଶ୍ନ ଉଠାଯାଇଥିଲା ଯେ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ଫଣ୍ଡ୍ (ପିଏମ୍‌ଏନ୍‌ଆର୍‌ଏଫ୍) ଥିବା ସତ୍ତ୍ୱେ ପିଏମ୍ କେୟାର୍ସର ଆବଶ୍ୟକତା କାହିଁକି ପଡ଼ିଲା। କେନ୍ଦ୍ର ସରକାର ଏ ବିଷୟକୁ କର୍ଣ୍ଣପାତ କଲେ ନାହିଁ। ତେଣୁ କେତେକେ ସୁପ୍ରିମକୋର୍ଟରେ ଆବେଦନ କଲେ ଯେ, ପିଏମ୍ କେୟାର୍ସ ଫଣ୍ଡ ଦ୍ୱାରା ସଂଗୃହୀତ ଅର୍ଥ ପିଏମ୍‌ଏନ୍‌ଆର୍‌ଏଫ୍‌କୁ ହସ୍ତାନ୍ତର କରାଯାଉ। ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ଆବେଦନକୁ ଖାରଜ କରିଦେଇ ପିଏମ୍ କେୟାର୍ସ ଫଣ୍ଡରୁ ଅର୍ଥ ପିଏମ୍‌ଏନ୍‌ଆର୍‌ଏଫ୍‌କୁ ସ୍ଥାନାନ୍ତର ବା ଉଭୟ ପାଣ୍ଠି ମଧ୍ୟରେ ମିଶ୍ରଣ ହୋଇପାରିବ ନାହିଁ ବୋଲି ରାୟ ଦେବା ପରେ ପିଏମ୍ କେୟାର୍ସ ଫଣ୍ଡ୍ ବିଧିବଦ୍ଧ ପରିଚୟ ପାଇଗଲା। ଅର୍ଥାତ୍ ପିଏମ୍ କେୟାର୍ସ ଫଣ୍ଡ୍‌କୁ ପ୍ରଶ୍ନ କରିହେଉ ନାହିଁ। ଏଥିସହିତ ଏହା ମଧ୍ୟ ଉଲ୍ଲେଖ କରିବାକୁ ହେବ ଯେ, ପିଏମ୍‌ଏନ୍‌ଆର୍‌ଏଫ୍ ବିଧିବଦ୍ଧ ଭାବେ ପଞ୍ଜୀକୃତ ହୋଇ ନ ଥିଲା ବୋଲି କୁହାଯାଉଛି। ସେହିଭଳି ପିଏମ୍‌ଏନ୍‌ଆର୍‌ଏଫ୍‌ରେ ଥିବା ସଦସ୍ୟମାନଙ୍କ ବୈଠକ ୧୯୮୦ରୁ ଆୟୋଜିତ ହୋଇ ନ ଥିବା ମଧ୍ୟ କୁହାଯାଉଛି।

ଏବେ ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ମିଳିଥିବା ଏକ ତଥ୍ୟରୁ ଜଣାପଡ଼ିଛି ଯେ, କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇଠାରୁ ଆରମ୍ଭ କରି ଏସ୍‌ବିଆଇ ସମେତ ୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଜୀବନ ବୀମା ନିଗମ (ଏଲ୍‌ଆଇସି) ଭଳି ସଂସ୍ଥା ସେମାନଙ୍କ କର୍ମଚାରୀଙ୍କ ଦରମା ଓ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପାଣ୍ଠିରୁ ପ୍ରାୟ ୨୦୫ କୋଟି ଟଙ୍କା ପିଏମ୍ କେୟାର୍ସ ଫଣ୍ଡ୍‌କୁ ଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସିଏସ୍‌ଆର୍ ପାଣ୍ଠି ସମ୍ପୃକ୍ତ ସଂସ୍ଥା ଯେଉଁଠାରେ ତା’ର କାରଖାନା ବସାଇଥାଏ ବା ସେବା ଯୋଗାଇ ଦେଉଥାଏ ସେହି ଅଞ୍ଚଳର ସାମାଜିକ ଭିତ୍ତିଭୂମି ଉନ୍ନୟନ ଦିଗରେ ବ୍ୟୟ କରିଥାଏ। ଯେଉଁ ହିସାବରେ ସିଏସ୍‌ଆର୍ ଅର୍ଥ ପିଏମ୍ କେୟାର୍ସକୁ ଦାନ କରାଗଲା, ତାହା ଦ୍ୱାରା କମ୍ପାନୀ କରିବାକୁ ଥିବା ଭିତ୍ତିଭୂମି ଉନ୍ନୟନ ନିଶ୍ଚିତ ବାଧାପ୍ରାପ୍ତ ହୋଇପାରେ ବା ସେଥିଲାଗି ଟଙ୍କା ଅଭାବ ଦେଖା ଦେବାର ଯଥେଷ୍ଟ ଆଶଙ୍କା ରହୁଛି। ସେହିଭଳି ସରକାରୀ ସଂସ୍ଥା ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀ ଏବଂ କେତେକ ଶିକ୍ଷାନୁଷ୍ଠାନରୁ ଶିକ୍ଷକ, ଅଣ–ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦିଆଯାଇଥିବା ଅର୍ଥ ସ୍ୱଇଚ୍ଛାରେ ଯାଇଥିବ ବୋଲି ବିଶ୍ୱାସ ହେଉନାହିଁ। ଅନ୍ୟ କାହାରିକୁ ଆର୍ଥିକ ସାହାଯ୍ୟ କଲାବେଳେ ସ୍ୱତଃପ୍ରବୃତ୍ତ ସହାୟତାର ହାତ ବଢ଼ାଇବାକୁ ଇଚ୍ଛା ହୁଏ, କେହି ବାଧ କଲେ ଇଚ୍ଛା ହୁଏ ନାହିଁ। ଏହାକୁ କର୍ମଚାରୀମାନେ ଯେତେ ଅସ୍ୱୀକାର କଲେ ମଧ୍ୟ ତା’ ପଛରେ ଚାପର ଆଶଙ୍କା ରହିଥାଇପାରେ। ସମ୍ଭବତଃ ଉପରଲିଖିତ ସଂସ୍ଥାର ମୁଖ୍ୟଆମାନଙ୍କୁ ନିର୍ଦ୍ଦେଶ ଆସିଥିବ ପିଏମ୍ କେୟାର୍ସ ପାଣ୍ଠି ପାଇଁ ଅର୍ଥ ସଂଗ୍ରହ କରିବା ପାଇଁ। କାରଣ ପିଏମ୍‌ଏନ୍‌ଆର୍‌ଏଫ୍ ସକାଶେ ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ନିଜ ଇଚ୍ଛାରେ ସକ୍ଷମତା ଅନୁଯାୟୀ ଦାନ କରିଥାଆନ୍ତି। ଯେହେତୁ ପିଏମ୍ କେୟାର୍ସ ଫଣ୍ଡର କାର୍ଯ୍ୟଧାରା ଉପରେ ଲୋକେ ଅବଗତ ହୋଇ ନାହାନ୍ତି, ସେହି ପାଣ୍ଠିକୁ ସ୍ୱତଃସ୍ଫୂର୍ତ୍ତ ଦାନ ଦେବାକୁ କୁଣ୍ଠା ପ୍ରକାଶ ପାଇବା ସ୍ୱାଭାବିକ।

୨୦୧୬ର ବିମୁଦ୍ରୀକରଣ ପରେ ଦେଶର ଅର୍ଥନୀତି ଦୁର୍ବଳ ହୋଇଥିଲା। ୨୦୧୭ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରାଯାଇ ଏହାର ସୁଫଳ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପାଇବେ ବୋଲି ଯାହା କୁହାଯାଇଥିଲା, ତାହାର ବାସ୍ତବ ସ୍ଥିତି ପଦାରେ ପଡ଼ିଯାଇଛି। ରାଜ୍ୟଗୁଡ଼ିକ ସେମାନଙ୍କ ଜିଏସ୍‌ଟି ଅଂଶ ନ ପାଇ ଏବେ କେଉଁ ଭାବେ ଋଣ ନେବେ ସେଥିପାଇଁ ବ୍ୟସ୍ତ। ପୁଣି କେନ୍ଦ୍ର ଜିଏସ୍‌ଟି ନାମରେ ସଂଗୃହୀତ ପାଣ୍ଠିକୁ ଅନ୍ୟତ୍ର ବ୍ୟୟ କରିଦେଇଥିବା ନିକଟରେ କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିଭଳି ବିମଲ ଜାଲାନଙ୍କ ନେତୃତ୍ୱରେ ଗଠିତ ବିଶେଷଜ୍ଞ କମିଟିର ସୁପାରିସ ଅନୁଯାୟୀ ୨୦୧୯ ଅଗଷ୍ଟରେ ଆର୍‌ବିଆଇ ତା’ର ବଳକା ଅର୍ଥ ୧ ଲକ୍ଷ ୭୬ ହଜାର କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେବାକୁ ନିଷ୍ପତ୍ତି ନେଇଥିଲା। ଅର୍ଥାତ୍ ଆର୍‌ବିଆଇ ଟଙ୍କା ମଧ୍ୟ ଚାଲିଗଲାଣି। ଏହିଭଳି ଭାବେ କେନ୍ଦ୍ର ଚାରିଆଡ଼ୁ ରାଙ୍କାଣିଆ ହୋଇ ଅର୍ଥ ରାମ୍ପିବାରେ ଲାଗିପଡ଼ିଛି। ଏଥିସହିତ ପିଏମ୍ କେୟାର୍ସ ପାଣ୍ଠିରୁ କିଣା ହେଉଥିବା ଭେଣ୍ଟିଲେଟରକୁ ନେଇ ଅନେକ ପ୍ରଶ୍ନ ଉପୁଜିଲାଣି। ଏଥିରୁ ସହଜରେ ବୁଝି ହେଉଛି ଯେ, ଆର୍ଥିକ ପରିଚାଳନାରେ କେନ୍ଦ୍ର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ଏବେ ଯେତେବେଳେ କୋଭିଡ୍ ମହାମାରୀ ପରିଚାଳନା ସହ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି କେନ୍ଦ୍ର ସରକାର ଆଇନଗତ ହେଉ ବା ବେଆଇନ ଭାବେ ପାଣ୍ଠି କେଉଁଠୁ ଆସିବ ସେହି ଚିନ୍ତାରେ ପଡ଼ିଯାଇଛି। ଯାହା ଦେଖା ଦେଲାଣି ଆଗକୁ ସ୍ଥିତି ଆହୁରି ବିଷମ ହୋଇପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୯୫

- ଲ୍ୟାଣ୍ଡମାଇନ ଉତ୍ପାଦନକୁ ନିଷିଦ୍ଧ କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ଚାଲିଥିବା ଅଭିଯାନକୁ ଚାଇନା ଓ ରୁଷିଆର ଅକୁଣ୍ଠ ସମର୍ଥନ।
- ଜାମସେଦପୁରସ୍ଥିତ ଓରାଓଁ ବସ୍ତି ଅଞ୍ଚଳରେ ବିଷାକ୍ତ ମଦ ପିଇ ୨୬ ଜଣ ପ୍ରାଣ ହରାଇଛନ୍ତି।
- ଅବହେଳିତ କନ୍ଧମାଳ ଜିଲାକୁ ପଛୁଆ ଜିଲା ରୂପେ ଘୋଷଣା ଦାବିକରି ପାହାଡ଼ି ସଂଗ୍ରାମ ମଞ୍ଚର ଅଧ୍ୟକ୍ଷ ନେତ୍ରାନନ୍ଦ ମାନସେଠ୍‌ଙ୍କ ନେତୃତ୍ୱରେ ଭୁବନେଶ୍ୱରକୁ ସାଇକେଲ ଶୋଭାଯାତ୍ରା।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | 5 | B | | | | | | 1 | | | 0 | 7 | |
| E | | | | D | | | | | | 7 | | 5 | | |
| | | | | | | | | | 4 | 8 | | 1 | C | |
| C | 3 | | 5 | | | E | | A | | | | | | 6 |
| | | 2 | | | | C | 7 | | | 6 | | | | E |
| | 1 | | D | | 4 | | | | 9 | | | | | 8 |
| | | | | 7 | | | | D | | | 5 | | | |
| 8 | A | C | | 3 | | | | 2 | | | | | 1 | |
| | B | D | 9 | | | A | | 0 | C | | | | | |
| 6 | | | 8 | | | | 1 | 3 | B | | 7 | 9 | A | 4 |
| 2 | | | | | | | | | | B | | | | 7 |
| | | | | 4 | | D | | 6 | | 2 | | | E | |
| 0 | | | | | 8 | | | 7 | | 9 | | 6 | D | A |
| | | 6 | | | 1 | | 4 | E | | | D | B | 0 | |
| | | 9 | | | 6 | 0 | | | | | 1 | | 8 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | C | A | 4 | 3 | 7 | 0 | 6 | 8 | 5 | D | B | 2 | 1 | 9 |
| 6 | 0 | 7 | 8 | D | C | 2 | 4 | 9 | E | 3 | 1 | A | 5 | B |
| 1 | 8 | B | 6 | 9 | A | 3 | 5 | D | C | 2 | 7 | 0 | E | 4 |
| D | 5 | 4 | 2 | 0 | E | B | C | 1 | 9 | A | 8 | 7 | 6 | 3 |
| 2 | 3 | 9 | 5 | B | 1 | 7 | E | A | 4 | 6 | 0 | 8 | C | D |
| 3 | E | 0 | A | 1 | D | 8 | 2 | 6 | B | 5 | 9 | C | 4 | 7 |
| C | 2 | 8 | 3 | 5 | 9 | 4 | B | 0 | 1 | 7 | A | 6 | D | E |
| 4 | 1 | D | B | 6 | 8 | A | 7 | C | 3 | E | 2 | 5 | 9 | 0 |
| B | 7 | 6 | 0 | E | 4 | 9 | 1 | 5 | 8 | C | D | 3 | A | 2 |
| 9 | A | 5 | 7 | C | 2 | E | D | 3 | 6 | 0 | 4 | B | 8 | 1 |
| 0 | 6 | 2 | 9 | 8 | 5 | D | 3 | E | 7 | 1 | C | 4 | B | A |
| 8 | 9 | E | 1 | 4 | 0 | 5 | A | 7 | 2 | B | 6 | D | 3 | C |
| 5 | B | 3 | C | A | 6 | 1 | 0 | 2 | D | 4 | E | 9 | 7 | 8 |
| A | 4 | 1 | D | 7 | 3 | C | 9 | B | 0 | 8 | 5 | E | 2 | 6 |
| 7 | D | C | E | 2 | B | 6 | 8 | 4 | A | 9 | 3 | 1 | 0 | 5 |

ଗତକାଲିର ଉତ୍ତର

# କର୍ପୋରେଟୀକରଣ କୃଷି ସଙ୍କଟର ସମାଧାନ ନୁହେଁ



ଭାଲଚନ୍ଦ୍ର ଷଡ଼ଙ୍ଗୀ

କରୋନା ମହାମାରୀ ଓ ଲକ୍‌ଡାଉନ୍‌ର ଦୋହରା ମାଡ଼ର ଶିକାର କୃଷକ ଶ୍ରେଣୀ ଭୟଙ୍କର ଦୁର୍ଦ୍ଦଶା ଭିତରେ ଥିବାବେଳେ କେନ୍ଦ୍ର ସରକାରଙ୍କ ତିନୋଟି କୃଷି ବିଲ୍ ‘ବେଡ଼ି ଉପରେ କୋରଡ଼ା ମାଡ଼’ ପରି ହୋଇଛି। ଗତ ଛଅ ବର୍ଷର ଶାସନ କାଳରେ ସରକାର ଦେଶର କୃଷି ସଙ୍କଟକୁ ଦୂର କରିବା ଦିଗରେ କୌଣସି ପଦକ୍ଷେପ ତ ନେଲେନି ବରଂ ସେଥିରୁ ମୁକୁଳିବା ନାଁରେ କୃଷିକ୍ଷେତ୍ରକୁ ଶେଷରେ ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କ ପାଇଁ ସମ୍ପୂର୍ଣ୍ଣ ରୂପେ ଖୋଲିଦେଲେ। କର୍ପୋରେଟମାନେ ବିନା କୌଣସି ବାଧାରେ କୃଷିରେ ସେମାନଙ୍କ ପୁଞ୍ଜିନିବେଶ କରି ବିପୁଳ ମୁନାଫା କମାଇବାର ରାସ୍ତା ପରିଷ୍କାର ହୋଇଯିବ। ତେବେ ସରକାରଙ୍କ ଉପରୋକ୍ତ ପଦକ୍ଷେପ ଦ୍ୱାରା ଦେଶର କୃଷକମାନେ ଅଧିକ ଦୁର୍ଦ୍ଦଶାଗ୍ରସ୍ତ ହେବା ସହ କୃଷିରୁ ହିଁ ବିତାଡ଼ିତ ହୋଇଯିବାର ଆଶଙ୍କା ଯୋଗୁ ଦେଶବ୍ୟାପୀ କୃଷକମାନେ ରାସ୍ତାକୁ ଓହ୍ଲାଇବା ଦେଖାଯାଇଛି।

ଏଠାରେ ପ୍ରଶ୍ନ ଉଠେ ଯେ ଆଜି କୃଷିର କର୍ପୋରେଟୀକରଣ ପାଇଁ ସରକାର ଏତେ ବ୍ୟାକୁଳ କାହିଁକି? ସରକାର ଓ ତାଙ୍କ ସହିତ ଜଡ଼ିତ ଅର୍ଥନୀତିଜ୍ଞମାନଙ୍କ ଧାରଣା ଯେ ମୁକ୍ତ ବଜାର ଜରିଆରେ ହିଁ ଦେଶର କୃଷି ସଙ୍କଟକୁ ସମାଧାନ କରାଯାଇ ପାରିବ। ଏହି ଚିନ୍ତାର ଆଧାରରେ ହିଁ ସରକାର ତିନୋଟି କୃଷି ବିଲ୍ ଆଣିଛନ୍ତି। ସେଥିରେ କୃଷି ଉତ୍ପାଦନ, କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ, କ୍ରୟ ବିକ୍ରୟ, ପ୍ରକ୍ରିୟାକରଣ ଆଦି ସମସ୍ତ କ୍ଷେତ୍ରରେ ଏଣିକି ସରକାରଙ୍କ ଭୂମିକାକୁ ସମାପ୍ତ କରି କମ୍ପାନୀଗୁଡ଼ିକୁ ଅବାଧ ସୁଯୋଗ ପ୍ରଦାନ କରାଯାଇଛି। ସରକାରଙ୍କ ପ୍ରଚାର ହେଉଛି ଯେ ଉପରୋକ୍ତ ବିଲ୍ ଫଳରେ ଦେଶରେ ଗୋଟିଏ ଏକକ କୃଷି ବଜାର ପ୍ରତିଷ୍ଠା ହେବ। କୃଷିଜାତ ଦ୍ରବ୍ୟର ସଂଗ୍ରହରେ ଥିବା ଦଲାଲ ବ୍ୟବସ୍ଥାର ଉଚ୍ଛେଦ ହେବ, କମ୍ପାନୀଗୁଡ଼ିକ ଆସିବା ଫଳରେ ଚାଷୀମାନେ ନିଜର ଉତ୍ପାଦର ଭଲ ଦାମ୍ ପାଇବେ ଏବଂ କୃଷି ଉତ୍ପାଦନରେ ବୃଦ୍ଧି ଘଟିବ। କିନ୍ତୁ ଏଭଳି ଯୁକ୍ତି ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ ମନେହୁଏ। କାରଣ ସରକାରୀ ମଣ୍ଡିରେ କିଣାବିକା ବନ୍ଦ ହେଲେ ଯେଉଁ ଦଲାଲମାନେ ଉଚ୍ଛେଦ ହେବେ ନୂଆ ବ୍ୟବସ୍ଥାରେ ତା’ଠାରୁ ବଡ଼ ଦଲାଲଙ୍କ ଆବିର୍ଭାବ ହେବ। କମ୍ପାନୀର ମାଲିକମାନେ କଦାପି ସିଧାସଳଖ ଚାଷୀଙ୍କ ପାଖକୁ ଯାଇ ସେମାନଙ୍କ କୃଷିଜାତ ଦ୍ରବ୍ୟ କିଣିବେ ନାହିଁ।

ତେବେ କୃଷିକ୍ଷେତ୍ରରେ ମୁକ୍ତ ବଜାରର ଏହି ନୀତିଟି ଆଦୌ ନୂଆ ନୁହେଁ। ଆମଠାରୁ ଢେର ଆଗରୁ ଦୀର୍ଘ ଛଅ ସାତ ଦଶକ ଧରି ଆମେରିକା ଓ ୟୁରୋପର ଦେଶମାନେ ଏହି ନୀତିକୁ ଅବଲମ୍ବନ କରି ଆସିଛନ୍ତି। ସେଠାରେ କମ୍ପାନୀ ପାଇଁ କୃଷିଜାତ ପଦାର୍ଥର କ୍ରୟବିକ୍ରୟ, ଭଣ୍ଡାରଣ ଏବଂ ମୂଲ୍ୟ ନିର୍ଦ୍ଧାରଣ ଆଦି ସମସ୍ତ କ୍ଷେତ୍ରରେ କୌଣସି ସରକାରୀ ନିୟନ୍ତ୍ରଣ କିମ୍ବା ସୀମା ନାହିଁ। ସେଠାକାର କୃଷକ କେବଳ ନିଜ ଦେଶରେ ନୁହେଁ ବରଂ ବିଶ୍ୱର ଯେକୌଣସି ସ୍ଥାନକୁ ନିଜର ଉତ୍ପାଦକୁ ରପ୍ତାନି କରିପାରିବାର ସୁଯୋଗ ରହିଛି। କିନ୍ତୁ ଏତେସବୁ ନୀତିଗତ ଉଦାରତା ଏବଂ ବିପୁଳ ସବ୍‌ସିଡି ସତ୍ତ୍ୱେ ସେଠାକାର କୃଷି ଏବଂ କୃଷକ ଭୟଙ୍କର ସଙ୍କଟରେ ରହିଛନ୍ତି କାହିଁକି? ଆମେରିକା ସରକାରଙ୍କ ଗତ କିଛି ବର୍ଷ ଧରି ବିଭିନ୍ନ ତଥ୍ୟ ଓ ଅଧ୍ୟୟନରୁ ଗୋଟିଏ କଥା ସ୍ପଷ୍ଟ ଯେ ସେଠାକାର କୃଷି ଆମ ଦେଶ ଭଳି ସଙ୍କଟ ଦେଇ ଗତି କରୁଛି। ନିକଟରେ ଆମେରିକାର କୃଷି ବିଭାଗର ମୁଖ୍ୟ ଅର୍ଥନୀତିଜ୍ଞ ସ୍ୱୀକାର କରିଛନ୍ତି ଯେ, ସେଠାକାର କୃଷକମାନଙ୍କ ଆୟ ଲଗାତର ହ୍ରାସ ପାଇବାରେ ଲାଗିଛି। ଚଳିତବର୍ଷ ଆମେରିକାର କୃଷକମାନଙ୍କ ଉପରେ ଋଣଭାର ୪୨୫ ବିଲିଅନ୍ ଡଲାରରେ ଯାଇ ପହଞ୍ଚିଛି। କୃଷି ସଙ୍କଟ କାରଣରୁ ବି ସେଠାକାର ଗ୍ରାମାଞ୍ଚଳର ଆତ୍ମହତ୍ୟାର ହାର ସହରାଞ୍ଚଳ ତୁଳନାରେ ୪୫% ଅଧିକ ରହିଥିବା ଜଣାପଡ଼ିଛି।

କେବଳ ଆମେରିକା ନୁହେଁ ୟୁରୋପରେ ବି ମୁକ୍ତ ବଜାର ନୀତି ପରେ ବି କୃଷିର ସେହି ଏକା ଅବସ୍ଥା ଦେଖିବାକୁ ମିଳିଛି। ସେଠାରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଲୋକ କୃଷି ଛାଡ଼ିବାକୁ ବାଧ ହେଉଛନ୍ତି। ଫ୍ରାନ୍ସରେ ବାର୍ଷିକ ହାରାହାରି ୫୦୦ କୃଷକ ଆତ୍ମହତ୍ୟା କରୁଛନ୍ତି। ତେବେ ସେସବୁ ଦେଶମାନଙ୍କରେ କୃଷିର ଏତେ ଖରାପ ସ୍ଥିତି ସତ୍ତ୍ୱେ ତାହା ତିଷ୍ଠି ରହିବା ପଛରେ ଏକମାତ୍ର କାରଣ ହେଲା ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିପୁଳ କୃଷି ସବ୍‌ସିଡି। ସେଠାରେ କେବଳ କୃଷି ପାଇଁ ନୁହେଁ, କୃଷିଜାତ ଦ୍ରବ୍ୟର ରପ୍ତାନିରେ ବି ବ୍ୟାପକ ସବ୍‌ସିଡି ଦିଆଯାଉଛି। ଓଇସିଡିର ୨୦୧୮ର ରିପୋର୍ଟ ଅନୁଯାୟୀ ବିଶ୍ୱର ଧନୀଦେଶମାନେ ପ୍ରତିବର୍ଷ ସେମାନଙ୍କ କୃଷିକ୍ଷେତ୍ରକୁ ୨୪୬ ଲକ୍ଷ କୋଟି ସବ୍‌ସିଡି ପ୍ରଦାନ କରୁଛନ୍ତି, ଯେଉଁଥିରୁ ୧୦୦ ବିଲିୟନ୍ କେବଳ ୟୁରୋପରେ ଦିଆଯାଉଛି। ଆମେରିକାରେ ଜଣେ ଚାଷୀକୁ ବାର୍ଷିକ ହାରାହାରି ୭ ହଜାର ଡଲାର ସବ୍‌ସିଡି ମିଳୁଥିବା ବେଳେ ଆମ ଦେଶରେ କିନ୍ତୁ ମାତ୍ର ୨୦୦ ଡଲାର ରହିଛି। ୟୁରୋପୀୟ ୟୁନିୟନ୍ ଓ ଜାପାନ ନିଜର ଗୋଟିଏ ଗାଈ ପିଛା ଦୈନିକ ଯଥାକ୍ରମେ ୨.୭ ଡଲାର ଏବଂ ୮ ଡଲାର ଖର୍ଚ୍ଚ କରୁଥିବା ବେଳେ ଆମ ଦେଶର ୭୭% ଜନତା ଦୈନିକ ଅଧା ଡଲାରରୁ ବି କମ୍ ଖର୍ଚ୍ଚରେ ବଞ୍ଚିବାକୁ ବାଧ ହେଉଛନ୍ତି।

ଆମେରିକାରେ କୃଷିର ମୁକ୍ତ ବଜାର ଫଳରେ ଆଜି ଜନସଂଖ୍ୟାର ମାତ୍ର ୨–୩% ହିଁ କୃଷିରେ ନିୟୋଜିତ ରହିଛନ୍ତି। ଅନ୍ୟପଟେ ଭାରତରେ ଜନସଂଖ୍ୟାର ୬୮.୬% ଗ୍ରାମାଞ୍ଚଳରେ ରହୁଥିବା ବେଳେ ୫୦%ରୁ ଅଧିକ ଲୋକ କୃଷିରେ ନିୟୋଜିତ ଅଛନ୍ତି। ଯଦି ସରକାର ମୁକ୍ତ ବଜାର କୃଷି ଜରିଆରେ ଅଧିକାଂଶ ଲୋକଙ୍କୁ କୃଷିରୁ ଉଚ୍ଛେଦ କରିବାକୁ ଚାହୁଁଛନ୍ତି ତା’ହେଲେ ସେମାନେ ଯିବେ କୁଆଡ଼େ। ସେମାନଙ୍କ ପାଇଁ ଏକ ସମ୍ମାନଜନକ ଏବଂ ସ୍ଥାୟୀ ରୋଜଗାରର ବ୍ୟବସ୍ଥା କଥା ଚିନ୍ତା କରାଯାଇଛି ନା ସେମାନେ ସହରରେ ଯାଇ ଶ୍ରମିକଙ୍କ ଧାଡ଼ିରେ ଠିଆହେବେ? ପରିତାପର ବିଷୟ ହେଲା, ଯେଉଁ ନୀତିକୁ ଗ୍ରହଣ କରିବାର ପରିଣାମ ସ୍ୱରୂପ ପାଶ୍ଚାତ୍ୟ ଦେଶମାନଙ୍କ କୃଷି ଭୟଙ୍କର ସଙ୍କଟଗ୍ରସ୍ତ ହୋଇଛି, ଆମ ସରକାର ତାକୁ ଭାରତର କୃଷି ସଙ୍କଟର ରାମବାଣ ବୋଲି ଭାବୁଛନ୍ତି।

ଭାରତରେ ମୋଟ ୧୪.୬୫ କୋଟି ଜମି ଥିବା ଚାଷୀଙ୍କ ମଧ୍ୟରୁ ୮୬% ହେଉଛନ୍ତି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ। କୃଷି କାର୍ଯ୍ୟରେ ନିୟୋଜିତ ପରିବାର ମଧ୍ୟରେ ୫୪.୬% ହେଉଛନ୍ତି ଭୂମିହୀନ ଯେଉଁମାନଙ୍କ ନାଁରେ କୌଣସି ଜମି ମାଲିକାନା ନାହିଁ। ଏଭଳି ଅବସ୍ଥାରେ ଯଦି କୃଷିକ୍ଷେତ୍ରକୁ କର୍ପୋରେଟ୍ ପୁଞ୍ଜି ପାଇଁ ଖୋଲି ଦିଆଯିବ ତା’ହେଲେ ତା’ର ପରିଣାମ ଭୟଙ୍କର ହେବା ନିଶ୍ଚିତ। ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ବିପୁଳ ପରିମାଣରେ ଖାଦ୍ୟଶସ୍ୟ ସଂଗ୍ରହର ଅଧିକାର ଦିଆଗଲେ ଚାଷୀ ଅତି କମ୍ ମୂଲ୍ୟରେ ନିଜର ଉତ୍ପାଦକୁ ବିକ୍ରି କରିବାକୁ ବାଧ ହେବେ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ପରିବର୍ତ୍ତନ ଫଳରେ କମ୍ପାନୀଗୁଡ଼ିକ କୃଷିଜାତ ଦ୍ରବ୍ୟକୁ ଶସ୍ତାରେ କିଣି ନିଜ ଗୋଦାମରେ ଗଚ୍ଛିତ ରଖି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବେ ଏବଂ ଶେଷରେ ଖାଉଟିଙ୍କୁ ଚଢ଼ା ଦାମରେ ବିକ୍ରି କରିବେ।

କମ୍ପାନୀଗୁଡ଼ିକ ଠିକା ଚାଷ ପାଇଁ ଅନୁମତି ପାଇଲେ ଚାଷୀମାନଙ୍କ ହାତରୁ ଚାଷ ଓ ଜମି ସେମାନଙ୍କ ହାତକୁ ଚାଲିଯିବ। ଯେଉଁ ଚାଷୀମାନେ ନିଜ ପାଖରେ ଜମି ରଖି କମ୍ପାନୀ ସହିତ ଚୁକ୍ତି କରି ଚାଷ କରିବେ, ସେମାନଙ୍କ ଅବସ୍ଥା ଜଣେ ଗୋଟି ଶ୍ରମିକ ଠାରୁ ଭିନ୍ନ ହେବନି। ସେମାନେ ନିଜର ଠିକା ଚାଷ ପାଇଁ ଚୁକ୍ତି ଅନୁଯାୟୀ କମ୍ପାନୀଠାରୁ ହିଁ ବିହନ, ସାର ଓ କୀଟନାଶକ ନେବାକୁ ବାଧ ହେବେ। ଏପରିକି ନିଜ ଜମିରେ କେଉଁ ଫସଲ ଚାଷ କରିବେ ତାକୁ ସ୍ଥିର କରିବାର ଅଧିକାର ବି ସେମାନଙ୍କର ରହିବନି ଏବଂ ସମସ୍ତ ସର୍ତ୍ତ ମାନି ବି ସେମାନେ ଚାଷ କଲା ପରେ ସେମାନଙ୍କ ଉତ୍ପାଦକୁ କମ୍ପାନୀଗୁଡ଼ିକ ଯେ ଚୁକ୍ତି ମୁତାବକ ଦରରେ ହିଁ କିଣିବେ ତା’ର କିଛି ନିଶ୍ଚିତତା ନାହିଁ। ବିଭିନ୍ନ ଆଳରେ କମ୍ପାନୀ ନିଜର ଚୁକ୍ତି ମୁତାବକ ଦରକୁ ମୋଡ଼ି ଦେବାର ଅଧିକାର ରହିଛି। ଏଭଳି ପରିସ୍ଥିତିରେ ଦେଶର ଅଧିକାଂଶ ଚାଷୀ ଶେଷରେ କୋର୍ଟକୁ ଯିବେ ଅଥବା ଚାଷ ଛାଡ଼ିବାକୁ ବାଧ ହେବେ।

ଏହା ସତ ଯେ ଦେଶର ମାତ୍ର ୩୦% ଫସଲ ଏବଂ ୬% ଚାଷୀ ହିଁ ନିଜର ୨୩ଟି ଫସଲ ପାଇଁ ସରକାର ଘୋଷିତ ସହାୟକ ଦର ବା ଏମ୍‌ଏସ୍‌ପିର ସୁବିଧା ପାଇ ପାରୁଛନ୍ତି। ଦେଶର ଅଧିକାଂଶ ଚାଷୀ ଏମ୍‌ଏସ୍‌ପିରୁ ବଞ୍ଚିତ ହେଉଛନ୍ତି। ସରକାର ଯଦି ନିଜ ପ୍ରତିଶ୍ରୁତି ମୁତାବକ ସ୍ୱାମୀନାଥନ କମିଶନଙ୍କ ସୁପାରିସ ଅନୁଯାୟୀ ଏମ୍‌ଏସ୍‌ପି ବୃଦ୍ଧି କରି ଚାଷୀର ସମସ୍ତ ଉତ୍ପାଦକୁ କିଣିବାର ବ୍ୟବସ୍ଥା କରିଥାନ୍ତେ ତା’ହେଲେ ଚାଷୀଙ୍କ ଆୟରେ ନିଶ୍ଚିତ ବୃଦ୍ଧି ସହ ବଜାରରେ ଶିଳ୍ପଜାତ ଦ୍ରବ୍ୟ ପାଇଁ ଚାହିଦା ସୃଷ୍ଟି ହୋଇପାରିଥାନ୍ତା। କିନ୍ତୁ ସରକାର ସେପରି ନ କରି କର୍ପୋରେଟଙ୍କ ଦୟାରେ ଚାଷୀକୁ ଛାଡ଼ିଦେବା ପାଇଁ ମଣ୍ଡି ଆଇନରେ ପରିବର୍ତ୍ତନ ଆଣିଛନ୍ତି। ଘରୋଇ କମ୍ପାନୀମାନେ ଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଯେ ଅଧିକ ମୂଲ୍ୟ ଦେବେ ତା’ର କୌଣସି ଗ୍ୟାରେଣ୍ଟି ନାହିଁ।

କୃଷକଙ୍କୁ ସ୍ୱାଧୀନତା ଦେବା ନାଁରେ ତିନିଅଧ୍ୟାଦେଶ ଦେଶର ଜନଗଣଙ୍କ ଟ୍ରିପଲ ମର୍ଡ଼ର ପରି ହୋଇଛି। ପାଶ୍ଚାତ୍ୟର ନବ ଉଦାରବାଦୀ ମଡ଼େଲକୁ ଅନୁକରଣ କରି କର୍ପୋରେଟ୍‌ଙ୍କ ପାଇଁ ଦେଶର କୃଷିକ୍ଷେତ୍ରକୁ ସମ୍ପୂର୍ଣ୍ଣ ଖୋଲିଦେବାର ଏହି ନିଷ୍ପତ୍ତି କୃଷକଙ୍କ କୃଷି, କୃଷି ଶ୍ରମିକଙ୍କ ଜୀବିକା, ସାଧାରଣ ଖାଉଟିଙ୍କ ସ୍ୱାର୍ଥ ଏବଂ ସର୍ବୋପରି ଦେଶର କୃଷିର ସାର୍ବଭୌମତା ଉପରେ ସବୁଠାରୁ ବଡ଼ ଆକ୍ରମଣ ହେବାକୁ ଯାଉଛି।


ମୋ:୯୪୩୭୧୬୬୩୯୧


# ବୈଜ୍ଞାନିକଙ୍କୁ ଅଧୁରା ନ୍ୟାୟ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଯେଉଁମାନଙ୍କ ନିଃସ୍ୱାର୍ଥପର ସାଧନାର ଭିତ୍ତିଭୂମି ଉପରେ ବିକଶିତ ହୋଇ ମାନବ ସଭ୍ୟତା ବର୍ତ୍ତମାନର ଉତ୍କର୍ଷ ସ୍ତରରେ ଉପନୀତ ହୋଇପାରିଛି ସେମାନେ ହେଲେ ବୈଜ୍ଞାନିକ। ତାଙ୍କ ନୂତନ ନୂତନ ଚିନ୍ତାଧାରା ଏବଂ ତାହାକୁ ବାସ୍ତବ ରୂପ ଦେଇ ମଣିଷର ଦୈନନ୍ଦିନ ଜୀବନ ସହିତ ସାମିଲ କରିବାର ଦକ୍ଷତା ଯୁଗଯୁଗ ଧରି ଏହାକୁ ଋଦ୍ଧିମନ୍ତ କରି ଆସିଛି। ତେବେ, ସମାଜ ତାହାର ଏହି ବିଶ୍ୱକର୍ମାମାନଙ୍କୁ ଅନେକ ସମୟରେ ଲାଞ୍ଛିତ ଏବଂ ଅପମାନିତ କରିବାର ଦୃଷ୍ଟାନ୍ତ ଇତିହାସରେ ବିରଳ ନୁହେଁ। ଗାଲିଲିଓ ଏବଂ ଡାରଉଇନ୍‌ଙ୍କ ଯୁଗଠାରୁ ଆରମ୍ଭ କରି ତଥାକଥିତ ଆଧୁନିକ ‘ବିଜ୍ଞାନଯୁଗ’ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। ବର୍ତ୍ତମାନ ସମଗ୍ର ବିଶ୍ୱକୁ ମହାମାରୀ ରୂପେ ଗ୍ରାସ କରିଥିବା କୋଭିଡ୍–୧୯ ସମ୍ପର୍କରେ ପ୍ରଥମେ ସୂଚନା ଦେଇଥିବା ଚାଇନାର ଜୀବବିଜ୍ଞାନୀଙ୍କୁ ସେଠାର ସରକାର କାରାରୁଦ୍ଧ କରିବା ଏବଂ ତାହାରି କାଳକୋଠରି ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବା ଏହାର ଏକ ସଦ୍ୟତମ ଉଦାହରଣ। ଅବଶ୍ୟ କ୍ଷମତା ଅନ୍ଧ ଅବିବେକି ପ୍ରଶାସନର ଏଭଳି ଅମାନୁଷିକତା ସେହି ସତ୍ୟ ସନ୍ଧାନୀ କର୍ମଯୋଗୀମାନଙ୍କୁ ସେମାନଙ୍କ ସାଧନା ପଥରୁ ବିଚ୍ୟୁତ କରିପାରେ ନାହିଁ। ହେଲେ ତହିଁରେ କିପରି ବାଧା ସୃଷ୍ଟି କରେ ଏବଂ ପରିଣାମରେ ସମାଜର ବିପୁଳ କ୍ଷତି ସାଧନ ହୁଏ, ତାହାର ଏକ ସ୍ପଷ୍ଟ ଚିତ୍ର ମିଳିଥାଏ ଆଉ ଜଣେ ନିର୍ଯାତିତ ବୈଜ୍ଞାନିକ ନାମ୍ବି ନାରାୟଣନ୍‌ଙ୍କ ସହିତ ସମ୍ପୃକ୍ତ ଘଟଣାବଳୀରୁ।

ସେ ଥିଲେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ବା ‘ଇସ୍ରୋ’ର ଅନ୍ୟତମ ପ୍ରମୁଖ ବୈଜ୍ଞାନିକ। ଭାରତ ପରମାଣୁ ବୋମା ପରୀକ୍ଷା କଲାପରେ ରୁଷିଆ ମହାକାଶ ଗବେଷଣା ପାଇଁ ଅତ୍ୟାବଶ୍ୟକୀୟ ‘କ୍ରାଇଓଜେନିକ୍’ ଇଞ୍ଜିନ୍ ଯୋଗାଇଥିବା ଚୁକ୍ତିରୁ ଓହରି ଗଲା। ଏଣୁ ତାହା ନିଜସ୍ୱ ଜ୍ଞାନ କୌଶଳରେ ନିର୍ମାଣ ପାଇଁ ଆମ ବୈଜ୍ଞାନିକମାନଙ୍କୁ ନେଇ ଆରମ୍ଭ ହୋଇଥିବା ପ୍ରକଳ୍ପର ମୁଖ୍ୟ ଥିଲେ ନାମ୍ବି। ତେବେ ହଠାତ୍ ୧୯୯୪ ମସିହା ନଭେମ୍ବର ୪ ତାରିଖ ଦିନ ତାଙ୍କୁ ବିଦେଶୀ ଶତ୍ରୁରାଷ୍ଟ୍ରଙ୍କୁ ଆମ ଦେଶର ମହାକାଶ ଗବେଷଣା ସମ୍ପର୍କିତ ଗୋପନ ତଥ୍ୟ ଯୋଗାଇ ଦେଉଥିବା ଅଭିଯୋଗରେ ଗିରଫ କଲା ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ବା ଏସ୍‌ଆଇଟି।

ତା’ପରେ ତାଙ୍କୁ ଜେଲ୍‌ରେ ରଖି ଦିଆଗଲା। ନାନାଦି ଶାରୀରିକ ଓ ମାନସିକ ଯନ୍ତ୍ରଣା। ପୋଲିସର କହିବା ମୁତାବକ ‘ଦୋଷ ସ୍ୱୀକାର’ ନ କଲେ ତାଙ୍କ ପରିବାରବର୍ଗ ଏବଂ ସହକର୍ମୀମାନଙ୍କୁ ମଧ୍ୟ ଏଥିରେ ସମ୍ପୃକ୍ତ କରିବାର ଧମକ ଦିଆଗଲା। ବିଜ୍ଞାନାଗାରରେ ଜୀବନ କଟାଇ ଆସିଥିବା ସମର୍ପିତ ବୈଜ୍ଞାନିକ ଏହିଭଳି ଯନ୍ତ୍ରଣା ମଧ୍ୟରେ ଜଣେ ବିଚାରାଧୀନ ବନ୍ଦୀ ରୂପେ ଜେଲରେ ବିତାଇଥିଲେ ୫୦ ଦିନ। ତା’ପରେ ତାଙ୍କ ବିରୋଧରେ କୌଣସି ଠୋସ୍ ପ୍ରମାଣ ଯୋଗାଇବାକୁ ଅଭିଯୋଗକାରୀ ସଂସ୍ଥା ବିଫଳ ହେବାରୁ ତାଙ୍କୁ ଜାମିନ୍ ମିଳିଲା।

ଜେଲ୍‌ରୁ ମୁକୁଳିଲା ପରେ ନାମ୍ବି ଏକ ସାମ୍ବାଦିକ ସମ୍ମିଳନୀ ଡାକି ଅଶ୍ରୁଳ ନୟନରେ ବର୍ଣ୍ଣନା କରିଥିଲେ ସେ ଦିନର ଅନୁଭୂତି– ତାଙ୍କୁ କିପରି ଟାଣିଟାଣି ପୋଲିସ୍ ଗାଡିରେ ନିଆଗଲା ମାଜିଷ୍ଟ୍ରେଟ୍‌ଙ୍କ ବିଚାରାଳୟକୁ ଏବଂ ସେଠାରେ ଉପସ୍ଥିତ ଥିବା ଲୋକେ କିପରି ତାଙ୍କୁ ଅକଥ୍ୟ ଭାଷାରେ ଗାଳିଦେବା ସହିତ ଟେକାପଥର ମାଡ କରିଥିଲେ। ତାଙ୍କ ମତରେ ଏହା ଥିଲା ତାଙ୍କ ଜୀବନର ସବୁଠାରୁ ଦୁଃଖଦ ଏବଂ ଲଜ୍ଜାଜନକ ଘଟଣା। ପୁନଶ୍ଚ ଏଥିରେ ସେ ପୋଲିସ ପ୍ରଶାସନ ଏବଂ ଦେଶର ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିଥିଲେ କିଛି ପ୍ରଶ୍ନ (୧) ମୋତେ ଗିରଫ କଲା ସମୟରେ (୧୯୯୪ ମସିହା) ଭାରତରେ କ୍ରାଇଓଜେନିକ୍ ଟେକ୍ନୋଲୋଜିର ସ୍ଥିତି ପ୍ରାୟ କିଛି ନ ଥିଲା। ଅତଏବ ମୁଁ ତାହା ବିକ୍ରୟ କଲି କିପରି ? (୨) ଅନ୍ୟ କେତେକ ଦେଶରେ (ରୁଷିଆ ସମେତ) ଏହା ମୁକ୍ତଭାବେ ମିଳିପାରୁଥିଲାବେଳେ କୌଣସି ସଂସ୍ଥା ତାହା ଲାଭ କରିବା ପାଇଁ ମୋତେ ଗୁପ୍ତଚର ଭାବରେ ନିଯୁକ୍ତି ଦେବ କାହିଁକି?

ଏ ପ୍ରଶ୍ନର ଜବାବ ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା କିମ୍ବା ତଦନ୍ତ କରୁଥିବା ସଂସ୍ଥା କାହାରି ପାଖରେ ନ ଥିଲା। ତଥାପି, ପ୍ରଶାସନର ନିର୍ଦ୍ଦେଶରେ ଏ ମାମଲାକୁ ପୁନର୍ବାର ତଦନ୍ତ କରିବାର ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇକୁ ଦିଆଗଲା। କିନ୍ତୁ ପ୍ରମାଣ ଅଭାବରୁ ଏହା ୧୯୯୬ ମସିହାରେ ମାମଲାକୁ ବନ୍ଦ କରିଦେଲ। ପୁନଶ୍ଚ ଏଥିସହିତ ଦେଇଥିବା ରିପୋର୍ଟରେ ପୋଲିସର ନିନ୍ଦନୀୟ କାର୍ଯ୍ୟ ଏବଂ ଏସ୍‌ଆଇଟି ମନଗଢ଼ା ଅଭିଯୋଗକୁ ସତ୍ୟ ବୋଲି ପ୍ରମାଣ କରିବାର ଅପଚେଷ୍ଟା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିଲା। ଏଣୁ ନାମ୍ବି ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କେରଳ ସରକାରଙ୍କୁ ଅନୁରୋଧ କଲେ। କିନ୍ତୁ କେହି ତାଙ୍କ ପ୍ରତି କର୍ଣ୍ଣପାତ କଲେ ନାହିଁ। ବରଂ ମାମଲାଟିକୁ ପୁନର୍ବାର ଉନ୍ମୁକ୍ତ କରି ନୂତନ ଅନୁସନ୍ଧାନ ପାଇଁ ଉଦ୍ୟମ ଚାଲିଲା। ଅତଏବ ନାମ୍ବି ବାଧ ହୋଇ ଦେଶର ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଲେ ଏବଂ ଏହା ସରକାରଙ୍କୁ ଏଥିରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଲେ।

ଏହା ପରେ ମାମଲାଟି ଚାଲିଲା ୨୪ବର୍ଷ ଧରି। ତା’ପରେ ସେ ଦୋଷମୁକ୍ତ ହେଲେ। ଉଚ୍ଚତମ ନ୍ୟାୟାଳୟ କେରଳ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ତାଙ୍କୁ କ୍ଷତିପୂରଣ ଦେବା ପାଇଁ। ତେଣୁ ତାଙ୍କୁ ସଙ୍ଗେ ସଙ୍ଗେ ଏ ବାବଦକୁ ୫୦ ଲକ୍ଷ ଟଙ୍କା ଦିଆଗଲା ମଧ୍ୟବର୍ତ୍ତିକାଳୀନ କିସ୍ତିରୂପେ ଏବଂ ଏବେ (୧୨।୮।୨୦୨୦) ଅବଶିଷ୍ଟ ୧.୩ କୋଟି ଟଙ୍କା ମିଳିଛି।

ମାମଲାଟି ଆରମ୍ଭ ହେଲାବେଳେ ନାମ୍ବିଙ୍କର ବୟସ ଥିଲା ମାତ୍ର ୫୦ ବର୍ଷ ଏବଂ ସେ ପାରଦର୍ଶିତା ଲାଭ କରିଥିବା କ୍ରାଇଓଜେନିକ୍ ପ୍ରଯୁକ୍ତି ବିଦ୍ୟା ଥିଲା ବିକାଶୋନ୍ମୁଖୀ। ଏଣୁ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାଟି ଘଟି ନ ଥିଲେ ସେ ହୁଏତ ବିଶ୍ୱସ୍ତରରେ ଜଣ ପ୍ରମୁଖ ବୈଜ୍ଞାନିକ ରୂପେ ଖ୍ୟାତି ଅର୍ଜନ କରିପାରିଥାନ୍ତେ। ଅନ୍ୟପକ୍ଷରେ ଆମ ମହାକାଶ ବିଜ୍ଞାନ ଖୁବ୍‌ଶୀଘ୍ର ଏକ ନୂତନ ଉଚ୍ଚତାରେ ପହଞ୍ଚି ପାରିଥାନ୍ତା। ଏବେ କୁହାଯାଉଛି ଯେ ନାମ୍ବିଙ୍କ ଅନୁପସ୍ଥିତି ‘ଇସ୍ରୋ’କୁ ଏ କ୍ଷେତ୍ରରେ ୧୫ ବର୍ଷ ପଛକୁ ଟାଣି ନେଲା। ଅତଏବ ଏହାଦ୍ୱାରା ତାଙ୍କର ବ୍ୟକ୍ତିଗତ ସଙ୍ଗେ ସଙ୍ଗେ ଦେଶର ମଧ୍ୟ ବିପୁଳ କ୍ଷତି ଘଟିଲା। ପୁନଶ୍ଚ ତାଙ୍କୁ କ୍ଷତିପୂରଣ ରୂପେ ପ୍ରଦାନ କରାଯାଇଥିବା ୨ କୋଟିରୁ ଅଧିକ ଟଙ୍କା ପ୍ରକୃତରେ ଜନସାଧାରଣଙ୍କର। ଏହାକୁ ଏକ ଅପବ୍ୟୟ ରୂପେ ବିଚାର ମଧ୍ୟ କରାଯାଇପାରେ। ଏପରିସ୍ଥଳେ, ଉଦ୍ଦେଶ୍ୟମୂଳକ ଭାବେ ଏହା ଘଟାଇଥିବା କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷଙ୍କୁ ଏଥିପାଇଁ ଦାୟୀ ଏବଂ ଦଣ୍ଡିତ କରାଯିବା ଉଚିତ। ନଚେତ୍ ଏ ମହାନ୍ ବୈଜ୍ଞାନିକଙ୍କୁ ତଥା ଦେଶକୁ ମିଳିଥିବା ନ୍ୟାୟ ଅଧୁରା ରହିଯିବ।


ଉଷାନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର
ଭୁବନେଶ୍ୱର, ମୋ– ୯୯୩୭୯୮୫୭୬୭


## ଏଇ ଭାରତରେ

ଛାତ୍ର ଜୀବନରେ ଭଲ ହକି ଖେଳୁଥିଲେ ବେନେଡିକ୍ଟ କୁଜୁର । ହକି ଥିଲା ତାଙ୍କ ନିଶା। ଦେଶ ପାଇଁ ଖେଳିବାକୁ ଆଶା ବାନ୍ଧିଥିଲେ, କିନ୍ତୁ ତାଙ୍କ ଆଶା ଆଶାରେ ହିଁ ରହିଗଲା। ହେଲେ ଅନ୍ତର୍ଜାତୀୟ ସ୍ତରର ହକି ଖେଳାଳି ସୃଷ୍ଟି କରିବାରେ ସେ ସଫଳ ହୋଇପାରିଛନ୍ତି। ଝାଡ଼ଖଣ୍ଡ ସିମ୍‌ଡେଗା ଜିଲାର ଏକ ସରକାରୀ ସ୍କୁଲ୍‌ରେ ଶିକ୍ଷକ ଭାବେ ୨୦୦୩ରେ ନିଯୁକ୍ତି ପାଇବା ପରେ ସ୍କୁଲରେ ହକିକୁ ବାଧ୍ୟତାମୂଳକ ବିଷୟ ଭାବେ ରଖିବାର ବ୍ୟବସ୍ଥା କରିଥିଲେ। ସେବେଠାରୁ ହକି ଶିଖାଇବା ଲାଗି ପ୍ରତିଦିନ କ୍ଲାସ୍ ଆରମ୍ଭ ହେବା ପୂର୍ବରୁ ଓ ପରେ ଘଣ୍ଟାଏ ସମୟ ଦେଉଛନ୍ତି। ପ୍ରଥମେ ସ୍କୁଲ୍ ପଛରେ ଥିବା ଏକ ପଡ଼ିଆକୁ ସଫା କରି ପିଲାଙ୍କୁ ଖେଳାଇବା ଆରମ୍ଭ କରିଥିଲେ। ଗଛଡାଳରୁ ହକି ଷ୍ଟିକ୍ ତିଆରି କରି ସେମାନଙ୍କୁ ଦେଉଥିଲେ ଓ ଶୁଖିଲା ଫଳରେ ଖେଳାଉଥିଲେ। ପରେ ବାଉଁଶରେ ହକି ଷ୍ଟିକ୍ ତିଆରି କରି ଯୋଗାଇ ଦେଲେ। ତାଙ୍କଠାରୁ ଖେଳ ଶିଖୁଥିବା ପିଲାମାନଙ୍କ ମଧ୍ୟରୁ ଗତ ଦୁଇବର୍ଷ ମଧ୍ୟରେ ସଙ୍ଗୀତା କୁମାରୀ ଓ ବିୟୁଟି ଡୁଙ୍ଗଡୁଙ୍ଗଙ୍କ ସମେତ ୬ ଜଣ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି। ରାଜ୍ୟସ୍ତରରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧିତ୍ୱ କରିସାରିଛନ୍ତି। ବେନେଡିକ୍ଟ ପିଲାମାନଙ୍କଠାରୁ ପ୍ରଶିକ୍ଷଣ ବାବଦରେ କୌଣସି ଦେୟ ନେଉନାହାନ୍ତି। ବରଂ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି ଓ ଏଥିପାଇଁ ନିଜ ଦରମାରୁ ଖର୍ଚ୍ଚ କରୁଛନ୍ତି। ସେ କୋଚ୍ ପାଇଁ ବିଧିବଦ୍ଧ ଭାବେ କୌଣସି ଶିକ୍ଷା ଲାଭ କରି ନ ଥିଲେ ମଧ୍ୟ ଅନ୍ତର୍ଜାତୀୟ ସ୍ତରର କୋଚ୍‌ମାନଙ୍କ ଟେକ୍‌ନିକ୍‌ର ୟୁଟ୍ୟୁବ୍ ଓ ସେମାନଙ୍କ ସାକ୍ଷାତ୍‌କାରରୁ ବହୁ କୌଶଳ ଶିଖି ପିଲାମାନଙ୍କୁ ଶିଖାଉଛନ୍ତି। ଏବେ ସିମ୍‌ଡେଗା ହକି ଆସୋସିଏଶନ୍ ବେନେଡିକ୍ଟଙ୍କ ଆଗ୍ରହକୁ ଦେଖି ହକି ଷ୍ଟିକ୍ ଓ ବଲ୍ ଯୋଗାଇ ଦେବା ଆରମ୍ଭ କରିଛନ୍ତି। ଅନେକ ଘରୋଇ କମ୍ପାନୀ ଓ ଏନ୍‌ଜିଓ ମଧ୍ୟ ତାଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାର ଦାଦନ ସମସ୍ୟା

ମହାଶୟ,

ବର୍ତ୍ତମାନର କରୋନା ସମୟରେ ଆମ ରାଜ୍ୟରେ ଜୀବନ ଜୀବିକା ବିପର୍ଯ୍ୟସ୍ତ। ବିଶେଷ କରି ଦାଦନ ଶ୍ରମିକମାନଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ। ବିଭିନ୍ନ ରାଜ୍ୟରୁ ଲକ୍ଷାଧିକ ଶ୍ରମିକ ରାଜ୍ୟକୁ ଫେରିଛନ୍ତି। ଅନେକ ଦୁର୍ଘଟଣାର ସମ୍ମୁଖୀନ ହୋଇ ବହୁ ଶ୍ରମିକ ପ୍ରାଣ ମଧ୍ୟ ହରାଇଛନ୍ତି। ବହୁ ଘାତ ପ୍ରତିଘାତର ସାମ୍ନା କରି ଆକୁଳ ନିବେଦନ କରିବା ପରେ ଏମାନଙ୍କୁ ଓଡ଼ିଶାକୁ ଫେରାଇ ଆଣିବାର ବନ୍ଦୋବସ୍ତ କରାଯାଇଥିଲା। ଏମାନେ ରାଜ୍ୟକୁ ଫେରିଆସିଲେ ସିନା, କରୋନାର ଭୟାବହତା ବୃଦ୍ଧି ପାଇଚାଲିଲା। ଭିଟାମାଟିରେ ଦୁଃଖକଷ୍ଟରେ ବଞ୍ଚିବା ଆଶା ନେଇ ଫେରିଥିବା ଶ୍ରମିକମାନେ ଜୀବିକାର କୌଣସି ରାହା ନ ପାଇ ପୁନଶ୍ଚ ବାହ୍ୟ ରାଜ୍ୟକୁ ବାହୁଡ଼ିବା ଆରମ୍ଭ କଲେଣି। ରାଜ୍ୟରେ କୃଷି ଏବଂ ଶିଳ୍ପ ଭିତ୍ତିଭୂମିର ବିକାଶ ହୋଇପାରିଲେ ଅଚିରେ ଏ ସମସ୍ୟାର ଅନ୍ତ ହୋଇପାରନ୍ତା। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଉନ୍ନତ କପା ଚାଷ ରାଜ୍ୟରେ କାର୍ପାସ ଶିଳ୍ପର ବିକାଶରେ ସହାୟକ ହୋଇ ପାରନ୍ତା। ନିଯୁକ୍ତି ସମସ୍ୟାର ସମାଧାନ ହୋଇ ପାରନ୍ତା।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବିଜୟମଣ୍ଡପ ସାହି, ଓଡ଼ଗାଁ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## ଚିରନ୍ତନୀ

କର ପରକାଶ ଜୀବନେ ତୋର
ସହଜ ଆଶା
ଶଇଶବ କାଳୁଁ ଶିଖିଛୁ ଯେଉଁ
ସହଜ ଭାଷା।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

UTI Mutual Fund
Haq, ek behtar zindagi ka.




# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ୩୦-ଦିନିଆ ନିୟମ କିପରି ଆପଣଙ୍କ ଟଙ୍କା ବଞ୍ଚାଇପାରିବ, ଜାଣନ୍ତୁ

କାହାକୁ 'ସଞ୍ଚୟ ଓ ନିବେଶ' ଶବ୍ଦ କହୁଥିବାର ଶୁଣିଲେ ଆପଣଙ୍କୁ ଲାଗେ ଯେମିତି ଆପଣ ନିଜ ସ୍ମାର୍ଟ ଡିଭାଇସ୍‌ରେ ଏକ ଏକ୍ସାଇଟିଂ ଗେମ୍‌ରେ ନିମଜ୍ଜିତ ରହିଥିବାବେଳେ କେହି ଡାକ ପକାଉଛି। ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ତାହାକୁ ଅଣଶୁଣା କରିପାରନ୍ତି। କିନ୍ତୁ ଆପଣଙ୍କ ନଜରରେ ଯାହା ପଡ଼ିଲା ତାହାକୁ କିଣି ଟଙ୍କା ଉଡ଼ାଇବାର ଅଭ୍ୟାସ ଯଦି ଆପଣଙ୍କର ରହିଛି ତେବେ ନିଜ ଟଙ୍କାକୁ ନେଇ ବିଜ୍ଞ ପସନ୍ଦ କରିବା ପାଇଁ ଏଠାରେ ଏକ ଲୋକପ୍ରିୟ ସମୟ-ପରୀକ୍ଷିତ ନିୟମ ଦିଆଗଲା।

### ଏହା କେମିତି କାମ କରିଥାଏ

- ଆବେଗୀ କ୍ରୟ ବଦଳରେ ମହଙ୍ଗା ସାମଗ୍ରୀର ମୂଲ୍ୟକୁ ଟିପିରଖନ୍ତୁ
- ୩୦ ଦିନ ଅତିବାହିତ ହେବା ପରେ, ନିଜକୁ ପଚାରନ୍ତୁ: ଆପଣ ଏବେବି ତାହାକୁ କିଣିବାକୁ ଚାହୁଁଛନ୍ତି କି?

୩୦ ଦିନିଆ ନିୟମ ଆଶ୍ଚର୍ଯ୍ୟଜନକ ରୂପେ ଫଳପ୍ରଦ । ଏହାର କାରଣ ଏହା ନୁହେଁ ଯେ ଆପଣ ନିଜ ଇଚ୍ଛାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁଛନ୍ତି – ବରଂ, ଆପଣ କେବଳ ତା' ସହିତ ସମ୍ପୃକ୍ତ ଆନନ୍ଦ/ତୃପ୍ତିକୁ ବିଳମ୍ବିତ କରୁଛନ୍ତି । କେବଳ ଏତିକି ନୁହେଁ। ୩୦-ଦିନିଆ ନିୟମ ଆପଣଙ୍କୁ ଆପଣ କିଣିବାକୁ ଚାହୁଁଥିବା ମହଙ୍ଗା ସାମଗ୍ରୀ ସମ୍ପର୍କରେ ଗବେଷଣା କରିବା ଓ ତାହାର ବିକଳ୍ପ ସାମଗ୍ରୀର ମୂଲ୍ୟ ସହିତ ତୁଳନା କରିବାର ସୁଯୋଗ ମଧ୍ୟ ଦେଇଥାଏ। ଏହାଦ୍ୱାରା ଆପଣଙ୍କୁ ଟଙ୍କା ବଞ୍ଚାଇବାରେ ସହାୟତା ମିଳିଥାଏ।

### ୩୦-ଦିନିଆ ନିୟମକୁ କିପରି ସଫଳ କରିବେ

**ଏଥିପାଇଁ ଆପଣ ନିମ୍ନପ୍ରଦତ୍ତ ଚାରିଟି ପଦକ୍ଷେପ ନେଇପାରିବେ:**

- ନିଜକୁ ସ୍ମରଣ କରାନ୍ତୁ ଯେ ଏହା କେବଳ ଏକ ସରଳ ପ୍ରସ୍ତାବ ନୁହେଁ ବରଂ ଏକ ନିୟମ ଅଟେ। ଆପଣ ଜଣେ ନିୟମ ପାଳନକାରୀ ହୋଇଥିଲେ ଏହାକୁ ନିଶ୍ଚୟ ଅନୁପାଳନ କରିପାରିବେ।
- ନିଜକୁ ଚ୍ୟାଲେଞ୍ଜ କରନ୍ତୁ। ୩୦-ଦିନିଆ ନିୟମକୁ ଏକ ସଞ୍ଚୟ ଗେମ୍ ଭାବେ ବ୍ୟବହାର କରନ୍ତୁ। ଉଦାହରଣସ୍ୱରୂପ, ସପ୍ତାହରେ ₹୫୦୦ କିମ୍ବା ମାସରେ ₹୨,୦୦୦ ସଞ୍ଚୟ କରନ୍ତୁ । ମାସ ଶେଷରେ ନିଜର ଛୋଟ ଛୋଟ ସଞ୍ଚୟକୁ ଏକ ବଡ଼ ପାଣ୍ଠିରେ ପରିଣତ ହେବାର ଦେଖନ୍ତୁ।
- ଏକ ଆର୍ଥିକ ଲକ୍ଷ୍ୟ ସ୍ଥିର କରନ୍ତୁ ଓ ସେଥିପାଇଁ ଏକ ଏସ୍‌ଆଇପି (ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍) ଆରମ୍ଭ କରନ୍ତୁ। ପୋର୍ଟଫୋଲିଓର ଅଗ୍ରଗତି ଉପରେ ନଜର ରଖନ୍ତୁ ଓ ନିଜ ଲକ୍ଷ୍ୟ ଅଭିମୁଖେ ନିଜକୁ ଅଗ୍ରସର ହେଉଥିବାର ଦେଖି ସନ୍ତୁଷ୍ଟି ପାଆନ୍ତୁ ।
- ଏକ ବୁଲେଟ୍ ଜର୍ନାଲ୍ ରକ୍ଷା କରନ୍ତୁ। ଅର୍ଥାତ୍ ଯେବେ ଆପଣ ଆବେଗୀ କ୍ରୟ ପାଇଁ ପ୍ରଲୋଭିତ ହୁଅନ୍ତି, ତାହାକୁ ଟିପି ରଖନ୍ତୁ। ସପ୍ତାହ କିମ୍ବା ମାସ ଶେଷରେ ନିଜର ଆବେଗୀ-ଖର୍ଚ୍ଚ ସଂକ୍ରାନ୍ତୀୟ ସଂଯମଗୁଡ଼ିକରେ ରଙ୍ଗ ଦିଅନ୍ତୁ ଓ ନିଜ ଜର୍ନାଲ୍‌କୁ ଆପଣଙ୍କ ବିଜୟଗୁଡ଼ିକ ରଙ୍ଗରେ ରଙ୍ଗାୟିତ ହେଉଥିବାର ଦେଖନ୍ତୁ ।




### ଉପସଂହାର

**୩୦-ଦିନିଆ ନିୟମ**

- କିଣିବା ପୂର୍ବରୁ କିଛି କ୍ଷଣ ରହିଯାଆନ୍ତୁ ।
- ସାମଗ୍ରୀ, ତାହାର ମୂଲ୍ୟ, ବର୍ଣ୍ଣନା, ତାହା ଉପରେ ଦିଆଯାଉଥିବା ଅଫର୍ ଇତ୍ୟାଦିକୁ ଟିପି ରଖନ୍ତୁ ।
- ୩୦ ଦିନ ଅପେକ୍ଷା କରନ୍ତୁ ।
- ସମ୍ପୃକ୍ତ ସାମଗ୍ରୀ କିଣିବା ପାଇଁ ଏବେ ବି ଆପଣଙ୍କ ନିକଟରେ କିଛି ଭଲ କାରଣ ଅଛି କି ନାହିଁ ନିଜକୁ ପଚାରନ୍ତୁ ।

**ଆପଣ କିପରି ଲାଭାନ୍ୱିତ ହେବେ**

- ଆପଣଙ୍କୁ ଭାବିବା ପାଇଁ ସମୟ ମିଳିଥାଏ ।
- ବିଜୟ-ହିଁ-ବିଜୟ: ଆପଣ ସମ୍ପୃକ୍ତ ସାମଗ୍ରୀକୁ ଶେଷରେ କିଣନ୍ତି ନ ହେଲେ ସେ ବାବଦୀୟ ଟଙ୍କା ବଞ୍ଚାନ୍ତି ।
- ବଞ୍ଚିତ ହେବାର ଅନୁଭୂତି ନୁହେଁ; କେବଳ ବିଳମ୍ବିତ ତୃପ୍ତି ମିଳିଥାଏ।
- ଆତ୍ମ-ସନ୍ତୁଷ୍ଟି ମିଳିଥାଏ ।

*ନିଜର ପ୍ରଥମ ଦରମାରୁ ହିଁ ସଞ୍ଚୟ ଓ ନିବେଶ ଆରମ୍ଭ କରିବା ଦ୍ୱାରା ଆପଣ ଋଣ କରଜର ସାହାରା ବିନା ଏକ ଆର୍ଥିକ ସ୍ୱାଧୀନତାପୂର୍ଣ୍ଣ ଜୀବନ ଆଡ଼କୁ ନିଜର ପଥ ପରିଷ୍କାର କରିଥାନ୍ତି । ନିଜ ପ୍ରଥମ ଦରମାର ସଦୁପଯୋଗ କିପରି କରିବେ ଏହା ଜାଣିବା ପାଇଁ ଏଠାରେ ପ୍ରଦତ୍ତ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।*

ଆପଣ ନୂଆକରି ଟଙ୍କା ସଞ୍ଚୟ କରୁଥାନ୍ତୁ କି ନିଜର ଆବେଗୀ-କ୍ରୟ ଅଭ୍ୟାସର ବନ୍ଧନରୁ ମୁକ୍ତ ହେବାର ଉପାୟ ସନ୍ଧାନରେ ଥାଆନ୍ତୁ, ଆଜିଠାରୁ ହିଁ ୩୦-ଦିନିଆ ନିୟମକୁ ଉପଯୋଗ କଲେ ଦୀର୍ଘ ମିଆଦରେ ଆପଣଙ୍କ କିଣାକିଣି ଓ ସଞ୍ଚୟର ଅଭ୍ୟାସ ବଦଳିଯାଇପାରେ ।

ଅଧିକନ୍ତୁ, ଯଦି ଆପଣ ୩୦ରୁ ଅଧିକ ଦିନ ପାଇଁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି, ତେବେ ମାସ ମାସ ଓ ବର୍ଷ ବର୍ଷ ଧରି ନିରନ୍ତର ଭାବେ ନିଜ ଟଙ୍କାକୁ ନିବେଶ କରିବା ପାଇଁ ଆବଶ୍ୟକ ଶୃଙ୍ଖଳାର ଏହା ପ୍ରଥମ ପଦକ୍ଷେପ ସାବ୍ୟସ୍ତ ହୋଇପାରେ ।

**ତେବେ, ୩୦-ଦିନିଆ ନିୟମକୁ ପରୀକ୍ଷା କରି ଦେଖିବା ପାଇଁ ଆପଣ ପ୍ରସ୍ତୁତ ତ?**

**ଏହାପରେ କ'ଣ: ଆର୍ଥିକ ମଙ୍ଗଳ ହାସଲ କରିବା ପାଇଁ, ୩୦-ଦିନିଆ ନିୟମ ସହିତ ଏକ ଉତ୍ତମ ଆର୍ଥିକ ଯୋଜନାର ଆବଶ୍ୟକତା ରହିଛି । ଆରମ୍ଭରୁ ହିଁ ଟଙ୍କାପଇସା ଦୃଷ୍ଟିରୁ ନିଜକୁ ବିଜ୍ଞ କରିବାର ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଏଠାରେ କେତେକ ଶିକ୍ଷା ଦିଆଯାଇଛି ଯାହାକୁ ଆମେ ୨୦୨୦ରେ ଶିଖିଛୁ, ଆପଣ ଏହି ଶିକ୍ଷାର ସଦୁପଯୋଗ କରିପାରିବେ ।**

ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ନିକଟ ଅତୀତରେ ମୋର ପ୍ରଥମ ଚାକିରି ଆରମ୍ଭ କରିଛି ଏବଂ ମୋର ସବୁଠାରୁ ପସନ୍ଦର ଜିନିଷ ଭ୍ରମଣ ପାଇଁ ସଞ୍ଚୟ ଓ ନିବେଶ ଆରମ୍ଭ କରିବାକୁ ଚାହୁଁଛି । ମୁଁ ଏହା କେମିତି କରିପାରିବି?**



**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**
**ବିଷ୍ଣୁ କୁମାର ଅଗ୍ରୱାଲା**
ଆର୍ଥିକ ବିଶେଷଜ୍ଞ

ଆଜିକାଲି ଛୁଟିଦିନିଆ ଭ୍ରମଣର ଯୋଜନା କରିବା ଠିକ୍ ଅନ୍ୟାନ୍ୟ ଆର୍ଥିକ ଲକ୍ଷ୍ୟର ଯୋଜନା କରିବା ଭଳି। ଏହା ଅନ୍ୟ ଯେକୌଣସି ଆର୍ଥିକ ଲକ୍ଷ୍ୟ ଭଳି ଧ୍ୟାନ ଆବଶ୍ୟକ କରିଥାଏ, ବିଶେଷ କରି ଯଦି ଆପଣ ପ୍ରାୟତଃ ଭ୍ରମଣ କରିବାକୁ ଚାହୁଁଥାନ୍ତି। କିନ୍ତୁ ଅନ୍ୟ କୌଣସି ଆର୍ଥିକ ଲକ୍ଷ୍ୟ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ଆପଣଙ୍କ ନିକଟରେ ଯେପରି ଏକ ଜରୁରିକାଳୀନ ପାଣ୍ଠି ରହିଥାଏ ଏହା ସୁନିଶ୍ଚିତ କରିନିଅନ୍ତୁ । ଏକ ଜରୁରିକାଳୀନ ପାଣ୍ଠି ଅପ୍ରତ୍ୟାଶିତ ଆର୍ଥିକ ସଂକଟରୁ ଆପଣଙ୍କୁ ଉଦ୍ଧାର କରିପାରିବ, ତେଣୁ ଏହା ଆପଣଙ୍କର ସର୍ବପ୍ରଥମ ପ୍ରାଧାନ୍ୟତା ହେବା ଆବଶ୍ୟକ। ଛୁଟିଦିନିଆ ଭ୍ରମଣ ପାଇଁ, ଆପଣ ସର୍ବଦା ଏକ ଏସ୍‌ଆଇପି ଆରମ୍ଭ କରିପାରନ୍ତି ଏବଂ ପ୍ରତିମାସରେ ନିୟମିତ ନିବେଶ ଆରମ୍ଭ କରିପାରନ୍ତି। ଉପଯୁକ୍ତ ଢଙ୍ଗରେ ଯୋଜନା କରିଥିଲେ ଏସ୍‌ଆଇପି ଆପଣଙ୍କୁ ଆପଣଙ୍କ ପସନ୍ଦର ପ୍ରତିଟି ଭ୍ରମଣକୁ ସମ୍ଭବ କରିପାରିବ। ଏକ ବଜେଟ ତିଆରି କରିବା ଓ ଆପଣଙ୍କ ଅର୍ଥ ଉପରେ ନିର୍ଭରଶୀଳ ଲକ୍ଷ୍ୟଗୁଡ଼ିକ ପାଇଁ ସଞ୍ଚୟ ଆରମ୍ଭ କରିଦେବା ସବୁଠାରୁ ଭଲ।

## ଗୁରୁ କୁହନ୍ତି

**ଅଜିତ କୁମାର ଭୂୟାଁ**
ଆର୍ଥିକ ପରାମର୍ଶଦାତା

**ମୋ ବୟସ ୨୪ ବର୍ଷ ଏବଂ ମୁଁ ଏଇ ୩ ମାସ ହେଲା ଏକ ସଂସ୍ଥାରେ କାମ କରିବା ଆରମ୍ଭ କରିଛି। ମୋ ସାଙ୍ଗସାଥୀଙ୍କ ସହିତ ବାହାରକୁ ଯେତେଥର ବୁଲିବାକୁ ଯାଏ ମୁଁ କିଛି ନା କିଛି ପ୍ରଡକ୍ଟ କିଣିଆଣେ। ଏସବୁ ଛୋଟ ଛୋଟ ଖର୍ଚ୍ଚ ହୋଇଥିଲେ ବି ମୋ ଦରମା ଅଧିକାଂଶ ଏହିଭଳି ଭାବେ ଖର୍ଚ୍ଚ ହୋଇଯାଏ । ମୁଁ ନିବେଶ ଆରମ୍ଭ କରିବାକୁ ଚାହୁଁଛି କିନ୍ତୁ ମୋର ମାସିକ ଖର୍ଚ୍ଚ ଓ ଆବେଗୀ କିଣାକିଣି କାରଣରୁ ମୁଁ ଟଙ୍କା ସଞ୍ଚୟ କରିପାରୁନାହିଁ । ମୁଁ କ'ଣ କରିବି?**

ଟଙ୍କା ସଞ୍ଚୟ ପାଇଁ ଆପଣଙ୍କୁ ପ୍ରଥମେ ଏସ୍‌ଆଇପି ଆରମ୍ଭ କରିବାକୁ ହେବ। ଆପଣ କିଣୁଥିବା ପ୍ରତ୍ୟେକ କ୍ରୟ ପାଇଁ ଦ୍ୱିତୀୟ ଥର ଚିନ୍ତା କରନ୍ତୁ। ଯଦି ନ କିଣିଲେ କିଛି ଅସୁବିଧା ନାହିଁ ତେବେ ଜରୁରୀ ନ ଥିବା ଉତ୍ପାଦର କିଣାକିଣି କରନ୍ତୁ ନାହିଁ । ବ୍ୟକ୍ତିଗତ ଆର୍ଥିକ ଦିଗର ଅନ୍ୟତମ ବଡ଼ ଆହ୍ୱାନ ହେଉଛି କମ୍ ଟଙ୍କା ଖର୍ଚ୍ଚ କରିବାର ଉପାୟଗୁଡ଼ିକୁ ଚିହ୍ନଟ କରିବା – ଆଉ ଏହାକୁ ଚିହ୍ନଟ କରିବାର ସବୁଠାରୁ ଶ୍ରେଷ୍ଠ ଉପାୟ ହେଉଛି ନିଜର ମାସିକ ଖର୍ଚ୍ଚକୁ ହ୍ରାସ କରିବା। ଆମର କେତେକ ନିୟମିତ ବିଲ୍‌ଗୁଡ଼ିକୁ ଅଲଗା ଅଲଗା କରି ଦେଖିଲେ ସେଗୁଡ଼ିକ ଛୋଟ ଓ ତୁଚ୍ଛ ମନେ ହୋଇଥାଏ, କିନ୍ତୁ ସେଗୁଡ଼ିକୁ ଏକାଠି ମିଶାଇ ଦେଖିଲେ ସେଗୁଡ଼ିକର ପ୍ରଭାବ ବିଶାଳକାୟ ହେବ – ଏବଂ ଏହା ଆମର ସମ୍ବଳକୁ ପ୍ରଭାବିତ କରିଥାଏ । ନିଜର ନିତିଦିନିଆ ଖର୍ଚ୍ଚଗୁଡ଼ିକୁ କିଛିମାତ୍ରାରେ କମାଇବା ଦ୍ୱାରା ଆପଣଙ୍କୁ ଟଙ୍କା ସଞ୍ଚୟ କରିବାରେ ସହାୟତା ମିଳିପାରିବ ଏବଂ ଆପଣଙ୍କ ନିକଟରେ ଖର୍ଚ୍ଚ କରିବା ପାଇଁ ପର୍ଯ୍ୟାପ୍ତ ଟଙ୍କା ସଞ୍ଚିତ ହେଲାପରେ ଆପଣ ସେହି ଅର୍ଥରାଶିକୁ ନିଜର ଯେକୌଣସି କାମରେ ଲଗାଇପାରିବେ ।

### ପାଠକୀୟ ମତ

ଆଜିର ଯୁଗରେ କ୍ରେଡିଟ୍ କାର୍ଡ ଏକ ଆବଶ୍ୟକତା ବୋଲି ଆପଣ ଭାବନ୍ତି କି?

ହଁ | ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାନ୍ତୁ। Poll <SPACE> YES କିମ୍ବା Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ। ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

### ଶେଷ ପାଠକୀୟ ମତର ଫଳାଫଳ

ନିବେଶ ସମ୍ପର୍କିତ ଜ୍ଞାନର ଅଭାବ ଆପଣଙ୍କୁ ନିବେଶରୁ ନିରୁତ୍ସାହିତ କରୁଛି କି?

ଆପଣମାନଙ୍କ ମତାମତ ଏହିପରି ଥିଲା — ହଁ ୭୫% | ନା ୨୫%

### ଶେଷ ସଂସ୍କରଣ ବିଶେଷଜ୍ଞ ମତ

ନିବେଶର ବିଶାଳ ଜଗତ ପ୍ରଥମେ ପ୍ରଥମେ ଆପଣଙ୍କୁ ବିଚଳିତ କରିପାରେ। ହେଲେ, ମ୍ୟୁଚୁଆଲ ଫଣ୍ଡ ଭଳି ସହଜ ନିବେଶଗୁଡ଼ିକ ଆପଣଙ୍କୁ ଏଥିରେ ଅଭ୍ୟସ୍ତ ହେବାରେ ସହାୟତା କରିପାରିବ। ଏହି ଫଣ୍ଡଗୁଡ଼ିକ ଫଣ୍ଡ ମ୍ୟାନେଜରମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ଯେଉଁମାନେ ଆପଣଙ୍କୁ ସର୍ବାଧିକ ରିଟର୍ନ ଯୋଗାଇବା ଲାଗି ନିଜର ବିଶେଷଜ୍ଞତାକୁ କାମରେ ଲଗାଇଥାନ୍ତି। ଆହୁରି ମଧ୍ୟ, ନିବେଶକୁ ନେଇ ଆପଣଙ୍କ ମନରେ କୌଣସି ସନ୍ଦେହ ଥିଲେ ଆପଣ ସର୍ବଦା ଜଣେ ଆର୍ଥିକ ଉପଦେଷ୍ଟାଙ୍କ ପରାମର୍ଶ ନେଇପାରିବେ।

ଅଧିକ ବିବରଣୀ ପାଇଁ ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com




**ନିଜ ସ୍ୱପ୍ନକୁ ପୂରଣ କରିବା ପାଇଁ ସମସ୍ତଙ୍କର ଅଧିକାର ଅଛି । ନିଜର ପ୍ରଥମ ଦରମାରୁ ହିଁ ଠିକ୍ ଯୋଜନା ଦ୍ୱାରା ନିଜ ସ୍ୱପ୍ନଗୁଡ଼ିକୁ ପୂରଣ କରିବାର ସୁଯୋଗ ସୃଷ୍ଟି କରନ୍ତୁ । କେମିତି କରିବେ ତାହା ଜାଣିବା ପାଇଁ ଏଠାରେ ପ୍ରଦତ୍ତ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।**

# ୨୦୨୦ ଆମକୁ ଦେଇଥିବା ପ୍ରମୁଖ ଶିକ୍ଷାଗୁଡ଼ିକ

**ଲକ୍‌ଡାଉନ୍ । ସଙ୍ଗରୋଧ । ମହାମାରୀ । ସ୍ୱାସ୍ଥ୍ୟ ସଙ୍କଟ ।**

**ଏଇ କେତେକ ଶବ୍ଦ ୨୦୨୦ରେ ଏବର୍ଷ ଚାରିଆଡ଼େ ଶୁଣିବାକୁ ମିଳିଥିଲା । ଆଉ ଆମମାନଙ୍କ ମଧ୍ୟରୁ ଅଧିକାଂଶ ଫାଷ୍ଟ ଫରୱାର୍ଡ କରି ୨୦୨୧କୁ ଯିବାକୁ ଚାହୁଁଥିବାବେଳେ, ଆସନ୍ତୁ ନଜର ପକାଇବା ୨୦୨୦ ଆମକୁ ଆର୍ଥିକ ଦୃଷ୍ଟିରୁ କିପରି ବିଜ୍ଞ କରିପାରିଛି ।**

### ସର୍ବପ୍ରଥମେ ବଜେଟ

ପ୍ରଥମେ ପ୍ରଥମେ ବଜେଟକୁ କାର୍ଯ୍ୟାନ୍ୱିତ କରିବା କଷ୍ଟକର ଲାଗିପାରେ – ଏଥିରେ ଆମର ଜରୁରୀ ଖର୍ଚ୍ଚ, ସଞ୍ଚୟ ଓ ଆମୋଦ ପ୍ରମୋଦ ପଛରେ ଆମର ଖର୍ଚ୍ଚଗୁଡ଼ିକୁ ପୁନଃ ସମୀକ୍ଷା କରିବାକୁ ହୋଇଥାଏ । କିନ୍ତୁ ଏକ ବଜେଟ ଆପଣଙ୍କ ଆର୍ଥିକ ଜୀବନ ପାଇଁ ଏକ ଦୀର୍ଘମିଆଦୀ ସକାରାତ୍ମକ ପ୍ରଭାବ ପକାଇଥାଏ ।

### ନିଜର ସୁରକ୍ଷା ନେଟ୍‌ର ପୁନର୍ବିଚାର

୨୦୨୦ ପୂର୍ବରୁ ଯଦି ଏକ ଜରୁରିକାଳୀନ ପାଣ୍ଠି ପାଇଁ ସଞ୍ଚୟ ଓ ନିବେଶ କରିବା ଏକ ପ୍ରାଧାନ୍ୟତା ନ ଥିଲା ତେବେ ଏବେ ଏହା ନିଶ୍ଚୟ ହୋଇଯାଇଛି । ଅପ୍ରତ୍ୟାଶିତ ଖର୍ଚ୍ଚ କ୍ଷେତ୍ରରେ ଏକ ମୌଳିକ ସୁରକ୍ଷା ନେଟ୍ ଆପଣଙ୍କୁ ଋଣ ନେବାରୁ ଅଟକାଇପାରିବ।

### ଋଣ ଭୟଙ୍କର ହୋଇପାରେ

ରୋଜଗାର ହରାଇବା ଏକ ଚିନ୍ତାର ବିଷୟ ହୋଇଥିବାବେଳେ, ମାସ ଶେଷରେ ଋଣ ଶୁଝିବାର ଆବଶ୍ୟକତା ସେହି ଚିନ୍ତାକୁ ଆହୁରି ଶୋଚନୀୟ କରିପାରେ। ନିଜ ଆର୍ଥିକ ଯୋଜନାରେ ଋଣକୁ ଶୁଝି ଦୂର କରିବା ଏକ ପ୍ରାଧାନ୍ୟତା ହେବା ଆବଶ୍ୟକ ।

### ମେଡିକ୍ଲେମ୍ ସହିତ ଉପଶମ ପାଆନ୍ତୁ

ଆଜିର ସମୟରେ ଯଥେଷ୍ଟ ମେଡିକ୍ଲେମ୍ ରହିବା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ନିଜ ମେଡିକାଲ ପଲିସିଗୁଡ଼ିକ ଉପରେ ନଜର ପକାନ୍ତୁ ଓ ଭବିଷ୍ୟତରେ ଆପଣ କେଉଁ ଅତିରିକ୍ତ କଭରେଜ୍ ଆବଶ୍ୟକ କରିବେ ତାହା ନିର୍ଦ୍ଧାରଣ କରନ୍ତୁ ।

### ଏକ ଦୀର୍ଘ-ମିଆଦୀ ନିବେଶ ଦୃଷ୍ଟିକୋଣ ରଖନ୍ତୁ

ବଜାର ଅସ୍ଥିରତା କାରଣରୁ ବେଳେବେଳେ ନିବେଶକମାନେ ଅସ୍ୱସ୍ତି ଅନୁଭବ କରିଥାନ୍ତି। କିନ୍ତୁ ସ୍ୱଳ୍ପ-ମିଆଦୀ ପରିଣାମଗୁଡ଼ିକ ଉପରେ ଧ୍ୟାନ ଦେବା ବଦଳରେ ଆପଣଙ୍କୁ ଦୀର୍ଘ-ମିଆଦୀ ପରିଣାମକୁ ବିଚାରକୁ ନେବାକୁ ପଡ଼ିବ। ଏକ ଦୀର୍ଘ-ମିଆଦୀ ଦୃଷ୍ଟିକୋଣ ରଖିଲେ ଆପଣଙ୍କର ନିବେଶକୁ ବଜାୟ ରଖିବା ଓ ବଜାରରେ ଦେଖାଦେଉଥିବା ଛୋଟ ଛୋଟ ଝଟ୍‌କାକୁ ସହ୍ୟ କରିବା ଅଧିକ ସହଜ ହୋଇଯିବ।

### ନିଜ ପୋର୍ଟଫୋଲିଓକୁ ବିବିଧକୃତ କରନ୍ତୁ

ବିବିଧକରଣ ଏହା ସୁନିଶ୍ଚିତ କରେ ଯେ ଆପଣ ଯେପରି ଗୋଟିଏ ଝୁଡ଼ିରେ ନିଜର ସମସ୍ତ ଅଣ୍ଡା ନ ରଖନ୍ତି । ବିଭିନ୍ନ ଆସେଟ୍ କ୍ଲାସ୍‌ରେ ନିଜର ନିବେଶକୁ ବ୍ୟାପ୍ତ କରିବା ଦ୍ୱାରା ଆପଣ ଏହି ସୁବିଧା ପାଆନ୍ତି ଯେ ଆପଣଙ୍କର ଗୋଟିଏ ପୋର୍ଟଫୋଲିଓଟି ପତନୋନ୍ମୁଖୀ ହୋଇଥିବା ବେଳେ ଅନ୍ୟଟି ଊର୍ଦ୍ଧ୍ୱମୁଖୀ ହୋଇଥାଇପାରେ। ଅଧିକ ଜାଣିବା ପାଇଁ ଏଠାରେ ପ୍ରଦତ୍ତ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

### ନିଜ ପୋର୍ଟଫୋଲିଓର ସମୀକ୍ଷା କରନ୍ତୁ

ବଜାରର ପରିସ୍ଥିତି କାରଣରୁ ଆପଣଙ୍କ କେତେକ ନିବେଶ ଭଲ ପ୍ରଦର୍ଶନ କରୁଥିବାବେଳେ ଅନ୍ୟଗୁଡ଼ିକ ଏଥିପାଇଁ ଅଧିକ ସମୟ ନେଇପାରେ। ତେଣୁ, ସମୟ ସମୟରେ ନିଜର ନିବେଶଗୁଡ଼ିକର ସମୀକ୍ଷା ଏକ ଉତ୍ତମ ଉପାୟ ହୋଇପାରେ ।

### ଶେଷରେ...

ଲକ୍‌ଡାଉନ୍ ପରେ ଜୀବନ ବିବର୍ତ୍ତିତ ହେଉଥିବାବେଳେ, ଟଙ୍କାପଇସା ବାବଦୀୟ ଏଇ କେତୋଟି ଉପଦେଶକୁ ଜୀବନରେ କାର୍ଯ୍ୟକାରୀ କଲେ ଆପଣ ୨୦୨୦ରୁ ଆର୍ଥିକ ଭାବେ ସୁଦୃଢ଼ ହୋଇ ଉଭା ହୋଇପାରିବେ ଏବଂ ଭବିଷ୍ୟତରେ ଅନ୍ୟ କୌଣସି ଅପ୍ରତ୍ୟାଶିତ ଅର୍ଥନୈତିକ ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତ ରହିପାରିବେ।

ଏହି ବିଷୟବସ୍ତୁକୁ ବିଶେଷ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ ।

## ସ୍ୱତନ୍ତ୍ର କୁମାରଙ୍କ ନିବେଶ ମନ୍ତ୍ର




ଏସ୍‌ଆଇପି ହେଉଛି ଏକ ସମୟ ଅବଧିରେ ଏକ ମ୍ୟୁଚୁଆଲ ଫଣ୍ଡରେ ଏକ ପୂର୍ବ-ନିର୍ଦ୍ଧାରିତ ତାରିଖରେ ଏକ ନିର୍ଦ୍ଦିଷ୍ଟ ରାଶି ଶୃଙ୍ଖଳିତ ଭାବେ ନିବେଶ କରିବାର ଏକ ପ୍ରକ୍ରିୟା ।

**ପରବର୍ତ୍ତୀ ସଂସ୍କରଣରେ:** ଟେକ୍ନୋଲୋଜିର ପ୍ରସାର ନିବେଶର ଚେହେରାକୁ ସମ୍ପୂର୍ଣ୍ଣ ବଦଳାଇଦେଇଛି । ପରବର୍ତ୍ତୀ ସଂସ୍କରଣରେ, ଆମେ ନଜର ପକାଇବା ଟେକ୍ନୋଲୋଜି କିପରି ଭାବେ ନିବେଶକମାନଙ୍କୁ ସହଜତା ଓ ସୁରକ୍ଷାର ସହିତ ସେମାନଙ୍କ ନିବେଶକୁ ଟ୍ରାକ୍ କରିବା, ପରିଚାଳନା କରିବା ଓ ସେ ବାବଦୀୟ ପରିଶୋଧ କରିବାରେ ସକ୍ଷମ କରିଛି ।

**f LIVE** ନିଜର ପ୍ରଥମ ଦରମାକୁ କ'ଣ କରିବେ? ନିଜସ୍ୱ ଧନସମ୍ପଦ ଅଭିମୁଖେ ଯାତ୍ରାକୁ ଆରମ୍ଭ କରିବେ ନିଶ୍ଚୟ! ୧ ଅକ୍ଟୋବର ୨୦୨୦ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଓ 'ବିଗିନ୍ ୟୋର୍ ୱେଲ୍‌ଥ କ୍ରିଏସନ୍ ଜର୍ନି ୱିଥ୍ ୟୋର୍ #Firstpaycheque' ଶୋ' ଦେଖନ୍ତୁ ।

**ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହ ପଢ଼ନ୍ତୁ ।**

**ଦାବିତ୍ୟାଗ:** କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟ୍‌ରେ "ମଧ୍ୟସ୍ଥ/ବଜାର ଭିତ୍ତିଭୂମି ଅନୁଷ୍ଠାନ" ଅଧୀନରେ ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ ।

UTI Mutual Fund
Haq, ek behtar zindagi ka.

## ସମୟକୁ ଆପଣଙ୍କ ପାଇଁ କାର୍ଯ୍ୟ କରିବାକୁ ଦିଅନ୍ତୁ ।

**ଚକ୍ରବୃଦ୍ଧିର ଲାଭ ଉଠାଇବା ପାଇଁ ଏସ୍‌ଆଇପି ଜରିଆରେ ନିବେଶ କରିବା ଆରମ୍ଭ କରନ୍ତୁ ।**




ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ ।

1825

ଯେତେବେଳେ କି ଆପଣ ପ୍ରତି ମାସରେ ଏକ ଏସ୍‌ଆଇପି ମାଧ୍ୟମରେ ରାଶି ନିବେଶ କରନ୍ତି, କେବଳ ଆପଣଙ୍କ ନିବେଶିତ ରାଶି ନୁହେଁ, ପରନ୍ତୁ ସଂଗୃହୀତ ରିଟର୍ନ୍ ମଧ୍ୟ ରିଟର୍ନ୍ ଅର୍ଜନ କରେ । ଶୀଘ୍ର ଆରମ୍ଭ କରି ଏବଂ ଦୀର୍ଘ ସମୟ ଅବଧି ପାଇଁ ନିବେଶିତ ରହି ଆପଣ ଚକ୍ରବୃଦ୍ଧି ମ୍ୟାଜିକ୍‌ର ଉପଯୋଗ କରନ୍ତୁ । **ଆଜି ହିଁ ଆରମ୍ଭ କରନ୍ତୁ!**

**ୟୁଟିଆଇ ସ୍ୱତନ୍ତ୍ର**
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
**SMS "SIP" to 5676756**

Scan this QR code to understand the benefits of starting early.

**ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି)**

ବଡ଼ ସ୍ୱପ୍ନକୁ ସାକାର କରିବା ପାଇଁ ଏକ ଛୋଟିଆ ପଦକ୍ଷେପ ନିଅନ୍ତୁ, ଲଗ୍ ଅନ୍ କରନ୍ତୁ www.utiswatantra.com
Follow us on

କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc । ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ "ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ" ଅଧୀନରେ କରାଯାଇପାରେ । ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋରସ ପୋର୍ଟାଲ) ଦେଖି ପାରିବେ । ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ ।

ସୁବ୍ୟବସ୍ଥିତ ନିବେଶ ଯୋଜନା (ଏସ୍‌ଆଇପି) ଏକ ନିଶ୍ଚିତ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରେ ପୂର୍ବ ନିଶ୍ଚିତ ତାରିଖରେ ଏକ ନିଶ୍ଚିତ ରାଶିକୁ ଅନୁଶାସିତ ନିବେଶ କରିବାର ଏକ ପ୍ରକ୍ରିୟା ଅଟେ, ଯାହା ନିୟମିତ ରୂପେ ସମୟ ଅବଧି ଉପରେ ହୋଇଥାଏ ।

**ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ ।**

## ଗ୍ୟାସ୍ ଲିକ୍‌ରୁ ଜଳିଗଲା ଦୋକାନ

ବ୍ରହ୍ମଗିରି,(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି ବଜାରର ଗୋପ ଛକ ନିକଟସ୍ଥ ଏକ ଫାଷ୍ଟଫୁଡ ଦୋକାନରେ ଗ୍ୟାସ ସିଲିଣ୍ଡର ପାଇପ୍ ଫାଟି ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନର ଆସବାବପତ୍ର ସହ ଏକ ଟିଭି ପୋଡିଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନା ଅନୁଯାୟୀ, ଗୋପ ଛକସ୍ଥିତ ମଥୁରା ରାସ୍ତାରେ ଜଳେଶ୍ୱର ପଲାଇଙ୍କ ଏକ ଫାଷ୍ଟଫୁଡ ଦୋକାନ ରହିଛି। ଜଳେଶ୍ୱର ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ୍ ସିଲିଣ୍ଡରରେ ଲାଗିଥିବା ପାଇପ ଲିକ୍ ହୋଇଯିବାରୁ ଅଗ୍ନିକାଣ୍ଡ ଘଟିଥିଲା।

# କରୋନା ପରଠୁ ହୃଦ୍‌ରୋଗୀଙ୍କ ସଂଖ୍ୟା ୨୦% ବଢ଼ିଛି

**ବିଶ୍ୱ ହୃଦୟ ଦିବସ**

ଭୁବନେଶ୍ୱର,୨୮।୯(ବ୍ୟୁରୋ)

କୋଭିଡ୍-୧୯ ପାଇଁ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟନ୍ତ ହୋଇଛି। ଅଣକୋଭିଡ୍ ରୋଗୀମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗୁଡ଼ୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ, କରୋନା ସଂକ୍ରମଣ ପରଠୁ ରାଜ୍ୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ୧୦ରୁ ୨୦% ବୃଦ୍ଧିପାଇଛି। ଚିକିତ୍ସାରେ ଅବହେଳା ଓ ବିଳମ୍ବରେ ରୋଗ ଚିହ୍ନଟ ଯୋଗୁ ଅଧିକ ସଂଖ୍ୟକ ହୃଦ୍‌ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଠିକ୍ ସମୟରେ ଚିକିତ୍ସା ପାଇଥିଲେ ସେମାନେ ସୁସ୍ଥ ହୋଇପାରିଥାନ୍ତେ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଭାରତରେ ମୃତ୍ୟୁର ଅନ୍ୟତମ ପ୍ରମୁଖ କାରଣ ହୃଦ୍‌ରୋଗ ହୋଇଥିବାବେଳେ ଦେଶରେ ପ୍ରତ ୪ଜଣରେ ଜଣେ ଏଥିପାଇଁ ଜୀବନ ହରାଇଥାନ୍ତି।

ଏ ସମ୍ପର୍କରେ କେୟାର ହସ୍ପିଟାଲ୍‌ର ବରିଷ୍ଠ କନସଲଟାଣ୍ଟ ଡ. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ଡ. ଗିରିଧର ଜେନା କହିଛନ୍ତି, ହୃଦ୍‌ରୋଗରେ ପୀଡ଼ିତ ବ୍ୟକ୍ତି କୋଭିଡ୍ ମହାମାରୀ କାରଣରୁ ଚିକିତ୍ସାରେ ବିଳମ୍ବ କରିବା ଅନୁଚିତ। ହୃଦ୍‌ରୋଗୀମାନେ ଶାରୀରିକ, ମାନସିକ ଭାବେ ନିଜର ଅଧିକ ଯତ୍ନ ନେବା ଦରକାର। ସେହିଭଳି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ପ୍ରୋଟୋକଲ୍ ମାନି ଚଳିବା ଦରକାର। ଯୋଗ, ବ୍ୟାୟାମ କରିବା, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା, ଶୋଇବା, ଔଷଧ ନିୟମିତ ଖାଇବା, ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ସାମାଜିକ ଦୂରତ୍ୱ ମାନି ଚଳିବା ଏବଂ ସକାରାତ୍ମକ ମନୋଭାବ ରଖିବା ଦ୍ୱାରା ହୃଦ୍‌ରୋଗୀମାନେ ନିଜକୁ ସୁସ୍ଥ ରଖିପାରିବେ ଏବଂ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହେବାରୁ ନିଜକୁ ସୁରକ୍ଷା ଦେଇପାରିବେ ବୋଲି ଡ. ତ୍ରିପାଠୀ କହିଛନ୍ତି। କେୟାର ହସ୍ପିଟାଲସ୍‌ର ଇଣ୍ଟରଭେନ୍‌ଶନାଲ୍ କାର୍ଡିଓଲୋଜିଷ୍ଟ ଡ. ଗିରିଧର ଜେନା କହିଛନ୍ତି, କୋଭିଡ୍ ପାଇଁ ହୃଦ୍ ଓ ତତ୍ ସଂକ୍ରାନ୍ତୀୟ ରୋଗରେ ପିଡ଼ିତ ଥିବା ପ୍ରାୟ ଅଧା ରୋଗୀ ମେଡିକାଲ୍ ଚିକିତ୍ସା ପାଇପାରୁନାହାନ୍ତି କିମ୍ବା ହସ୍ପିଟାଲ ଯିବାକୁ ଚାହୁଁନାହାନ୍ତି। ତେଣୁ ହସ୍ପିଟାଲ୍‌ରେ ଭର୍ତ୍ତି ହେଉଥିବା ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ହୃଦ୍‌ଘାତ ଯୋଗୁ ଘରେ ରହି ମୃତ୍ୟୁମୁଖରେ ପଡୁଥିବା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚିନ୍ତାର ସବୁଠାରୁ ବଡ଼ କାରଣ ହେଉଛି, ଗମ୍ଭୀର ହୃଦ୍ ସମସ୍ୟା ସତ୍ତ୍ୱେ ରୋଗୀମାନେ ଚିକିତ୍ସାରେ ବିଳମ୍ବ କରୁଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଆହୁରି ବିଗାଡ଼ି ଦେଉଥିବା ସେ କହିଛନ୍ତି। ତେଣୁ ହୃଦ୍‌ରୋଗରେ ପୀଡ଼ିତ ଲୋକମାନେ ଚିକିତ୍ସାରେ ବିଳମ୍ବ କରିବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।

# କେୟାରଟେକରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ**

ପୁରୀ ଅଫିସ,୨୮।୯

ବଳିଆପଣ୍ଡା ଥାନା ଅଧୀନ ଏକ ଗେଷ୍ଟ ହାଉସ୍‌ରୁ କେୟାରଟେକରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ପୁରୀ ସଦର ଥାନା ଅଧୀନ ମାର୍କଣ୍ଡପୁର ଗ୍ରାମର ସନ୍ତୋଷ ବାରିକ (୩୨)। ପରିବାରବର୍ଗଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୦/୨୦) ରୁଜୁକରି ତଦନ୍ତ ଚଳାଇଛି।

ସନ୍ତୋଷ ପ୍ରାୟ ୮ବର୍ଷ ହେବ ଏହି ଗେଷ୍ଟହାଉସ୍‌ରେ କେୟାରଟେକର ଭାବେ କାମ କରୁଥିଲେ। ଗତବର୍ଷ ଫନୀରେ ଏହି ଗେଷ୍ଟହାଉସ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସନ୍ତୋଷ ସେଠାରେ ରହି ସବୁ ବୁଝାଶୁଝା କରୁଥିଲେ। ରବିବାର ରାତିରେ ସନ୍ତୋଷଙ୍କ ମୃତଦେହ ଝୁଲୁଥିବା ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଦେଖି ଫେରିଥିଲା। ସୋମବାର ସକାଳେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସନ୍ତୋଷଙ୍କ ବେକରେ ଏକ ଗାମୁଛା ବନ୍ଧାଯାଇଥିବାବେଳେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିଲା। ମାତ୍ର ତାଙ୍କ ଗୋଡ଼ ତଳେ ଲାଗିଥିଲା। ଥାନା ଅଧିକାରୀ ଚିନ୍ମୟ ରାଉତ କହିଛନ୍ତି, ସନ୍ତୋଷଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ରମାକାନ୍ତଙ୍କ ଅଭିଯୋଗ ଭିତ୍ତିରେ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ସମ୍ପର୍କରେ ଅଧିକ ଜଣାପଡ଼ିବ।

## ସଂକ୍ଷେପରେ

### ୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୨୮।୯ (ବ୍ୟୁରୋ): କୁଇକ୍ ଆକ୍ସନ ଟିମ୍ ଓ ଖଣ୍ଡଗିରି ଥାନା ପୋଲିସ ସ୍ଥାନୀୟ ରଘୁନାଥନଗରରେ ଚଢ଼ାଉ କରି ମୁନ୍ ମଣ୍ଡପ ସମ୍ମୁଖରୁ ୨ଜଣ ବ୍ରାଉନସୁଗାର ବେପାରିଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୬ ଲକ୍ଷ ଟଙ୍କାର ୬୦ ଗ୍ରାମ ବ୍ରାଉନ ସୁଗାର, ଦୁଇଟି ମୋବାଇଲ୍ ଫୋନ୍, ୧୭ଶହ ଟଙ୍କା, ଦୁଇଟି ବାଇକ ଜବତ କରାଯାଇଛି। ଗିରଫମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ସନ୍ତୋଷ ଓରଫ ଖଲି ବେହେରା (୪୦) ଓ କୃଷ୍ଣଚନ୍ଦ୍ର ପଲେଇ (୩୨)। ଏନେଇ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୫୮୬/୨୦)ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ଖୋର୍ଦ୍ଧା ତାପଙ୍ଗରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୨୫ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଥିଲା।

### ପାଚେରିରୁ ଖସି ଶ୍ରମିକ ମୃତ

ଖୁଣ୍ଟୁଣୀ,୨୮।୯(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାରନୂଆଗାଁରେ ନିର୍ମାଣାଧୀନ ଏକ ସିମେଣ୍ଟ କାରଖାନାର ପାଚେରି ନିର୍ମାଣବେଳେ ଖସିପଡ଼ି ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡ଼ିଝାଟିଆ ଥାନା ଡେରା ଗ୍ରାମର ବିରଞ୍ଚି ପୂର୍ତ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ନେଇଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ଦିଆଯାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ଥାନାଧିକାରୀ ବିଜୟ କୁମାର ବିଶି, ସରପଞ୍ଚ ପ୍ରଜ୍ଞାସୁ ମହାପାତ୍ର ଓ କାରଖାନା ମ୍ୟାନେଜର ଅଶୋକ ମହାପାତ୍ର ପହଞ୍ଚି ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ। କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ଓ ପୁଅକୁ ଚାକିରି ଦେବାକୁ କାରଖାନା ମ୍ୟାନେଜର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ଭୁବନେଶ୍ୱର,୨୮।୯(ବ୍ୟୁରୋ): ଏୟାରପୋର୍ଟ ଥାନାଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସ୍ଥାନୀୟ ବସ୍ତିର ପୁନିଆ ନାୟକଙ୍କୁ ଗିରଫ କରିଛି। ନାବାଳିକା ଘର ନିକଟରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତେବେ ଉଦ୍ଧାର ପରେ ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗୋ ମାଂସ ଜବତ, ୮ ଗିରଫ

କଟକ ସଦର,୨୮।୯(ଡି.ଏନ୍.ଏ.): ଗୋ ମାଂସ ଚାଲାଣ ଅଭିଯୋଗରେ କଟକ ସଦର ଥାନା ପୋଲିସ ସୋମବାର ୮ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୩ଜଣ ନାବାଳକ ରହିଛନ୍ତି। ଅନ୍ୟ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମେଦିନିପୁର ଜିଲା ନନ୍ଦକୁମାର ଥାନା ଅଧୀନ ଶିତଳପୁର ଗ୍ରାମର ସେକ୍ ମୁଜବିର ରହେମାନ(୨୬), ସେକ୍ ମୁସ୍ତାଫା ଅଲ୍ଲୀ(୪୩), ସେକ୍ ଅନିସୁର ଅଲ୍ଲୀ(୨୦), ସେକ୍ ଜାହାଙ୍ଗିର ମଲ୍ଲିକ(୨୧), ସେକ୍ ଓସମାନ ଗନି(୩୦)। ଏମାନଙ୍କ ନିକଟରୁ ୩କେଜି ମାଂସ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୦୦/୨୦)ରୁଜୁ ହୋଇଛି। ପୋଲିସ ସୂଚନାନୁଯାୟୀ, କୁରାଙ୍ଗ ପ୍ରଧାନ ଗ୍ରାମର ମାଉସୀମା ମନ୍ଦିର ନିକଟରେ ଅଭିଯୁକ୍ତମାନେ କ୍ୟାମ୍ପ କରି ଗୋ ମାଂସ ଚାଲାଣ କରୁଥିବା ନେଇ ଖବରପାଇ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ପୋଲିସ ଟିମ୍ ସହ ଘଟଣାସ୍ଥଳରେ ଚଢ଼ାଉ କରି ମାଂସ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିଥିଲେ।

### ଓଏମ୍‌ସିର ବରିଷ୍ଠ ଅଧିକାରୀ ଏସ୍.କେ.ଏମ୍.ବାରାଙ୍କ ପରଲୋକ

ଭୁବନେଶ୍ୱର,୨୮।୯: ଓଡିଶା ଖଣି ନିଗମ(ଓଏମ୍‌ସି)ର ବରିଷ୍ଠ ଅଧିକାରୀ ତଥା ଏଜିଏମ (ଫାଇନାନ୍ସ) ଏସ୍.କେ.ଏମ୍. ବାରା (୫୯)ଙ୍କର ରବିବାର ପରଲୋକ ଘଟିଛି। ସେ କୋଭିଡ୍-୧୯ରେ ସଂକ୍ରମିତ ହୋଇ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୟୁନିଟ-୪ ମଧୁସୂଦନ ନଗରରେ ପରିବାର ସହ ରହୁଥିବା ବାରା ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ସ୍ତ୍ରୀ ଡ. ଆନା ସାଲୋମୀ କେରକେଟା ବର୍ତ୍ତମାନ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିର ବରିଷ୍ଠ ବୈଜ୍ଞାନିକ ଅଛନ୍ତି। ଏହି ଦୁଃଖଦ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳ ସମେତ ଓଏମ୍‌ସି ଏବଂ ଆର୍‌ଏମ୍‌ଆର୍‌ସିରେ ଶୋକର ଛାୟା ଖେଳିଯାଇଛି। ସତ୍ୟନଗର ଶ୍ମଶାନରେ କୋଭିଡ୍ ଗାଇଡ୍‌ଲାଇନ୍ ଓ ଖ୍ରୀଷ୍ଟିଆନ ରୀତିନୀତି ଅନୁସାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀ ତାଙ୍କ ଶେଷ ଦର୍ଶନ କରିଥିଲେ। ୨ ଝିଅଙ୍କ ସହ ସ୍ତ୍ରୀ ଡ. ଆନା ସାଲେମୀ ଓ ପରିବାର ପରିଜନ ସେଠାରେ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କୁ ହାତିଆ ପାହାଡ଼ ମନା

**ଧରିତ୍ରୀ ପ୍ରଭାବ**

**ଭାଇରାଲ ଭିଡିଓର ତର୍ଜମା କରାଯିବ**

ଖୋର୍ଦ୍ଧା ଅଫିସ,୨୮।୯



ଖୋର୍ଦ୍ଧା ୧୬ନଂ. ଜାତୀୟ ରାଜପଥ ନିଜଗଡ଼ ତାପଙ୍ଗରେ ରହିଛି ହାତିଆ ପାହାଡ଼। ଏଠାରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦ, ନୀଳ ଜଳରାଶିର ମନୋରମ ପ୍ରାକୃତିକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ପରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲା। ଯୁବପିଢ଼ିଙ୍କ ଲାଗି ସେଲ୍ଫି ପଏଣ୍ଟ ପାଲଟିଥିଲା। ଏନେଇ ସେପ୍ଟେମ୍ବର ୧୮ରେ 'ଧରିତ୍ରୀ'ରେ ହାତିଆ ପାହାଡ଼ରେ ପର୍ଯ୍ୟଟକ ଅସୁରକ୍ଷିତ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ହାତିଆ ପାହାଡ଼କୁ ନ ଆସିବା ଲାଗି ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ପ୍ରଶାସନର କଟକଣା ସମ୍ପର୍କରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଏହାକୁ ଖଣ୍ଡନ କରିଛନ୍ତି। ପ୍ରଶାସନ ପକ୍ଷରୁ ସେପରି କୌଣସି କଟକଣା ଜାରି କରାଯାଇନାହିଁ। ଏହି ଭିଡିଓର ତର୍ଜମା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ହାତିଆ ପାହାଡ଼ରେ ସଦର ଥାନା ପକ୍ଷରୁ ପୋଲିସ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ପାହାଡ ଉପରକୁ ନ ଯିବା ଲାଗି ପର୍ଯ୍ୟଟକଙ୍କୁ ବାରଣ କରିବା ସହ ଏହାର ପ୍ରବେଶ ପଥରୁ ପର୍ଯ୍ୟଟକଙ୍କୁ ଫେରାଇ ଦେଉଥିବା ଜଣାପଡିଛି। ସୋମବାର ଦୁଇ ପ୍ରବେଶ ପଥରେ ପୋଲିସର ବାରଣ ଯୋଗୁ ପର୍ଯ୍ୟଟକ ଫେରି ଯାଇଛନ୍ତି। ଓରବସିଂର ପ୍ରଦୀପ ସାହୁ କହିଛନ୍ତି, ହାତିଆ ପାହାଡର ପ୍ରାକୃତିକ ପରିବେଶ ସମ୍ପର୍କରେ ଜାଣିବା ପରେ ଏହାର ପରିବେଶକୁ ଉପଭୋଗ ଲାଗି ଏଠାକୁ ଆସିଥିଲୁ। ତେବେ ପୋଲିସ ଯିବାକୁ ବାରଣ କରିଥିଲା। ଏଠାରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବା କହି ଫେରାଇ ଦେଇଥିଲେ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଏହାକୁ ହାତିଆ ପାହାଡ଼ରେ ତେବେ ଖଣି ମାଫିଆଙ୍କ ପଥର ବ୍ଲାଷ୍ଟିଂ ଯୋଗୁ ଏଠାରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦ ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଥିଲା।

# ଆଖି ବୁଜିଲା ଆହତ ହାତୀ

ଚୌଦ୍ୱାର,୨୮।୯(ଡି.ଏନ୍.ଏ.)

କଟକ ବନଖଣ୍ଡ ଡାଳିଯୋଡ଼ା ବନାଞ୍ଚଳର ଡମଣୀ ଜଙ୍ଗଲରେ ଆହତ ଅବସ୍ଥାରେ ୩ଦିନ ଧରି ପଡ଼ିରହିଥିବା ମାଈ ହାତୀର ସୋମବାର ମୃତ୍ୟୁ ଘଟିଛି। ହାତୀଟି ଜଙ୍ଗଲରେ ଗୁରୁତର ଭାବେ ପଡ଼ି ରହିଥିବା ଜାଣି ବନ ବିଭାଗ ଅଧିକାରୀମାନେ ବିଶେଷଜ୍ଞ ଡାକ୍ତରଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ହାତୀର ଚିକିତ୍ସା ଜାରି ରଖିଥିବା ସତ୍ତ୍ୱେ ତା'ର ମୃତ୍ୟୁ ହୋଇଛି। ଏହି ଅସୁସ୍ଥ ହାତୀଟିର ଚିକିତ୍ସା କରୁଥିବା ଅନୁଗୋଳର ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ସାହୁ ଓ ଚୌଦ୍ୱାର ପ୍ରାଣୀଧନ ଚିକିତ୍ସକ ଡା.ବିଜୟ କୁମାର ବେହେରା ହାତୀର ଶବ ବ୍ୟବଚ୍ଛେଦ କରିବା ପରେ ସେଠାରେ ହିଁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ, କୌଣସି ପଥର ସନ୍ଧିରେ ଫସିଯାଇ ହାତୀଟିର ଡାହାଣ ଗୋଡ଼ଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଗଭୀର କ୍ଷତ ହୋଇ ତାହା ସଂକ୍ରମିତ ହୋଇଥିଲା ବୋଲି ବୈରୀ ରେଞ୍ଜର ଅଭିରାମ ଜେନା କହିଛନ୍ତି। ସୂଚନାଯୋଗ୍ୟ, ବଞ୍ଚିଆମା ଗ୍ରାମ ନିକଟ ଜଙ୍ଗଲରେ ଏକ ହାତୀ ଗତ ୪ଦିନ ହେବ ଅସୁସ୍ଥ ଥିବା ନେଇ ସ୍ଥାନୀୟ ଗ୍ରାମବାସୀ ମଙ୍ଗରାଜପୁର ଫରେଷ୍ଟରଙ୍କୁ ଜଣାଇଥିଲେ।

# ଆଜି ହାଇକୋର୍ଟରେ ଜବାବ ରଖିବେ ସିପି

**ଦଶହରା ମୂର୍ତ୍ତି ନିର୍ମାଣ ବିବାଦ ମାମଲା**

କଟକ ଅଫିସ୍, ୨୮।୯

କଟକ ଦଶହରାକୁ ନେଇ ଅଦାଲତ ଅବମାନନା କରି ପୋଲିସ ପ୍ରଶାସନ ନୂତନ ନିର୍ଦ୍ଦେଶ ଦେଇଛି ବୋଲି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ବାଲୁବଜାର ପୂଜା କମିଟି ସଭାପତି ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗନାରିଆ ଉକ୍ତ ରିଟ୍ ପିଟିଶନ କରିଥିଲେ। ତେବେ ୪ଫୁଟ ମୂର୍ତ୍ତି ନିର୍ମାଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପୂଜା କମିଟିଗୁଡ଼ିକୁ କୁହାଯାଇଥିବାବେଳେ ଏହା କାହା ନିର୍ଦ୍ଦେଶ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ପୋଲିସ କମିଶନର ଏ ସଂକ୍ରାନ୍ତରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଏବଂ ବିଚାରପତି ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ପୋଲିସ କମିଶନର ଏହି ରିପୋର୍ଟ ଦାଖଲ କରିବେ। ଅନ୍ୟପକ୍ଷରେ ଆସନ୍ତା ୩୦ ତାରିଖରେ ଏହି ମାମଲାର ଶୁଣାଣି ହେବ।

ଯିଏ ଯେତିକି ଉଚ୍ଚର ମୂର୍ତ୍ତି କରିଛି, ସେ ସେତିକି ଉଚ୍ଚର ମୂର୍ତ୍ତି ପୂଜା କରିବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ମାତ୍ର ପରେ ପୋଲିସ ପ୍ରଶାସନ ପକ୍ଷରୁ ୪ଫୁଟ ମୂର୍ତ୍ତି ନିର୍ମାଣ କରିବାକୁ ବିଭିନ୍ନ ପୂଜା କମିଟିକୁ ତାଗିଦ କରାଯାଇଥିଲା। ଫଳରେ ଯେଉଁ ପୂଜା କମିଟି ୪ଫୁଟରୁ ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ କରିଥିଲେ, ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ସାଙ୍ଗନାରିଆ ନିଜ ପିଟିଶନରେ ପୋଲିସ କମିଶନରଙ୍କ ନିର୍ଦ୍ଦେଶକୁ ରଦ୍ଦ କରିବା ପାଇଁ ନିବେଦନ କରିଛନ୍ତି।

# ସଂକ୍ରମିତ ସେବାୟତଙ୍କ ଚିକିତ୍ସା ପାଇଁ ଟିମ୍

**ପୁରୀ ଅଫିସ,୨୮।୯:** ସେବାୟତଙ୍କୁ ସଂକ୍ରମଣଠାରୁ ଦୂରେଇ ରଖିବା ଓ ସଂକ୍ରମିତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ଉପରେ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ମହାପ୍ରଭୁଙ୍କ ସେବାପୂଜା ପ୍ରଭାବିତ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ସୋମବାର ଜିଲାପାଳ ବଳଓ୍ୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଗୁରୁତର ସେବାୟତଙ୍କୁ ଠିକ୍ ଭାବେ ଗାଇଡ୍ କରିବା ଏବଂ ଚିକିତ୍ସା ଲାଗି ୨ଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ପୁରୀ ଏବଂ ଅନ୍ୟଟି ଭୁବନେଶ୍ୱରରେ ରହିବ। ଏଠୁ ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ପଠାଯିବ। ସେଠାକାର ଟିମ୍ ସମ୍ପୃକ୍ତ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ଉପରେ ନଜର ରଖିବେ। ଭେଣ୍ଟିଲେଟର ସୁବିଧା ଥାଇ ଆମ୍ବୁଲାନ୍ସ ବ୍ୟବସ୍ଥା ହେବ। ମନ୍ଦିର ଭିତରକୁ ପାନ ଖାଇଯିବା ଓ ଛେପ ପକାଇବା ଉପରେ କଟକଣା ଲଗାଯାଇଛି। ଶ୍ରୀମନ୍ଦିର ଖୋଲିବ କି ନାହିଁ ସେ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ବର୍ତ୍ତମାନ ସ୍ଥିତିକୁ ଦେଖି ସେବାୟତମାନେ ଏବେ ମନ୍ଦିର ଖୋଲିବା ସପକ୍ଷରେ ନାହାନ୍ତି। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




୧୨ ଘଣ୍ଟା ଶ୍ରମ ଦିବସ ବାତିଲ, ଦାସତ୍ୱର ଲେବର କୋର୍ଡ ପ୍ରତ୍ୟାହାର, ମୋଦି ସରକାରର ଦମନନୀତି ବିରୋଧରେ ଏଆଇସିସିଟିୟୁ ପକ୍ଷରୁ ସୋମବାର ଦେଶବ୍ୟାପୀ ପ୍ରତିବାଦ ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ।

# ଭାର୍ଗବୀରୁ ବିରଳ ମାଛ ଉଦ୍ଧାର



ପୁରୀ ଅଫିସ,୨୮।୯

ଭାର୍ଗବୀ ନଦୀରୁ ଏକ ବିରଳ ପ୍ରଜାତିର ମାଛ ଉଦ୍ଧାର କରାଯାଇଛି। ପୁରୀ ସଦର ବ୍ଲକ ବାଲିପଡ଼ା ପଞ୍ଚାୟତ ଦଣ୍ଡା ଗାଁର ଜଣେ ବ୍ୟକ୍ତି ସୋମବାର ନଦୀରେ ଭଉଁରୀ ଜାଲ ପକାଇ ମାଛ ଧରୁଥିଲେ। ତାଙ୍କ ଜାଲରେ ଏହି ବିରଳ ପ୍ରଜାତିର ମାଛଟି ପଡ଼ିଥିଲା। ପରେ ଏହାକୁ ଗ୍ରାମର ଆଦିତ୍ୟ କୁମାରଙ୍କ ପୋଖରୀରେ ଛଡ଼ାଯାଇଛି। ଆଦିତ୍ୟ କହିଛନ୍ତି, ଏହି ମାଛ କଠିନ ଏବଂ ଉପରି ଭାଗରେ କଣ୍ଟା ଭଳି ରହିଛି। ଏହାର ଓଜନ ପ୍ରାୟ ୫୦୦ ଗ୍ରାମ୍। ତେବେ ମତ୍ସ୍ୟ ବିଭାଗର ଜଣେ ଅଧିକାରୀ ପ୍ରକାଶ ତ୍ରିପାଠୀ କହିଛନ୍ତି, ଏହି ପ୍ରଜାତିକୁ କ୍ରକୋଡାଇଲ ଫିସ୍ କୁହାଯାଏ। ଏହା ଓଡ଼ିଶାରେ ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। କିନ୍ତୁ ପଡ଼ୋଶୀ ପଶ୍ଚିମବଙ୍ଗରେ ଦେଖାଯାନ୍ତି। ଏମାନଙ୍କୁ ଆକ୍ୱାରିୟମ୍‌ରେ ରଖାଯାଏ। ଅନ୍ୟ ମାଛର ଯାଆଁଳକୁ ଏମାନେ ଖାଇ ଦେଇଥାନ୍ତି। ଏହି ମାଛକୁ ଖାଦ୍ୟ ଭାବେ ଗ୍ରହଣ କରାଯିବାର ନଜିର ନାହିଁ।

# ରୋଗୀ ସେବା ନେଇ ମୋକିମଙ୍କ ଅସନ୍ତୋଷ

କଟକ ଅଫିସ,୨୮।୯

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ସୋମବାର ଏସ୍‌ସିବି କଲେଜ ଓ ହସ୍ପିଟାଲ ପରିସରସ୍ଥ ଆଇସୋଲେଶନ ୱାର୍ଡ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ କୋଭିଡ୍ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ୱାର୍ଡ ପରିଚାଳନା ଓ ରୋଗୀଙ୍କ ଚିକିତ୍ସା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏସ୍‌ସିବି ଅଧୀକ୍ଷକ ଏବଂ ଜରୁରିକାଳୀନ ଅଧିକାରୀଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଆର୍‌ଟିପିସିଆର ରିପୋର୍ଟ ତୁରନ୍ତ ଦେବା, ୨୪ଘଣ୍ଟିଆ ହେଲ୍‌ପ ଡେସ୍କ, ରୋଗୀଙ୍କ ମୋବାଇଲ ନମ୍ବର ପଞ୍ଜୀକରଣ ଆଦି ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଚାରୀଙ୍କୁ ନିୟମିତ ଦରମା ସହ ଅତିରିକ୍ତ ପ୍ରୋତ୍ସାହନ ଦେବାକୁ ମଧ୍ୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏତେଦିନ ପରେ ବି ରାଜ୍ୟର ଏହି ସର୍ବବୃହତ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

# ଅତିରିକ୍ତ କମିଶନର ଦାୟିତ୍ୱ ନେଲେ ରେଖା ଲୋହାନୀ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ଅତିରିକ୍ତ କମିଶନର ଭାବେ ୧୯୯୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ରେଖା ଲୋହାନୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୋଲିସ ସେବା ଭବନରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ସଞ୍ଜୟ ସିଂହ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ପୋଲିସ କମିଶନର ଷଡ଼ଙ୍ଗୀ ନୂତନ ଅତିରିକ୍ତ କମିଶନର ଭାବେ ଲୋହାନୀଙ୍କୁ ସ୍ୱାଗତ କରିବା ସହ ତାଙ୍କ ସମ୍ପର୍କରେ କହିଥିଲେ। ଏହାପୂର୍ବରୁ ସେ ଆଇଜି (ଆଧୁନିକୀକରଣ) ଭାବରେ କାର୍ଯ୍ୟ କରୁଥିଲେ। ୨୦୧୦-୧୧ରେ ଲୋହାନୀ ଅତିରିକ୍ତ ପୋଲିସ କମିଶନର ମଧ୍ୟ ଥିଲେ। ଭିଜିଲାନ୍ସ ଏସ୍‌ପି, ସୁବର୍ଣ୍ଣପୁର, ନୟାଗଡ଼ ଓ ବାଲେଶ୍ୱର ଏସ୍‌ପି ଭାବେ ମଧ୍ୟ ସଫଳତାର ସହ କାର୍ଯ୍ୟ କରିଛନ୍ତି। କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ ଉଲ୍ଲେଖନୀୟ ସେବା ପାଇଁ ସେ ପୋଲିସ ମେଡାଲ ପାଇଛନ୍ତି। କମିଶନରେଟ୍ ପୋଲିସରେ ତାଙ୍କ ଭୂମିକା ଆଗକୁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି। ସେହିଭଳି ଆଇପିଏସ୍ ଅଫିସର ସିଂହଙ୍କୁ ମଧ୍ୟ ଏହି ଅବସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡିସିପି ଉମାଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ।



# ଓଟିଭି ନାଁରେ ଜମି ହଡ଼ପ ଅଭିଯୋଗର ତଦନ୍ତ ଆରମ୍ଭ

ଖୋର୍ଦ୍ଧା ଅଫିସ,୨୮।୯

ଖୋର୍ଦ୍ଧା ଜିଲା ସାରୁଅ ଗ୍ରାମରେ ଓଡ଼ିଶା ଟେଲିଭିଜନ(ଓଟିଭି) କର୍ତ୍ତୃପକ୍ଷଙ୍କ ବିରୋଧରେ ଆସିଥିବା ଚାଷଜମି ହଡ଼ପ ଅଭିଯୋଗ ଘଟଣାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ଉପଜିଲାପାଳ ଅଶୋକ ବେହୁରିଆଙ୍କ ନେତୃତ୍ୱରେ ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡାଙ୍କ ଏକ ରାଜସ୍ୱ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ପାଚେରି ଭିତରେ ରହିଥିବା ଜମିରେ ନକ୍ସା ପକାଇ ଦେଖିବା ସହ ଅଭିଯୋଗକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ସାରୁଅ ଗାଁର ମଳିକ ସାହି ନିକଟରେ ଥିବା ପୋଖରୀ, ତାରବାଡ଼ ଓ ପାଚେରି ଘେରରେ ରହିଥିବା ଜମିକୁ ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ଜିଲାପାଳ ମନୋଜ ପାଡୀ କହିଛନ୍ତି, ଉପଜିଲାପାଳଙ୍କୁ ୭ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ।

# ଓଏଚ୍‌ଆର୍‌ସି ଅଫିସ ୨ ଦିନ ବନ୍ଦ

**ଭୁବନେଶ୍ୱର,(ବ୍ୟୁରୋ):** ରାଜ୍ୟରେ କରୋନା ଚାରିଆଡ଼େ ବ୍ୟାପିବା ପରେ ଏବେ ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆର୍‌ସି) ଅଫିସରେ ପଶିଛି। ଉକ୍ତ କାର୍ଯ୍ୟାଳୟରୁ ଜଣଙ୍କୁ ପଜିଟିଭ୍ ଚିହ୍ନଟ ହେବା ପରେ ଏବେ ଅଫିସରେ ଛନକା ପଶିଛି। ତେଣୁ ଅଫିସକୁ ୨ ଦିନ ପାଇଁ ବନ୍ଦ କରି ଦିଆଯାଇଛି। ଏପରିକି ଯେଉଁମାନଙ୍କଠାରେ ଲକ୍ଷଣ ଦେଖାଯାଉଛି ସେମାନଙ୍କୁ କୋଭିଡ୍ ପରୀକ୍ଷା କରିବାକୁ କୁହାଯାଇଛି। ଏହାସହ ଅନ୍ୟମାନଙ୍କୁ ମଧ୍ୟ ଗୃହ ସଙ୍ଗରୋଧରେ ରହିବାକୁ କୁହାଯାଇଛି। ଏଥିସହ ଜନସାଧାରଣଙ୍କୁ ଦୁଇ ଦିନ ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ନ ଆସିବା ପାଇଁ ଅନୁରୋଧ କରାଯାଇଛି।

# 'ରାଧାନାଥଙ୍କ ସାହିତ୍ୟରେ ପ୍ରାଚ୍ୟ, ପାଶ୍ଚାତ୍ୟର ସମନ୍ୱୟ'

କଟକ ଅଫିସ,୨୮।୯

କବିବର ରାଧାନାଥ ରାୟ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଯେଉଁ ସମନ୍ୱୟ ଆଣିଥିଲେ ତାହା ପର ପିଢ଼ିକୁ ପ୍ରଭାବିତ କରିଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ପାଠ୍ୟ ପୁସ୍ତକ ପ୍ରଣୟନ ସହିତ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ତାଙ୍କର ଅବଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ରହିଛି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ କବିବର ରାଧାନାଥ ରାୟ ଜୟନ୍ତୀ ଉତ୍ସବରେ ଅତିଥିମାନେ କହିଛନ୍ତି। ଅନୁଷ୍ଠାନର ସଭାପତି ତରୁଣ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ସଞ୍ଜିତ ପଟ୍ଟନାୟକ, ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ, ଆଦିତ୍ୟ ପ୍ରତାପ ଧଳ, ଶିବାଶିଷ କର, ସୁନାମଣି ରାଉତ, ବ୍ରହ୍ମାନନ୍ଦ ମହାନ୍ତି, କମଳ ମାହୁନ୍ତ ପ୍ରମୁଖ ରାଧାନାଥଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ କବିବରଙ୍କ ଜୟନ୍ତୀ ଉତ୍ସବରେ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡା. ନିମାଇଁ ଚରଣ ପରିଜା ମୁଖ୍ୟ ଅତିଥି ଏବଂ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ବାଣୀ ଭଣ୍ଡାରକୁ କବିବରଙ୍କ ଦାନ ଅତୁଳନୀୟ ବୋଲି କହିଥିଲେ। ପିଠାପୁରରେ ଉତ୍କଳ ପୂଜନ ଏବଂ ବିଦ୍ୟା ବିକାଶ ପରିଷଦ ପକ୍ଷରୁ ରାଧାନାଥ ରାୟ ଓ ଭଗତ ସିଂହଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କୈଳାସ ଚନ୍ଦ୍ର ବରାଳ ସଭାପତିତ୍ୱ କରିଥିଲେ। ରାଧାନାଥଙ୍କ ସାହିତ୍ୟ କୃତି ଓ ଭଗତଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ବଲିଉଡ୍ ଡ୍ରଗ୍ସ ଲିଙ୍କ୍: ଦୀପିକା, ଶ୍ରଦ୍ଧା, ସାରାଙ୍କ ବ୍ୟାଙ୍କ ଆକାଉଣ୍ଟ ହେବ ଯାଞ୍ଚ

ମୁମ୍ବାଇ, ୨୮।୯: ଡ୍ରଗ୍ସ ଲିଙ୍କ୍‌ରେ ଛନ୍ଦି ହୋଇଥିବା ତିନି ଅଭିନେତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଯାଞ୍ଚ କରିବ। ଦୀପିକା ପାଦୁକୋନ, ଶ୍ରଦ୍ଧା କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କ ଗତ ୩ ବର୍ଷର ବ୍ୟାଙ୍କ ବିବରଣୀ ବାହାର କରି ଏନ୍‌ସିବି ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି। ଯଦି ଏହି ଅଭିନେତ୍ରୀମାନେ ଡ୍ରଗ୍ସ କିଣିବା ପାଇଁ ଆକାଉଣ୍ଟ ମାଧମରେ କୌଣସି କାରବାର କରିଥିବେ ତେବେ ଏନେଇ ପ୍ରମାଣ ମିଳିଯିବ। ଏହାପୂର୍ବରୁ ତିନି ଜଣ ଅଭିନେତ୍ରୀଙ୍କ କ୍ରେଡିଟ କାର୍ଡ ବିବରଣୀ ଏନ୍‌ସିବି ପାଖରେ ରହିଛି। ଅନ୍ୟପଟେ ଅଭିନେତ୍ରୀମାନେ ଡ୍ରଗ୍ସକୁ ନେଇ ହ୍ୱାଟ୍ସଆପ୍ ଚାଟ କରିଥିଲେ ମଧ ନିଜେ କେବେ ଡ୍ରଗ୍ସ ଖାଇନାହାନ୍ତି ବୋଲି କହିଥିଲେ। ତେଣୁ ଏନ୍‌ସିବି ଦୀପିକା, ସାରା, ଏବଂ ରାକୁଲ୍ ପ୍ରୀତ୍ ସିଂଙ୍କ ମୋବାଇଲ୍ ମଧ ଜବତ ହୋଇଛି।

### ଚାଷୀଙ୍କୁ ଦଳିଦେଲା ହାତୀ

ରାସୋଳ, ୨୮।୯(ଡି.ଏନ.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ବମ୍ପା ସେକ୍ସନ ଅଧୀନ ବେଡାପଡା ଗ୍ରାମର ଭୋଳେଶ୍ୱର ଦେହୁରୀ (୬୦)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ରବିବାର ରାତିରେ ବିଲକୁ ଫସଲ ଜଗିବାକୁ ଯାଇଥିବାବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ପାଇ ବନ ବିଭାଗ ରାତିରେ ମୃତଦେହ ଉଦ୍ଧାର କରିଥିଲା। ସୋମବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଭୋଳେଶ୍ୱର ଏବଂ ଯୁଧିଷ୍ଠିର ସାମଲ ରାତିରେ ଜମିକୁ ଫସଲ ଜଗିବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଯୁଧିଷ୍ଠିର ଖସି ଆସିଥିବାବେଳେ ଭୋଳେଶ୍ୱରଙ୍କୁ ହାତୀ ଦଳିଦେଇଥିଲା। ବନ ବିଭାଗ ପକ୍ଷରୁ ମୃତଚାଷୀ ପରିବାରକୁ ନଗଦ ୪୦ହଜାର ଟଙ୍କା ଦିଆଯାଇଛି।

### ରାୟଗଡ଼ା ପୌର କାର୍ଯ୍ୟାଳୟରେ ଭିଜିଲାନ୍ସ ଯାଞ୍ଚ

ରାୟଗଡ଼ା ଅଫିସ,୨୮।୯: ଭତ୍ତା ଟଙ୍କା ପ୍ରଦାନରେ ଅନିୟମିତତା ଅଭିଯୋଗ ହେବାପରେ ରାୟଗଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ସୋମବାର ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ୨୦୧୮-୨୦୨୦ ପର୍ଯ୍ୟନ୍ତ ଭତ୍ତା ଟଙ୍କା ପ୍ରଦାନରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ମେ ମାସ ପର୍ଯ୍ୟନ୍ତ ୭୧୮୯ ହିତାଧିକାରୀ ରହିଥିବାବେଳେ ମୃତ୍ୟୁ ଘଟିଥିବା ଏବଂ ଅନ୍ୟତ୍ର ଚାଲିଯାଇଥିବା କେତେକ ହିତାଧିକାରୀଙ୍କ ନାମରେ ନକଲି ଦସ୍ତଖତ ଏବଂ ଟିପ ଚିହ୍ନ ଦେଇ ଟଙ୍କା ହଡ଼ପ କରାଯାଇଥିବା ଜୁନ ପ୍ରଥମ ସପ୍ତାହରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ଜୁନ୍ ଦ୍ୱିତୀୟ ସପ୍ତାହରେ ପୌର କାର୍ଯ୍ୟାଳୟକୁ ୩ ବର୍ଷର ତଥ୍ୟ ମଗାଯାଇଥିଲା। ତେବେ ସମ୍ପୂର୍ଣ୍ଣ ତଥ୍ୟ ହାସଲ ପାଇଁ ସୋମବାର ଭିଜିଲାନ୍ସ ଡିଏସ୍‌ପି ଅନନ୍ତ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ପୌର କାର୍ଯ୍ୟାଳୟରେ ପହଞ୍ଚି ଯାଞ୍ଚ କରିଥିବା ଜଣାପଡ଼ିଛି।

# ରାଜଧାନୀରେ ପୁଣି ବ୍ୟାଙ୍କ ଡକାୟତି

## ବ୍ଲାଙ୍କ୍ ଫାୟାରିଂ କରି ଲୁଟିନେଲେ ସାଢେ ୯ ଲକ୍ଷ ଟଙ୍କା

- ଦୁଇ ହାତରେ ଦୁଇଟି ବନ୍ଧୁକ ଧରି ଭୟଭୀତ କରାଇଥିଲେ
- ବ୍ୟାଙ୍କ୍‌ରେ ଥିଲେ ୩ଜଣ କର୍ମଚାରୀ, ଜଣେ ଗ୍ରାହକ

ଭୁବନେଶ୍ୱର,୨୮।୯(ବ୍ୟୁରୋ)/ ବାରଙ୍ଗ (ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠରେ ପୁଣିଏକ ବ୍ୟାଙ୍କ ଡକାୟତି ହୋଇଛି। ମଞ୍ଚେଶ୍ୱର ଥାନା ବରିମୁଣ୍ଡସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ଜଣେ ଡକାୟତ ବନ୍ଧୁକ ମୁନରେ ୯ଲକ୍ଷ ୫୦ହଜାର ଟଙ୍କା ଲୁଟିନେଇଛନ୍ତି। ମଞ୍ଚେଶ୍ୱର ଥାନା ପୋଲିସ, ସ୍ପେଶାଲ ସ୍କ୍ୱାଡ୍ ଓ ଡିସିପି ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ସିସିଟିଭି ଫୁଟେଜକୁ ଜବତ କରାଯାଇ ଯାଞ୍ଚ କରାଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇପାରିନି। ଏନେଇ ବ୍ୟାଙ୍କ୍ ମ୍ୟାନେଜର ନନ୍ଦନ କୁମାର ରାଉଳ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁଯାୟୀ, ଦ୍ୱିତୀୟ ମହଲାରେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବରିମୁଣ୍ଡ ଶାଖା ରହିଛି। କରୋନା ପାଇଁ ସୋମବାର ୪ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ। ଅପରାହ୍ନ ୧ଟା ୩୦ରେ ବ୍ୟାଙ୍କ ମ୍ୟାନେଜର ନନ୍ଦନ କୁମାର ରାଉଳ ଫିଲ୍ଡ ଭିଜିଟ ପାଇଁ ବାହାରକୁ ଯାଇଥିଲେ। ଏହାର ଅଧଘଣ୍ଟା ପରେ ଅନ୍ୟ କର୍ମଚାରୀମାନେ ଖାଇବାକୁ ବାହାରିଥିଲେ। ବ୍ୟାଙ୍କ୍ ଭିତରେ ଜଣେ ଗ୍ରାହକ ଥିବାବେଳେ ପିଅନ ବ୍ୟାଙ୍କ୍‌ର ଗ୍ରୀଲ୍ ବନ୍ଦ କରିବାକୁ ଯାଉଥିଲେ। ଏହି ସମୟରେ ପୂର୍ବରୁ ବ୍ୟାଙ୍କ୍ ତଳେ ବାଇକ୍ ରଖି ଛକି ରହିଥିବା ଡକାୟତଙ୍କ ମଧ୍ୟରୁ ଜଣେ କଳା ପ୍ୟାଣ୍ଟ, କଳା ଶାର୍ଟ ଓ କଳା ହେଲମେଣ୍ଟ ପିନ୍ଧି ପିଅନଙ୍କୁ ଧକ୍କା ମାରି ବ୍ୟାଙ୍କ ଭିତରକୁ ପଶିଥିଲେ। ପିଅନ କିଛି ବୁଝିବା ପୂର୍ବରୁ ଡକାୟତ ଜଣକ ଭିତରପଟୁ ଗ୍ରୀଲ୍‌କୁ ତାଲା ପକାଇ ଦେଇଥିଲେ। ପରେ ଦୁଇଟି ବନ୍ଧୁକ ବାହାର କରି ଫିଲ୍ମ ଷ୍ଟାଇଲରେ ସମସ୍ତଙ୍କୁ ଉପରକୁ ହାତ ଟେକି ଦେବାକୁ କହିଥିଲେ। ସମସ୍ତେ ଭୟରେ ହାତ ଟେକିବା ପରେ ଡକାୟତ ଜଣକ ବ୍ଲାଙ୍କ୍ ଫାୟାରିଂ କରିଥିଲେ। ଏହାପରେ ସେ ଜଣେ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସମସ୍ତଙ୍କୁ ଷ୍ଟ୍ରଙ୍ଗ୍ ରୁମ୍‌କୁ ନେଇଯାଇଥିଲେ। ପରେ କ୍ୟାଶ୍ କାଉଣ୍ଟରରେ ଥିବା ଅଫିସରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଦେବାକୁ କହିଥିଲେ। ଭୟରେ ସେ ଡକାୟତଙ୍କ କହିବା ମୁତାବକ ଏକ ବ୍ୟାଗରେ ସମସ୍ତ ଟଙ୍କା ପୂରାଇ ତାଙ୍କ ହାତକୁ ବଢ଼ାଇ ଦେଇଥିଲେ। ଏହାପରେ ଡକାୟତ ଜଣକ ଲକ୍‌ରରୁ ଟଙ୍କା ଦେବାକୁ କହିଥିଲେ। ଏହିଭଳି ସେ ପ୍ରାୟ ୯ଲକ୍ଷ ୫୦ ହଜାର ଟଙ୍କା ନେଇ ଚମ୍ପଟ ମାରିବା ପରେ ଜଣେ ବ୍ୟାଙ୍କ୍ କର୍ମଚାରୀ ୧୦୦କୁ ଫୋନ୍ କରି ଜଣାଇଥିଲେ। ଥାନାରୁ ପୋଲିସ ଟିମ୍ ପହଞ୍ଚି ସମସ୍ତଙ୍କ ବୟାନ ରେକର୍ଡ ସହ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରାଜଧାନୀ ଉପକଣ୍ଠରେ ରହୁଥିବା ବ୍ୟାଙ୍କ୍‌କୁ ଲୁଟେରାମାନେ ଟାର୍ଗେଟ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯିବ। ଉପକଣ୍ଠରେ ଥିବା ସମସ୍ତ ବ୍ୟାଙ୍କ୍‌କୁ ଆଲର୍ଟ କରାଯିବ ପରେ ସେମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା କର୍ମୀ ରଖିବାକୁ କୁହାଯିବ। ବିଶେଷକରି ବ୍ୟାଙ୍କ୍ ନିକଟରେ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ସ୍ଥାନୀୟ ଥାନାକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି।

### ରାଜଧାନୀ ଉପକଣ୍ଠ ବ୍ୟାଙ୍କ୍‌କୁ ଟାର୍ଗେଟ

କରୋନାରେ ସଂକ୍ରମିତ ହୋଇ ଏବେ ଅଧିକାଂଶ ଥାନା କର୍ମଚାରୀ ଆଇସୋଲେଶନରେ ଚିକିତ୍ସାଧୀନ ରହିଛନ୍ତି। ଥାନାରେ ବର୍ତ୍ତମାନ କର୍ମଚାରୀ ଅଭାବ ଦେଖାଦେଇଛି। ସେହିଭଳି କରୋନା ପାଇଁ ବ୍ୟାଙ୍କରେ ସ୍ୱଳ୍ପ କର୍ମଚାରୀ ଓ ଗ୍ରାହକ ରହୁଛନ୍ତି। କେତେକ ବ୍ୟାଙ୍କ୍‌ରେ ସୁରକ୍ଷା କର୍ମୀ ମଧ ରହୁନାହାନ୍ତି। ଏହାସହ ପୋଲିସର ପ୍ରଭାବ ମଧ ସେସବୁ ଅଞ୍ଚଳରେ ସେତେଟା ରହୁନି। ଫଳରେ ଲୁଟେରାମାନଙ୍କୁ ବ୍ୟାଙ୍କ୍ ଲୁଟ କରିବାକୁ ସୁବିଧା ହେଉଛି। ଗତ ୭ ତାରିଖରେ ଇନ୍‌ଫୋସିଟି ଥାନା ନନ୍ଦନବିହାରସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍‌ରେ ଜଣେ ଲୁଟେରା ବ୍ୟାଙ୍କ୍ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୨ଲକ୍ଷ ୮୦ ହଜାର ଲୁଟି ନେଇଥିଲେ। ସେହିଦିନ ପାହାଳ ଫାଣ୍ଡି ତ୍ରିନାଥ ବଜାର ନିକଟରେ ଜଣେ ମହିଳା ବ୍ୟାଙ୍କ୍‌ରୁ ୫ଲକ୍ଷ ଟଙ୍କା ଉଠାଇ ଆସୁଥିବାବେଳେ ଲୁଟେରାମାନେ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ।

# ବେଦାନ୍ତ କାରଖାନା ସମ୍ପ୍ରସାରଣ ବୈଠକ ଘୁଞ୍ଚାଯାଉ

## ମୁଖ୍ୟ ଶାସନ ସଚିବଙ୍କୁ ବିଧାୟିକାଙ୍କ ଚିଠି

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଝାରସୁଗୁଡା ବେଦାନ୍ତ କାରଖାନା ସମ୍ପ୍ରସାରଣ ସଂକ୍ରାନ୍ତୀୟ ସାଧାରଣ ବୈଠକ ପାଇଁ ଆସନ୍ତା ୩୦ତାରିଖରେ ହେବାକୁ ଧାର୍ଯ୍ୟ ହୋଇଛି। ମାତ୍ର ବୈଠକ ପାଇଁ ସ୍ଥିର ହୋଇଥିବା ତାରିଖ ଘୁଞ୍ଚାଇବାକୁ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧକ୍ଷ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବଙ୍କୁ ସୋମବାର କୁସୁମ ଚିଠି ଲେଖିଛନ୍ତି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ବେଦାନ୍ତ କାରଖାନା ଉତ୍ପାଦନ କ୍ଷମତା ବାର୍ଷିକ ୧୬ ଲକ୍ଷରୁ ୧୮ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଁ ସାଧାରଣ ବୈଠକ ଡାକିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅଗଷ୍ଟ ୨୭ରେ ବିଜ୍ଞାପନ ଦିଆଯାଇଛି। ତେବେ କରୋନା ନିୟନ୍ତ୍ରଣ ପାଇଁ ଚାମ୍ବର ଅଫ୍ କମର୍ସ ଓ ଝାରସୁଗୁଡ଼ା ଜିଲା ପ୍ରଶାସନ ମିଳିତଭାବେ ଗତ ୨୬ରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। କିନ୍ତୁ ୩୦ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବୈଠକ ପାଇଁ ଦିନଧାର୍ଯ୍ୟ କରିଛନ୍ତି। ତେଣୁ ଶଟ୍‌ଡାଉନ୍ ସମୟରେ ବୈଠକରେ ଯୋଗଦେଇ କ୍ଷତିଗ୍ରସ୍ତ ଲୋକଙ୍କୁ ନ୍ୟାୟ ଦେବା ସମ୍ଭବପର ହେବନାହିଁ।

ଅନ୍ୟପଟେ କାରଖାନା ସମ୍ପ୍ରସାରଣ ହେଲେ ଏହାର ପରିବେଶ ଉପରେ କି ପ୍ରକାର ପ୍ରଭାବ ପଡ଼ିବ ସେନେଇ ସଂଗୃହୀତ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଡାଟାକୁ ଏନ୍‌ଆଇଟି ଓ ଆଇଆଇଟି ଭଳି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ସଂଶୋଧନ କରିବେ। ବେଦାନ୍ତ କମ୍ପାନୀ ପକ୍ଷରୁ ହେଉଥିବା ପାଉଁଶ ପରିଚାଳନା ଯୋଗୁ ଏହାର କୁପ୍ରଭାବ ଉଭୟ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ପରିବେଶ, ସ୍ଥାନୀୟ ଚାଷଜମି ଏବଂ ନଦୀଗୁଡ଼ିକ ଉପରେ ପଡୁଛି। ଭାଜପାର ତଥ୍ୟ ଅନୁସନ୍ଧାନକାରୀ ଦଳ ସେହି ଅଞ୍ଚଳ ଗସ୍ତ ସମୟରେ ଏହା ଦେଖିବାକୁ ପାଇଛନ୍ତି। ପାଉଁଶ ଯୋଗୁ ଲୋକେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଏହାକୁ ଦୃଷ୍ଟିରେ ରଖି ବୈଠକ ତାରିଖ ଘୁଞ୍ଚାଇବାକୁ ବିଧାୟିକା ଟେଟେ ଚିଠିରେ ଉଲ୍ଲେଖ କରିଛନ୍ତି।

# ରାଜ୍ୟପାଳଙ୍କୁ କଂଗ୍ରେସର ସ୍ମାରକପତ୍ର




କଂଗ୍ରେସ ନେତାମାନେ ରାଲି କରି ରାଜ୍ୟପାଳ ଭବନକୁ ଯାଉଛନ୍ତି।

ଭୁବନେଶ୍ୱର ୨୮।୯(ବ୍ୟୁରୋ)

ପାର୍ଲାମେଣ୍ଟରେ ଗୃହୀତ ୩ କୃଷି ଆଇନ ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ନେତୃମଣ୍ଡଳୀ ସୋମବାର ଗୋପବନ୍ଧୁ ଛକରୁ ପଦଯାତ୍ରା କରି ରାଜଭବନ ଯାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ଏହାର ପ୍ରତିବାଦରେ ବିଧାୟକ ତାରା ପ୍ରସାଦ ବାହିନୀ ପତିଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କ ପ୍ରତିନିଧିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ଚାଷୀଙ୍କ ହାତରୁ ଜମି ଛଡାଇ ନେଇ କେନ୍ଦ୍ର ସରକାର ପୁଞ୍ଜିପତି, ଉଦ୍ୟୋଗପତିଙ୍କୁ ଦେବାକୁ ଚେଷ୍ଟା କରୁଛି। ଜମି ଅଧାଦେଶ ବିରୋଧରେ ଯେମିତି ଚାଷୀ ରାସ୍ତାକୁ ଓହ୍ଲାଇଥିଲେ ସେମିତି ଏହି କୃଷି ଆଇନ ବିରୋଧରେ କୃଷକ ରାସ୍ତାକୁ ଓହ୍ଲାଇଛନ୍ତି।

### କୃଷି ଆଇନକୁ ବିରୋଧ

ଏହି ୩ ଆଇନ ଦ୍ୱାରା ଓଡ଼ିଶା ସମେତ ହରିଆଣା, ପଞ୍ଜାବ, ମହାରାଷ୍ଟ୍ର ସମେତ ସାରା ଦେଶର କ୍ଷୁଦ୍ର, ମଧମ, ନାମମାତ୍ର ଓ ଭାଗଚାଷୀଙ୍କ ବହୁ କ୍ଷତି ଘଟିବ। ବିଭିନ୍ନ ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବିକ୍ରିରୁ ସେମାନେ ବଞ୍ଚିତ ହେବେ। ଏହାଦ୍ୱାରା ଉଦ୍ୟୋଗପତି ଓ ପୁଞ୍ଜିପତିମାନେ ବହୁ ଲାଭବାନ ହେବା ବେଳେ କୃଷକଙ୍କ ଜମି ଅଧିକାର କ୍ଷୁର୍ଣ୍ଣ ହେବ। ଅନ୍ନଦାତାଙ୍କ ପେଟରେ ଲାତ ମାରିଥିବା କେନ୍ଦ୍ର ଭାଜପା ସରକାର ଚାଷୀଙ୍କୁ ପ୍ରତାରିତ କରିଛନ୍ତି। ଏପରିକି ରାଷ୍ଟ୍ରପତି ତରବରିଆ ଭାବେ ଉକ୍ତ ବିଲ୍‌କୁ ଆଇନରେ ପରିଣତ କରିବା ଚାଷୀଙ୍କୁ ଦୁଃଖ ଦେଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରାମର୍ଶ ଅନୁଯାୟୀ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଜୟଦେବ ଜେନା, ସୁରେଶ କୁମାର ରାଉତରାୟ ସାମିଲ ହୋଇ ରାଜଭବନ ସମ୍ମୁଖରେ କେନ୍ଦ୍ରର କୃଷମାରଣ ନୀତି ବିରୋଧରେ ସ୍ଲୋଗାନ ଦେଇଥିଲେ।

# ୨,୨୯୦ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କିଣାଯିବ

- ଆମେରିକାରୁ ଆସିବ ୭୨ ହଜାର ଆସଲ୍ଟ ରାଇଫଲ
- ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଲା ଅନୁମୋଦନ

ନୂଆଦିଲ୍ଲୀ,୨୮।୯

ଏଲ୍‌ଏସିରେ ଉତ୍ତେଜନା ଲାଗି ରହିବା ସହ ଯୁଦ୍ଧସମ ପରିସ୍ଥିତି ଦେଖାଦେଇଥିବା ବେଳେ ଭାରତ ୨,୨୯୦ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କ୍ରୟକରିବା ଲାଗି ଆଗେଇ ଆସିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏହାକୁ ଅନୁମୋଦନ ପ୍ରଦାନ କରାଯାଇଛି। ଆମେରିକାରୁ ପୁଣି ୭୨ ହଜାର ଆସଲ୍ଟ ରାଇଫଲ କ୍ରୟ କରାଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ୭୨ ହଜାର ଏହି ଅତ୍ୟାଧୁନିକ ରାଇଫଲ କ୍ରୟ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧକ୍ଷତାରେ ବସିଥିବା ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ରେ ଆମେରିକା ଫାର୍ମ ସିଗ୍ ସୌରଠାରୁ ୭୮୦ କୋଟି ଟଙ୍କାର ଆସଲ୍ଟ ରାଇଫଲ କ୍ରୟକୁ ଅନୁମୋଦନ ମିଳିଛି। ଏଥିସହ ୯୭୦ କୋଟି ଟଙ୍କାରେ ସ୍ମାର୍ଟ ଆଣ୍ଟି ଏୟାରଫିଲ୍ଡ ୱିପନ କ୍ରୟ ଲାଗି ଅନୁମୋଦନ ମିଳିଛି। ଷ୍ଟାଟିକ୍ ଏଚ୍‌ଏଫ୍ ଟ୍ରାନ୍ସ ରିସିଭର ସେଟ୍ ଲାଗି ୫୪୦ କୋଟି ବ୍ୟୟ କରାଯିବ। ସେନା ପକ୍ଷରୁ ଲିଜ୍‌ରେ ଅସ୍ତ୍ରଶସ୍ତ୍ର ନେବା ଲାଗି ମଧ ଅନୁମତି ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ମାସରେ ସରକାର ୮୮୦ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କ୍ରୟ ଲାଗି ପଦକ୍ଷେପ ଗ୍ରହଣ କରିଥିଲେ। ଏଥିରେ ଚାଇନା ଓ ପାକିସ୍ତାନ ସୀମାର ଆଗୁଆ ଘାଟିରେ ମୁତୟନ ଥିବା ଯବାନଙ୍କ ଲାଗି ଇସ୍ରାଏଲଠାରୁ ୧୬,୪୭୯ ଲାଇଟ୍ ମେଶିନ ଗନ୍ କ୍ରୟ କରାଯିବାକୁ ସ୍ଥିର ହୋଇଥିଲା। ଗତ ଜୁନ୍‌ରେ ମେକ୍ ଇନ୍ ଇଣ୍ଡିଆ ପ୍ରୋଜେକ୍ଟ ଦ୍ୱାରା ୬.୭୧ ଲକ୍ଷ ଏକେ-୨୦୩ ରାଇଫଲ କ୍ରୟ ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆତଙ୍କବାଦ ସହ ସୀମା ବିବାଦକୁ ନେଇ ଭାରତ ପ୍ରତିରକ୍ଷା ଶକ୍ତିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି। ବିଶେଷ କରି ପାକିସ୍ତା ନ ଚାଇନାର ଆବଭାବକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

# ପୋଲ ତଳକୁ ଖସିଲା ଟ୍ରକ୍, ଡ୍ରାଇଭର ମୃତ

ନାକ୍‌ଟିଦେଉଳ, ୨୮।୯(ଡି.ଏନ.ଏ.)

ରେଢାଖୋଲ-ଦେବଗଡ଼ ରାଜ୍ୟ ରାଜପଥର ନାକଟିଦେଉଳଠାରୁ ପ୍ରାୟ ୪କି.ମି. ଦୂର ଚନ୍ଦ୍ରପୁର ଗ୍ରାମ ନିକଟ ଏକ ବୁଲାଣି ରାସ୍ତାରେ ଥିବା ଅଣଓସାରିଆ ପୋଲ ଉପରୁ ଏକ ଟ୍ରକ ତଳକୁ ଖସି ପଡିବାରେ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ଜଣକ ବ୍ରହ୍ମପୁର ଆଙ୍କୁଲିର ଭୋଳାଶଙ୍କର ରଥଶର୍ମା (୪୦) । ଏହି ଦୁର୍ଘଟଣାରେ ଟ୍ରକ ହେଲପର ଗଞ୍ଜାମ ସାନ୍ତରାପାଲିର ମୋହନ ଗୌଡ଼(୨୮) ଆହତ ହୋଇ ନାକଟିଦେଉଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ରବିବାର ବିଳମ୍ବିତ ରାତିରେ ଘଟିଛି। ସୂଚନା ଅନୁସାରେ ଏହି ଟ୍ରକଟି ରବିବାର ରାତ୍ରିରେ ରେଢାଖୋଲ ପଟୁ ଦେବଗଡ଼ ଆଡକୁ ଯାଉଥିବା ବେଳେ ପୋଲ ଉପରେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଶବ୍ଦ ଶୁଣି ଗାଁର କେତେକ ଲୋକ ଘଟଣାସ୍ଥଳକୁ ଆସି ଆହତ ହେଲପରଙ୍କୁ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନାକୁ ନେଇଥିଲେ। ନାକଟିଦେଉଳ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ନଂ. ଓଡି୦୭ ଏଡି-୬୩୭୧କୁ ଜବତ କରିଛି। ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରି ସୋମବାର ବ୍ୟବଚ୍ଛେଦ ପାଇଁ ପଠାଇଛି।



ପୋଲ ତଳକୁ ଖସି ପଡିଥିବା ଟ୍ରକ।

# ରାସ୍ତାରେ ଦନ୍ତା, ଭାଙ୍ଗିଲା ବାଇକ୍

ଖୁଣ୍ଟୁଣୀ,୨୮।୯(ଡି.ଏନ୍.ଏ.): ଖୁଣ୍ଟୁଣୀ ରେଞ୍ଜ ଅଧୀନ କଖଡ଼ି-କପୁରସିଂ ରାସ୍ତାରେ ଥିବା ବରଦେଇ ଠାକୁରାଣୀ ପୀଠଙ୍କ ନିକଟରେ ସୋମବାର ଅପରାହ୍ନରେ ଏକ ଦନ୍ତା ହାତୀ ଉତ୍ପାତ କରିବା ସହ ୨ଟି ବାଇକ୍ ଭାଙ୍ଗି ଦେଇଛି। ଫଳରେ ଉକ୍ତ ବାଟ ଦେଇ ଯାତାୟାତ କରୁଥିବା ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ସାଥୀ ହାତୀଙ୍କୁ ଛାଡ଼ି ଏହି ଦନ୍ତାଟି ଏକାକୀ ଥିବାବେଳେ ସୋମବାର ଠାକୁରାଣୀ ମନ୍ଦିର ରାସ୍ତାରେ ଥିଲା। ଅପରାହ୍ନ ୫ଟାରେ ବ୍ରାହ୍ମଣବସ୍ତ ଗ୍ରାମର ଜଣେ ଯୁବକ ଉକ୍ତ ରାସ୍ତା ଦେଇ ବାଇକରେ ଯାଉଥିବା ବେଳେ ହଠାତ ଦନ୍ତାଟି ସାମ୍ନାରେ ଆସିଯିବାରୁ ଛାନିଆ ହୋଇ ସେ ବାଇକ୍ ଛାଡି ଦଉଡି ପଳାଇ ଯାଇଥିଲେ। ହାତୀଟି ବାଇକକୁ କୁଦି ଭାଙ୍ଗି ଦେଇଥିଲା। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନିଧିପୁର ଫରେଷ୍ଟର ପ୍ରଶାନ୍ତ ବେହେରା ଓ ଅନ୍ୟ ଜଣେ ଜଗୁଆଳି ବିଶ୍ୱନାଥ ପରିଡ଼ା ଘଟଣାସ୍ଥଳକୁ ଆସି ପୀଠ ଆଗରେ ବାଇକ୍ ରଖି ହାତୀ ଘଉଡ଼ାଇବା ପାଇଁ ଯାଉଥିଲେ। ତେବେ ହଠାତ୍ ହାତୀ ଆସି ଜଗୁଆଳିଙ୍କ ବାଇକ୍ ଭାଙ୍ଗି ଶୁଣ୍ଢରେ ଖଣ୍ଡେ ବାଟ ଫିଙ୍ଗି ଦେଇ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ଶଶିଭୂଷଣ ମିଶ୍ର
ଅବସରପ୍ରାପ୍ତ ଷ୍ଟୋର କିପର (ସେସୁ)
ମୁକୁନ୍ଦପ୍ରସାଦ, ଖୋରଧା
ଆବିର୍ଭାବ: ୧୩।୦୪।୧୯୪୧
ତିରୋଧାନ: ୨୦।୦୯।୨୦୨୦
ଜଣେ ସ୍ନେହୀ, ତ୍ୟାଗୀ, କର୍ତ୍ତବ୍ୟନିଷ୍ଠ, ଜ୍ଞାନୀ ତଥା ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ତୁମର ଖୁବ୍ ଆଦୃତି ଥିଲା। ଅସମୟରେ ତୁମକୁ ହରାଇ ପରିବାର ଏବଂ ବନ୍ଧୁବାନ୍ଧବ ମର୍ମାହତ। ଯେଉଁଠି ବି ଥାଅ ଶାନ୍ତିରେ ରୁହ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ଅଶୋକ, ଅରୁଣ, ଅଶ୍ୱିନୀ, ଅସିତ୍, ପୁତ୍ରବଧୂ: ବନ, ମାମୁନି, ନିରୁ, ଗାୟତ୍ରୀ, ନାତି-ନାତୁଣୀ: ବିଟୁନ୍, ଗୁଡୁଲ୍, ପପୁଲ୍, ଶ୍ରୀ ତଥା ଜ୍ଞାତିକୁଟୁମ୍ବ ଏବଂ ବନ୍ଧୁବାନ୍ଧବବୃନ୍ଦ।
ଧ-୧୮୪୦୯

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଚିନ୍ତାମଣି ଦାସ
ନାୟକାଣୀଡିହି, ଭଦ୍ରକ
ଆବିର୍ଭାବ: ୦୮।୦୨।୧୯୪୨
ତିରୋଧାନ: ୨୯।୦୯।୨୦୦୭
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଦେଖୁ ଦେଖୁ ସମୟର ସ୍ରୋତରେ ତେରବର୍ଷ କେମିତି ଚାଲିଗଲା ଜଣାନାହିଁ। ଆପଣଙ୍କ ଦିଗ୍‌ଦର୍ଶନ, ଉପଦେଶ, ସରସତା ଏବଂ ସ୍ନେହ ସଦାସର୍ବଦା ଆମପାଖରେ ରହିଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ଏତିକି ନିବେଦନ।
-:ଶୋକସନ୍ତପ୍ତ:-
ନିତ୍ୟାନନ୍ଦ ଦାସ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୪୧୨

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସୁକୁମାରୀ ମିଶ୍ର
ସ୍ୱାମୀ: ଡ. ଶଙ୍କର ପ୍ରସାଦ ମିଶ୍ର
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୨୩।୦୩।୧୯୪୭
ତିରୋଧାନ: ୧୮।୦୯।୨୦୨୦
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଶଙ୍କର ପ୍ରସାଦ, ପୁତ୍ର: ବାବୁନା, ପୁତ୍ରବଧୂ: ଲିପି, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୬୯୬୨୮

**ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଯଦୁମଣି ପ୍ରଧାନ (ଗୁରୁବାରୀ)
ପୂର୍ବତନ ସରପଞ୍ଚ
ସାନକାଞ୍ଜିଆ, ସାକ୍ଷୀଗୋପାଳ, ପୁରୀ
ଆପଣଙ୍କ ଅମରଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ପରିବାର ଓ ବନ୍ଧୁବର୍ଗ।
ଧ-୬୬୬୬୬

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ



9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

G-TEL TOWER COMPANY
ଦ୍ୱାରା ଓଡ଼ିଶାରେ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନମାନଙ୍କରେ 4G/5Gର Digital Mobile Network ଲଗାନ୍ତୁ।
ADVANCE - 90 LAKH
ଭଡ଼ା: ୯୦,୦୦୦/- ମାସିକ
20 years Agreement
ତିନି ଦିନରେ ଫଳାପଳ ପାଆନ୍ତୁ। ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
7055041635
7599842119

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

MICRO FINANCE LIMITED
ଆଧାରକାର୍ଡ, ସାର୍ଟିଫିକେଟ୍, ରାଶନକାର୍ଡ, ପର୍ସନାଲ, ବ୍ୟବସାୟ, ଏଗ୍ରିକଲ୍ଚର, ମାଛଚାଷ, ସମସ୍ତ ଋଣ
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
1% ସୁଧ, 50% ରିହାତି
ହେଲ୍ପଲାଇନ୍
09709055823
09709055823

# ପିଲା ରହିବେ ଫିଟ୍

**ପିଲାମାନଙ୍କଠାରେ ସାଧାରଣତଃ ଏଣେ ତେଣେ ହାତ ମାରିବା, ଯେକୌଣସି ଜିନିଷ ପାଟିରେ ପୂରାଇବା, ପାଣିରେ ଓଦା ହେବା ଭଳି ବିଭିନ୍ନ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ଏମିତିରେ ପିଲାଙ୍କୁ ଫିଟ୍ ରଖିବା ଲାଗି କେଉଁସବୁ ଦିଗ ପ୍ରତି ଯତ୍ନଶୀଳ ହେବେ ଜାଣି ରଖନ୍ତୁ।**



➤ପିଲାମାନେ ଖେଳକୁଦ କରୁଥିବାରୁ ସେମାନଙ୍କ ଦେହରେ ଅଧିକ ଝାଳ ହୋଇଥାଏ। ହେଲେ ଥଣ୍ଡା ଧରିବା ଡରରେ ଅନେକେ ଏଦିନେ ପିଲାଙ୍କୁ ଆଦୌ ଗାଧାନ୍ତି ନାହିଁ। ହେଲେ ଏପରି କରିବା ଠିକ୍ ନୁହେଁ। ତେଣୁ ପିଲାଙ୍କୁ ସଫା, ଜୀବାଣୁମୁକ୍ତ, ନିରୋଗ ରଖିବା ଲାଗି ଆବଶ୍ୟକ ମାତ୍ରାରେ ଥଣ୍ଡା ପରିବର୍ତ୍ତେ ନଖ ଉଷୁମ ପାଣିରେ ଗାଧାନ୍ତୁ। ପିଲାଙ୍କୁ ପ୍ରତିଦିନ ଗାଧେଇବା ଅଭ୍ୟାସ କରାନ୍ତୁ ଏବଂ ଗାଧେଇବା ପରେ ଭଲ ଭାବେ ପୋଛି ନରମ ଏବଂ ଆରାମଦାୟକ ପୋଷାକ ପିନ୍ଧାନ୍ତୁ।

➤ଅପରିଷ୍କାର ପାଣି କିମ୍ବା ପୋଷା ଜୀବଜନ୍ତୁଙ୍କ ଯୋଗୁ ପିଲାଙ୍କ ଦେହରେ ଫଙ୍ଗାଲ୍ ଓ ରିଙ୍ଗୱାର୍ମ ଇନ୍‌ଫେକ୍ସନର ଆଶଙ୍କା ଅଧିକ। ତେଣୁ ପିଲାଙ୍କୁ ଜୀବଜନ୍ତୁଙ୍କ ଠାରୁ ଦୂରେଇ ରଖନ୍ତୁ। ସେମାନଙ୍କ ପୋଷାକ ଆଣ୍ଟିସେପ୍ଟିକ୍ କିମ୍ବା ମେଡ଼ିକେଟେଡ୍ ସଲ୍ୟୁସନ୍‌ରେ ସଫା କରନ୍ତୁ। ସେମାନଙ୍କ ଶରୀରକୁ ଓଦା ହେବାକୁ ଦିଅନ୍ତୁ ନାହିଁ ସର୍ବଦା ସଫା ଏବଂ ଶୁଖିଲା ରଖନ୍ତୁ। ଯଦି ଶରୀରରେ କୌଣସି ସ୍ଥାନରେ କୁଣ୍ଡାଇ ହେବା କିମ୍ବା ଲାଲ୍ ଦାଗ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

➤ପିଲାଙ୍କ ନଖ ବଡ଼ ହେବା ମାତ୍ରେ କାଟିଦିଅନ୍ତୁ। ସେମାନଙ୍କ ହାତ ବାରମ୍ବାର ଓଦା ହେବାକୁ ଦିଅନ୍ତୁ ନାହିଁ। ନଚେତ୍ ଏହା ଦ୍ୱାରା ମଧ୍ୟ ଇନ୍‌ଫେକ୍ସନ୍‌ର ଆଶଙ୍କା ରହିଛି।

➤ଯଦି କିଛି ତ୍ୱଚା ସମ୍ବନ୍ଧିତ ଅସୁବିଧା ଯଥା କୁଣ୍ଡେଇ ହେବା, ଫଳିଯିବା, ଲାଲ୍ ପଡିବା ଆଦି ଦେଖନ୍ତି ତେବେ କିଛି ଲିମ୍ବ ପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାନ୍ତୁ। ଏହି ପ୍ରାକୃତିକ ଉପାୟ ପିଲାଙ୍କ ତ୍ୱଚା ସମସ୍ୟା ସହଜରେ ଦୂର କରିଥାଏ।

# ଗର୍ଭାବସ୍ଥାରେ ନିଦ୍ରାହୀନତା



**ପ୍ରତିଟି ମଣିଷର ଶାରୀରିକ ତଥା ମାନସିକ ସୁସ୍ଥତା ପାଇଁ ଖୁବ୍ ଜରୁରୀ ନିଦ। ତେବେ କାହା କାହାକୁ ଏତେ ନିଦଲାଗେ ଯେ, ତାଙ୍କ ପାଇଁ ତୂଳୀତଳ୍ପ ଶଯ୍ୟାର ମଧ୍ୟ ପ୍ରୟୋଜନ ହୁଏ ନାହିଁ, କେବଳ ତକିଆ ଛୁଇଁଲେ ହିଁ ସେମାନେ ଘୁଂଗୁଡ଼ି ମାରିବା ଆରମ୍ଭ କରିଦିଅନ୍ତି। ହେଲେ ଏମିତିବି କେତେଜଣ ଅଛନ୍ତି ଯାହାଙ୍କ ଠାରେ ସଫା ସୁନ୍ଦର ବିଛଣା ଚଦର, ଗଦି, ସୁନ୍ଦର ପରିବେଶ ତଥା ନିଦ ମାଉସୀର ଗୀତ ବି ବୋଲ ମାନେ ନାହିଁ ଏବଂ ସେମାନେ ସାରା ରାତି କାଟନ୍ତି ଅନିଦ୍ରାରେ। ଏମିତି ଏକ ସମସ୍ୟା ଦେଖାଦିଏ ଅନେକ ଗର୍ଭବତୀଙ୍କଠାରେ, ଯାହାକୁ ଏଡ଼ାଇବା ଲାଗି ଆପଣେଇବାକୁ ହୋଇଥାଏ ବିଭିନ୍ନ ଉପାୟ...**

–ଡା. ସରୋଜିନୀ ଷଡ଼ଙ୍ଗୀ

ଯେଉଁମାନଙ୍କୁ ରାତିରେ ଶୋଇବା ମାତ୍ରେ ସଂଗେ ସଂଗେ ନିଦ ଆସିଯାଏ ଓ ଶୋଇପଡ଼ନ୍ତି ତାଙ୍କ ପାଇଁ କିଛି ଅସୁବିଧା ହୁଏ ନାହିଁ, କିନ୍ତୁ ଯେଉଁମାନଙ୍କ ପାଇଁ ନିଦ, କୋଶ କୋଶ ଦୂରକୁ ଚାଲିଯାଏ, ଏବଂ ରାତିସାରା ସେମାନେ ଆଖିର ପଲକ ନ ପକାଇ କଡ଼ିବରଗା ଗଣି, ଛାତକୁ ଚାହିଁ ରହିଥାନ୍ତି, ତାଙ୍କ ପାଇଁ କି ଉପାୟ ଅଛି ? ତେବେ ସାଧାରଣ ମଣିଷଙ୍କ କଥା ତ' ଭିନ୍ନ ହେଲେ ଅଧିକାଂଶ ଗର୍ଭବତୀ ମହିଳା ଅଛନ୍ତି ଯେଉଁମାନଙ୍କୁ ଗର୍ଭାବସ୍ଥାରେ ନିଦ ହୋଇ ନ ଥାଏ। ସାଧାରଣତଃ ଆମେ ଗର୍ଭାବସ୍ଥାରେ ଗର୍ଭବତୀମାନଙ୍କୁ ଦିନକୁ ୮ ରୁ ୧୦ ଘଣ୍ଟା ଶୋଇବାକୁ ପରାମର୍ଶ ଦେଇଥାଉ। ଦିନ ବେଳା ଲଞ୍ଚ ଖାଇସାରି ୨ ଘଣ୍ଟା ଓ ରାତିରେ ୮ ଘଣ୍ଟା ଶୋଇଲେ ମା' ଓ ଶିଶୁ ଉଭୟ ସୁସ୍ଥ ରୁହନ୍ତି। ଏହି ନିଦ୍ରାର ଢାଞ୍ଚାକୁ ଅନୁଧ୍ୟାନ କରି ଜଣାଯାଇଛି ଯେ, ଶତକଡ଼ା ୮୮ ଭାଗ ନିଦର ଢାଞ୍ଚା ଗର୍ଭାବସ୍ଥାରେ ବଦଳିଯାଏ। ଏଥି ସହିତ ନିଦ ହେବାର ସମୟ, ନିଦ୍ରାର ଗଭୀରତା, ଦିବସ ନିଦ୍ରା ଆଦି ମଧ୍ୟ ବଦଳି ଯାଇଥାଏ। ବିଶେଷ ଭାବରେ ଗର୍ଭର ପ୍ରଥମ ତିନିମାସ ମଧ୍ୟରେ ନିଦ୍ରାର ଗଭୀରତା, ନିଦ୍ରାର ସମୟ ଓ ଗୁଣାତ୍ମକ ମାନ କମିଯାଏ।

ତେବେ ଗର୍ଭାବସ୍ଥାର ଦ୍ୱିତୀୟ ପର୍ଯ୍ୟାୟରେ ନିଦ ସାଧାରଣ ଅବସ୍ଥାକୁ ଆସିଥିଲେ ମଧ୍ୟ ତୃତୀୟ ପର୍ଯ୍ୟାୟରେ ପୁଣି ନିଦ୍ରାହୀନତା ଦେଖାଦେଇଥାଏ, ଏହା ସହ ଦିନବେଳା ନିଦୁଆ ନିଦୁଆ ଲାଗୁଥିଲେ ମଧ୍ୟ ଭଲ ନିଦ ହୋଇ ନ ଥାଏ।

**ଏହାର କାରଣ:**

➡ଗର୍ଭାବସ୍ଥାର ପ୍ରଥମ ପର୍ଯ୍ୟାୟରେ ନିଦ୍ରାହୀନତାର ମୁଖ୍ୟ କାରଣ ହେଉଛି, ବାନ୍ତି ଲାଗିବା ଓ ବାନ୍ତି ହେବା, ଖାଇବାକୁ ଇଚ୍ଛା ନ ହେବା, ମୁଣ୍ଡ ବୁଲାଇବା ଇତ୍ୟାଦି (ନସିଆ ଏବଂ ମର୍ଣ୍ଣିଂ ସିକ୍‌ନେସ୍)। ଏଇ ସମୟରେ ଖାଇବାକୁ ଇଚ୍ଛା ହେଉ ନ ଥିବାରୁ, ଭଲ ପୋଷକତତ୍ତ୍ୱ ଖାଇହୁଏ ନାହିଁ। ପେଟ ନ ପୁରିବାରୁ ନିଦ ନ ହୋଇ ଦୁର୍ବଳ ଲାଗେ। ଏଇ ସମୟରେ ଖୁବ୍ ଶୀଘ୍ର ପରିସ୍ରା ଲାଗିଥାଏ। ତେଣୁ ନିଦରେ ବ୍ୟାଘାତ ଘଟିଥାଏ।

➡ଗର୍ବାବସ୍ଥାର ଦ୍ୱିତୀୟ ପର୍ଯ୍ୟାୟରେ ନିଦ୍ରାହୀନତା କମ୍ ଦେଖାଯାଏ।





ଗର୍ଭାବସ୍ଥାର ତୃତୀୟ ପର୍ଯ୍ୟାୟରେ, ରାତିରେ ବାରମ୍ବାର ପରିସ୍ରା ଲାଗିଥାଏ, ତେଣୁ ନିଦ ଭାଙ୍ଗିଯାଇଥାଏ। ଏହାଛଡ଼ା ଛାତି ବା ଅଣ୍ଟାବ୍ୟଥା ଏବଂ ଗୋଡ଼ହାତରେ ବ୍ୟଥା ହେବା ତଥା ପେଟ ଭିତରେ ଶିଶୁଟି ବାରମ୍ବାର ଘୂର୍ଣ୍ଣନ କରୁଥିବାରୁ, ରାତିରେ ଭଲ ନିଦ ହୋଇ ନ ପାରି ନିଦ ଭାଙ୍ଗିଯାଇଥାଏ। ତେଣୁ ସେଥିପାଇଁ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ନେଇ କ୍ୟାଲସିୟମ୍, ଭିଟାମିନ୍ 'ଡ଼ି' ଆଦି ଖାଇବା ଆବଶ୍ୟକ।

**ଶୋଇବା ଶୈଳୀ:** ସାଧାରଣ ଅବସ୍ଥାରେ ମହିଳାଟିଏ ଯେ କୌଣସି ପୋଜିସନ୍‌ରେ ଶୋଇପାରିବେ, କିନ୍ତୁ ଗର୍ଭାବସ୍ଥାରେ ଚିତ୍ ହୋଇ ଶୋଇବା ଅନୁଚିତ୍। ଏହାଦ୍ୱାରା ବର୍ଦ୍ଧିତ ଜରାୟୁ ଓ ଗର୍ଭସ୍ଥ ଶିଶୁର ଚାପ, ପେଟର ବୃହଦ୍ ଧମନୀ ଉପରେ ପଡୁଥିବାରୁ ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହ ଶିଥିଳ ହୋଇଯାଏ, ତେଣୁ ରକ୍ତଚାପ କମିଯାଏ। ସେଥିପାଇଁ ସବୁଠାରୁ ଭଲ ପୋଜିସନ୍ ହେଉଛି ବାଁ କଡ଼ ବା' ଡାହାଣ କଡ଼ ମାଡ଼ି ଶୋଇବା। ଉଚ୍ଚରକ୍ତଚାପ ବେଳେ ସଂପୂର୍ଣ୍ଣ ବିଶ୍ରାମ ନେବାକୁ ପଡ଼ିଥାଏ, ତେଣୁ ଏହି ସମୟରେ ବାଁ କଡ଼ ମାଡ଼ି ଶୋଇଲେ ବୃକ୍‌କକୁ ରକ୍ତ ପ୍ରବାହ ଠିକ୍ ରହିଥାଏ ଏବଂ ପରିସ୍ରା ମଧ୍ୟ ଠିକ୍ ହୋଇଥାଏ।

**ପ୍ରତିକାର:** ଗର୍ଭାବସ୍ଥାରେ ଭଲ ନିଦ ହେବା ପାଇଁ ସକାଳୁ ଓ ସନ୍ଧ୍ୟାରେ କିଛି ସମୟ ଚାଲିବା ଦରକାର। ଯୋଗ ଓ ପ୍ରାଣାୟମ କରିବା ଆହୁରି ଭଲ। କେତେଜଣଙ୍କୁ ଦିନରେ ଶୋଇପଡ଼ିଲେ, ରାତିରେ ନିଦ ହୁଏ ନାହିଁ। ତେଣୁ ଦିନରେ କେବଳ ବିଶ୍ରାମ ନେଇ ରାତିରେ ଶୋଇବା ଉଚିତ। ରାତିରେ ଡେରିରେ ଅଧିକ ନ ଖାଇ, ଶୀଘ୍ର ଡିନର ଶେଷକରି ଶୋଇବା ଭଲ। ଏହାଛଡ଼ା ମାନସିକ ଓ ଶାରୀରିକ ଚାପ, ସ୍ନାୟୁର ଉତ୍ତେଜନାକାରୀ ପାନୀୟ ଯଥା ରାତିରେ ଚା' ଓ କଫି ସେବନ, ଧୂମପାନ ଆଦି କରିବା ଠିକ ନୁହେଁ।

➡ ଭିଟାମିନ୍ ବି (ଥାୟାମିନ୍) ବା ବିକମ୍ପ୍ଲେକ୍ସ ଖାଆନ୍ତୁ, ଯାହା ସ୍ନାୟୁର ସ୍ୱାସ୍ଥ୍ୟ ଠିକ୍ ରଖିଥାଏ, ଭଲ ନିଦ ହୋଇଥାଏ।

➡ରାତିରେ ଶୋଇବାବେଳକୁ ୧ ଗ୍ଲାସ ଦୁଧ ସହ ୧ ଚାମଚ ମହୁ ଖାଇବା ଉପକାରୀ। ଏହାଦ୍ୱାରା ମଧ୍ୟ ନିଦ ହୋଇଯାଏ। ସେହିପରି ପ୍ରଚୁର ଦହି ଖାଇଲେ ଭଲ ନିଦ ହୁଏ।

➡ସ୍ଲୋ ମ୍ୟୁଜିକ୍ ଶୁଣିବା, କିଛି ପଢିବା ଆଦି ମଧ୍ୟ ନିଦ ଆସିବାରେ ସାହାଯ୍ୟ କରିଥାଏ।

ଗର୍ଭାବସ୍ଥାରେ ମାନସିକ ଚାପକୁ ଏଡ଼ାଇ ଦେଇ ସୁଖମୟ ବାତାବରଣରେ ରୁହନ୍ତୁ। ଦେଖନ୍ତୁ, ଆପଣ ନିଦ୍ରାହୀନତାକୁ ଏଡ଼ାଇ ଯିବେ ଏବଂ ରାତିରେ ସୁଖ ନିଦରେ ଶୋଇ ପଡ଼ିବେ।

–ଲିଙ୍କରୋଡ୍, କଟକ– ୧୨
ମୋ– ୯୪୩୭୦୫୫୦୦୭

# କେଶ ରହିବ କଳା

ସୌନ୍ଦର୍ଯ୍ୟ



**ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ବର୍ତ୍ତମାନ ଅଳ୍ପ ବୟସରୁ ଅନେକଙ୍କର କେଶ ପାଚୁଥିବା ଦେଖିବାକୁ ମିଳୁଛି। ଯାହାକୁ ଲୁଚାଇବା ଲାଗି ଅନେକେ ରଙ୍ଗ ବ୍ୟବହାର କରୁଛନ୍ତି। ହେଲେ ଏଭଳି ରଙ୍ଗରେ ଥିବା ହାନିକାରକ କେମିକାଲ୍ସ ପରବର୍ତ୍ତୀ ସମୟରେ କେଶ ଝଡ଼ିବାର କାରଣ ସାଜୁଛି। ତେଣୁ କେଉଁ ସବୁ ପ୍ରାକୃତିକ ଉପଚାର ଆପଣେଇଲେ କେଶ କଳା ରହିବା ସହ ନ ଝଡ଼ିବ ସେ ସମ୍ପର୍କରେ...**

➤ପ୍ରତିଦିନ ଅଁଳା ରସ ପିଇବା ଦ୍ୱାରା କେଶ ସମସ୍ୟା ଦୂର ହୋଇଥାଏ। ମେହେନ୍ଦିରେ ଅଁଳା ପାଉଡ଼ର ମିଶାଇ ହେୟାର ପ୍ୟାକ୍ ପ୍ରସ୍ତୁତ କରି ଲଗାଇବା ଦ୍ୱାରା ମଧ୍ୟ କେଶ କଳା ହେବା ସହ ମଜଭୁତ୍ ରହିଥାଏ। କେବଳ ଏତିକି ନୁହେଁ ନଡ଼ିଆ ତେଲରେ ଅଁଳାକୁ ଭଲ ଭାବେ ଫୁଟାଇ ଉକ୍ତ ତେଲକୁ ଥଣ୍ଡା କରି ଏକ ବୋତଲରେ ରଖନ୍ତୁ। ସପ୍ତାହରେ ଦୁଇଥର ଏହାକୁ କେଶରେ ଲଗାଇବା ଦ୍ୱାରା ମଧ୍ୟ ଉପକୃତ ହୋଇପାରିବେ।

➤କେଶ ପାଚିବା ସମସ୍ୟା ଦୂର କରିବାରେ ଚା ଏବଂ କଫି ଲାଭଦାୟକ। ଏକ ଚାମଚ ଚାପତିକୁ ଏକ କପ୍ ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ। ଏହାକୁ ଥଣ୍ଡା କରିବା ପରେ ସେଥିରେ ଅଳ୍ପ କଫି ପାଉଡ଼ର ମିଶାନ୍ତୁ। କେଶ ଶାମ୍ପୁ କରିବା ପରେ ଏହି ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨–୩ ଥର ଏପରି କରିବା ଦ୍ୱାରା କେଶ ଧିରେ ଧିରେ କଳା ହେବ।

➤ଏକ କପ୍ ଭୃଙ୍ଗରାଜ ପତ୍ର ସହ ୨ ଚାମଚ ଅଁଳା ପାଉଡ଼ର ଏବଂ ୨ ଚାମଚ ବ୍ରାହ୍ମି ପାଉଡ଼ର ମିଶାଇ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହି ମାସ୍କକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଛାଡି ଦିଅନ୍ତୁ। ଏକ ଘଣ୍ଟା ପରେ ମାଇଲ୍ଡ ଶାମ୍ପୁରେ କେଶ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ବ୍ୟବହାର କଲେ କେଶ କଳା ହେବାରେ ସାହାଯ୍ୟ କରିବ।

➤ନଡ଼ିଆ ତେଲରେ ଲେମ୍ବୁ ରସ ମିଶାଇ କେଶରେ ମସାଜ କରିବା ଦ୍ୱାରା ମଧ୍ୟ କେଶ କଳା ହୋଇଥାଏ।



# ଫ୍ୟାଶନରେ ନୋଜ୍ ପିନ୍

**ବର୍ତ୍ତମାନ ବିଭିନ୍ନ ପ୍ରକାର ନୋଜ ପିନ୍ ଲଗାଇବା ଅନେକଙ୍କ ପାଇଁ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ସାଜିଛି। ଟ୍ରାଡିଶନାଲ୍ ଠାରୁ ମଡର୍ନ ପର୍ଯ୍ୟନ୍ତ ବିଭିନ୍ନ ଗେଟ୍‌ଅପ୍ ଅନୁଯାୟୀ ଗ୍ରାହକଙ୍କ ଡିମାଣ୍ଡକୁ ଆଖିଆଗରେ ରଖି ଭଳିକି ଭଳି ଡିଜାଇନ୍‌ର ନୋଜ୍ ପିନ୍ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ। ଯଦି ଆପଣ ବି ଟ୍ରେଣ୍ଡି ଲୁକ୍ ପାଇଁ ଏହାକୁ ଟ୍ରାଏ କରିବେ ଭାବୁଛନ୍ତି, ତେବେ ଜାଣି ରଖନ୍ତୁ ଟିପ୍ସ...**



➡ସିମ୍ପଲ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ନାକର ଗୋଟିଏ ପାଖରେ ଛୋଟ ଗୋଲ୍ଡ ବଲ୍ କିମ୍ବା ଡାଇମଣ୍ଡ ନୋଜ୍ ପିନ୍ ଟ୍ରାଏ କରନ୍ତୁ ଏବଂ ଅନ୍ୟ ପାଖ ଫାଙ୍କା ରଖନ୍ତୁ।

➡ବିଭିନ୍ନ ପ୍ରକାର ନୋଜ୍ ଅର୍ଣ୍ଣାମେଣ୍ଟ ଭିତରେ ନୋଜ୍ ରିଂ ହୁପ୍‌ର ଡିମାଣ୍ଡ ସବୁଠୁ ଅଧିକ। ଏହା ଟ୍ରାଡିଶନାଲ୍‌ରୁ ମଡର୍ଣ୍ଣ ପର୍ଯ୍ୟନ୍ତ ସବୁ ପ୍ରକାର ଗେଟ୍‌ଅପ୍ ସହ ମ୍ୟାଚ୍ କରିଥାଏ। ଆପଣ ଚାହିଁଲେ ଡ୍ରେସ୍‌ର କଲର ସହିତ ମ୍ୟାଚ୍ କରି ବିଡ୍, କ୍ରିଷ୍ଟାଲ୍, ବ୍ଲାକ୍ ମେଟାଲ୍, କୁନ୍ଦନ ଭଳି ନୋଜ୍ ରିଂ ହୁପ୍ ପିନ୍ଧିପାରିବେ।

➡ସେହିପରି ବର୍ତ୍ତମାନ ଅନେକଙ୍କୁ ନୋଜ ବ୍ରିଜ୍ ପିଅର୍ସିଂ କରାଉଥିବା ଦେଖିବାକୁ ମିଳୁଛି। ଏଥିରେ ନାକର ଉପର ଭାଗ ବା ଦୁଇ ଆଖିର ମଝିରେ ଥିବା ନାକରେ ଫୁଟାଯାଇ ନୋଜ୍ ଅର୍ନାମେଣ୍ଟ ଲଗାଯାଇଥାଏ। ଯଦି ଆପଣଙ୍କୁ ୱେଷ୍ଟର୍ଣ୍ଣ ଆଉଟ ଫିଟ୍ ସହିତ ବୋଲ୍ଡ ଲୁକ୍ ପସନ୍ଦ ତେବେ ନୋଜ ବ୍ରିଜ୍‌ରେ ଷ୍ଟାଇଲିସ୍ ପିନ୍ ଲଗାଇବା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ।



➡ସେହି ପରି ଆପଣ ଆଣ୍ଟିକ୍ କିମ୍ବା ଷ୍ଟଡ୍ଡେଡ୍ ନୋଜ୍ ପିନ୍ ବି ବ୍ୟବହାର କରିପାରିବେ। ଷ୍ଟୋନ୍ ଏବଂ ପର୍ଲ ନୋଜ୍ ପିନ୍ ବା ଷ୍ଟଡ୍ ମଧ୍ୟ ବର୍ତ୍ତମାନ ଖୁବ୍ ଡିମାଣ୍ଡରେ ରହିଛି।

➡ଡିଫରେଣ୍ଟ ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ସେପ୍ଟମ୍ ପିଅର୍ସିଂ କରିପାରିବେ। ଏଥିରେ ନାକର ମଝିରେ ଛୋଟ ରିଂ କିମ୍ବା ଓଠ ଆଡ଼କୁ ସାମାନ୍ୟ ଝୁଲିଥିବା ରିଂ ଲଗାଇ ପାରିବେ। ସେଥିରେ ପର୍ଲ, ଷ୍ଟୋନ୍ କିମ୍ବା ଗୋଲ୍ଡ ବଲ୍ ଆଦି ଭଲ ଲାଗିବ।

ଖାଦ୍ୟ ରୁଚି

# ବିନା ଓଭନରେ ଏଗ୍‌ଲେସ୍ ଭାନିଲା କେକ୍

**ଆବଶ୍ୟକ ସାମଗ୍ରୀ:** ୨ କପ୍ ମଇଦା, ୨.୫ ଟି ସ୍ପୁନ୍ ବେକିଂ ପାଉଡ଼ର, ଅଧା କପ୍ ବଟର, ୧.୫ କପ୍ କ୍ୟାଷ୍ଟର ସୁଗାର, ଅଧା କପ୍ ପାଣି, ଦହି ଆବଶ୍ୟକ ଅନୁସାରେ, ୧ ଟି ସ୍ପୁନ୍ ଭାନିଲା ଏସେନ୍ସ, ୧/୪ ଟି ସ୍ପୁନ୍ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ବେକିଂ ପାଉଡ଼ର ଏବଂ ମଇଦାକୁ ଭଲଭାବେ ମିଶାଇ ଦିଅନ୍ତୁ। ସେଥିରେ ଲୁଣ, ଚିନି, ବଟର, ପାଣି, ଭାନିଲା ଏସେନ୍ସ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏଥିରେ ଅଳ୍ପ ଦହି ପକାଇ ଭଲଭାବେ ମିଶାନ୍ତୁ ଯେପରି ଗୁଳା ନ ରହିଯାଏ। କେକ୍ ଷ୍ଟାଣ୍ଡରେ ବଟର ପେପର ଲାଗାଇ ଗ୍ରିସ୍ କରିନିଅନ୍ତୁ। ସେଥିରେ ପ୍ରସ୍ତୁତ ମିଶ୍ରଣକୁ ଢାଳି ଦିଅନ୍ତୁ। ବର୍ତ୍ତମାନ ପ୍ରେସର କୁକରକୁ ସିଟି ନ ଲଗାଇ ୩–୪ ମିନିଟ୍ ଗରମ କରନ୍ତୁ। ଏହା ପରେ କେକ୍ ଷ୍ଟାଣ୍ଡକୁ କୁକର ଭିତରେ ରଖି କଭର ବନ୍ଦ କରନ୍ତୁ ଏବଂ ବିନା ସିଟି ଲଗାଇ ୩୦ ମିନିଟ୍ ସିଝିବାକୁ ଛାଡନ୍ତୁ। ପ୍ରସ୍ତୁତ ହୋଇଗଲା ଭାନିଲା କେକ୍। ଏହାକୁ ଥଣ୍ଡା କରି ଖାଆନ୍ତୁ।



**ପୁରୀରୁ ୭୯ ପଜିଟିଭ୍ ଚିହ୍ନଟ**

ପୁରୀ ଅଫିସ: ୪୨ ଦିନ ପରେ ପୁରୀ ଜିଲାରେ ଶହେ ତଳକୁ ଖସିଛି କରୋନା ସଂକ୍ରମିତଙ୍କ ସଂଖ୍ୟା। ସୋମବାର ୭୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ପଜିଟିଭ ସଂଖ୍ୟା ୯,୭୦୪ ଛୁଇଁଛି। ଏମାନଙ୍କ ମଧ୍ୟରୁ ୮,୦୭୫ ସୁସ୍ଥ ହୋଇଥିବାବେଳେ ୧,୫୭୭ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଏପର୍ଯ୍ୟନ୍ତ ମୋଟ ୫୨ଜଣଙ୍କ ଜୀବନ ଗଲାଣି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୮୯,୫୮୦ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୮୩.୨୧ ପ୍ରତିଶତ। ଏବେ ଜିଲାରେ ୨୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ଥିବାବେଳେ ୧୯୪ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୨୦, ନିମାପଡ଼ାରେ ୫ ଏବଂ ସତ୍ୟବାଦୀ ବ୍ଲକରେ ଗୋଟିଏ କଣ୍ଟେନମେଣ୍ଟ ଜୋନ୍ ରହିଛି।



## ସଂକ୍ଷେପରେ

### ଏସ୍‌ସିଏସ୍ କଲେଜରେ ଅନ୍ତର୍ଜାତୀୟ ସେମିନାର

ପୁରୀ ଅଫିସ, ୨୮।୯: ଏସ୍‌ସିଏସ୍ କଲେଜ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଫାଇନାନ୍ସିଆଲ ସେକ୍ଟର ଆମିଡ୍‌ଷ୍ଟ କୋଭିଡ୍-୧୯ ପର୍ସପେକ୍ଟିଭ୍‌ସ ପଲିସିଜ ଆଣ୍ଡ ଷ୍ଟ୍ରାଟେଜିସ୍ ଉପରେ ଅନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ରବିବାର ଅନୁଷ୍ଠିତ ଏହି ସେମିନାର ସମ୍ପର୍କରେ ଡ. ଏଲିନା କାନୁନ୍‌ଗୋ ସୂଚନା ଦେଇଥିଲେ। ପରେ କଲେଜ ଅଧକ୍ଷା ଡ. ସୁଜାତା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ମହେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିଥି ଭାବେ ନର୍ଥ ଆମେରିକା ବାହାମାସ୍‌ର ସିଏ ନଭେନ୍ଦୁ ବିଶ୍ୱାଳ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଡିନ୍ ପ୍ରଫେସର ସାମ୍‌ସନ ମହାରଣା, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ପି.କେ. ହୋତା, ଓସ୍‌ମାନିଆ ୟୁନିଭର୍ସିଟି ହାଇଦ୍ରାବାଦର ପ୍ରଫେସର ଡ. ଇନ୍ଦ୍ରକାନ୍ତି ଶେଖର ଆଲୋଚ୍ୟ ପ୍ରସଙ୍ଗରେ କହିଥିଲେ। ବିଭାଗୀୟ ଅଧାପିକା ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ସାବତ କୁମାର ଦିଗାଲ, ରାଜସ୍ଥାନ ବିଶ୍ୱବିଦ୍ୟାଳୟର ଡ. ଦେବୀକା ଅଗ୍ରୱାଲ ବକ୍ତବ୍ୟ ରଖିଥିଲେ। ଏଥିରେ ୧୪ ଜଣ ଅଂଶଗ୍ରହଣକାରୀ ପେପର ପ୍ରେଜେଣ୍ଟେଶନ କରିଥିଲେ। କୋଲକାତା ଜାଭିୟର୍ସ ୟୁନିଭର୍ସିଟିର ଶୋଭିକ୍ ମୁଖାର୍ଜୀ ବେଷ୍ଟ ପେପର ଉପାଧି ପାଇଥିଲେ।

### ମାହାଙ୍ଗା ମହିଳା ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ମାହାଙ୍ଗା, ୨୮।୯ (ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ପରିସରରେ ସୋମବାର ବ୍ଲକସ୍ତରୀୟ ମହାଲକ୍ଷ୍ମୀ ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷ ଶରତ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ନୀହାର ରଞ୍ଜନ ମଲ୍ଲିକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମିଶନ ଶକ୍ତିର ସଂଯୋଗିକା ଓଜସ୍ୱିନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସିଡିପିଓ ପ୍ରମୋଦିନି ଦାସ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାଲକ୍ଷ୍ମୀ ମହାସଂଘ ସଭାପତି ସୁସ୍ମିତା ଦାସ, ସମ୍ପାଦିକା ସୁସ୍ମିତା ମହାନ୍ତି, କୋଷାଧକ୍ଷ ସସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କରୋନା ସଚେତନତା ପଦଯାତ୍ରା

ବାଲିପାଟଣା,୨୮।୯(ଡି.ଏନ୍.ଏ.):ବାଲି ପାଟଣା ପ୍ରେସକ୍ଲବ, ଜୟଦେବ ସୁରକ୍ଷା ମଞ୍ଚ, ମିନତୀ କିଶାନ ପେଟ୍ରୋଲ ପମ୍ପ ଓ ଦରବାର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସୋମବାର ବାଲିପାଟଣାରେ କରୋନା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଗୋପବନ୍ଧୁ ସ୍ମୃତି ପୀଠରୁ ବାହାରି ବଜାର ପରିକ୍ରମା କରିଥିଲା। ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ଦିଲୀପ ଓଝା, ଦୀପ୍ତିମାନ ପୃଷ୍ଟି, ପ୍ରତାପକେଶରୀ ନାୟକ, ରଘୁନାଥ ଭୋଳଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସ୍ଥାନୀୟ ବ୍ୟବସାୟୀ ଏବଂ ରାସ୍ତାରେ ଯାଉଥିବା ବ୍ୟକ୍ତିଙ୍କୁ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ ଦେବା ପାଇଁ ବୁଝାଇଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ସାହୁ ଓ ବାଲିପାଟଣା ପଞ୍ଚାୟତ ସମିତି ଅଧକ୍ଷା ମନୀଷା ଚୌଧୁରୀ ବିଧାୟକଙ୍କ ସହ ସାମିଲ ହୋଇ ଶିକ୍ଷା ସଂଯୋଗ ଯୋଜନାରେ ଭାକରସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖୁଲିସ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପରିଡ଼ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁଦପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଖଣ୍ଡିଆଦଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କରିଥିଲେ।

### ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ

କଟକ ଅଫିସ, ୨୮।୯: ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ବଙ୍ଗାଳୀ ସାହିଠାରେ ଭାଷା ବିଶାରଦ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ଅଧକ୍ଷତା କରିଥିଲେ। ପଣ୍ଡିତ ପଦ୍ମନାଭ ତ୍ରିପାଠୀ ମୁଖ୍ୟ ଅତିଥି ଓ କୈଳାସ ଚନ୍ଦ୍ର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଉତ୍କଳର ବିଶୁଦ୍ଧ ଘରୋଇ ଭାଷା ପ୍ରତି ଗୋପାଳ ଚନ୍ଦ୍ର ଅଧିକ ଆସକ୍ତି ଥିଲେ ଏବଂ ଓଡ଼ିଆ ଭାଷା-ସାହିତ୍ୟର ଅମୂଲ୍ୟ ରତ୍ନ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷା କୋଷ' ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଇନ୍ଦିରା ନାୟକ, ମଞ୍ଜୁଲତା ଜେନା, ସତ୍ୟ ଗୋପାଳ ପରିଜା, ରଶ୍ମି ରଞ୍ଜିତା ଯାଦବ, ବିଦ୍ୟୁତ କୁମାରୀ ଲାଲା ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟାଦେଶର ୨ବର୍ଷ ପରେ ବି ମିଳୁନି ଅର୍ଥ

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**
- ସିଏମ୍‌ସି କମିଶନରଙ୍କୁ ଅଭିଯୋଗ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୨୮।୯:

କଟକ ମହାନଗର ନିଗମ ଅଧୀନ ୫୯ ନମ୍ବର ୱାର୍ଡର ଅନେକ ବାସିନ୍ଦା ୨୦୧୭ ଡିସେମ୍ବର ୨୯ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ଏହାପରେ ସେମାନେ ନିଜ ଅର୍ଥରେ ଘର ନିର୍ମାଣ ଆରମ୍ଭ କରିଥିଲେ। ଘର କରିବାର କିଛି ଦିନ ପରେ ଟଙ୍କା ମିଳିବ ବୋଲି କୁହାଗଲା। ତେବେ ଇତିମଧ୍ୟରେ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି। କିନ୍ତୁ ସମ୍ପୃକ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଟଙ୍କାଟିଏ ବି ମିଳି ନାହିଁ। ଏ ନେଇ ସିଏମ୍‌ସିରେ ବାରମ୍ବାର ଜଣାଇ ନିରାଶ ହେବାକୁ ପଡ଼ିଛି। ତେଣୁ ହିତାଧିକାରୀମାନେ ସିଏମସି କାର୍ଯ୍ୟାଳୟ ଆଗରେ ଅନଶନରେ ବସିବେ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ୫୯ ନମ୍ବର ୱାର୍ଡ ମୁଗଭଙ୍ଗା ଅଞ୍ଚଳର ଗୀତା ଦାସ ୨୦୧୭ ଡିସେମ୍ବର ୨୯ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ଲାଗି କାର୍ଯ୍ୟାଦେଶ ପାଇଥିଲେ। ସେ ପ୍ରଥମେ ନିଜ ସଞ୍ଚିତ ଟଙ୍କା ଖର୍ଚ୍ଚ କରି କାମ ଆରମ୍ଭ କରିଥିଲେ। ସରକାରୀ ଅଫିସରମାନେ ଘର ପରିଦର୍ଶନରେ ଆସି ଖୁବଶୀଘ୍ର ଟଙ୍କା ମିଳିବ ବୋଲି କହିଥିଲେ। ମାତ୍ର ଘର ନିର୍ମାଣ ଲାଗି ଧାର କରଜ କରିଥିବା ଟଙ୍କା ଶୁଝି ନ ପାରି ଗୀତାଙ୍କ ସ୍ୱାମୀ ବାବୁଲି ଦାସ ପ୍ରାଣ ହରାଇଲେ। ଏହାପରେ ଗୀତା ସିଏମସି ଅଧିକାରୀଙ୍କୁ ଭେଟି ଗୁହାରି ଜଣାଇଥିଲେ। ମାତ୍ର ପଦକ୍ଷେପ ନିଆଗଲା ନାହିଁ। ସେହିପରି ଉକ୍ତ ୱାର୍ଡର ଅନ୍ୟଜଣେ ହିତାଧିକାରୀ ରଞ୍ଜୁ ଦାସ। ତାଙ୍କୁ ମଧ୍ୟ ଗତ ୨୦୧୭ ଡିସେମ୍ବରରେ ଘର ପାଇଁ କାର୍ଯ୍ୟାଦେଶ ମିଳିଥିଲା। ନିର୍ମାଣର କିଛି ଦିନ ପରେ ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ମିଳିଲା। କିନ୍ତୁ ପରେ ଆଉ ଟଙ୍କା ନ ମିଳିବାରୁ ଘର ଅଧପନ୍ତରିଆ ହୋଇପଡ଼ି ରହିଲା। ଏ ନେଇ ହିତାଧିକାରୀ ଦ୍ୱୟ ସୋମବାର ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଆଗାମୀ ୭ଦିନ ମଧ୍ୟରେ ପ୍ରାପ୍ୟ ଅର୍ଥ ନ ମିଳିଲେ ସେମାନେ ପରିବାର ସହ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଦାସ କହିଛନ୍ତି, ଏ ବିଷୟରେ ସମ୍ପୃକ୍ତ ହିତାଧିକାରୀ ମୋତେ ଅବଗତ କରାଇଛନ୍ତି। କେଉଁ କାରଣ ଯୋଗୁ ସେମାନଙ୍କୁ ଟଙ୍କା ଦିଆଯାଇନାହିଁ ତାହାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଅଭିଯୋଗ ଜଣାଇବାକୁ ଆସିଥିବା ଦୁଇ ହିତାଧିକାରୀ।


ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ବିରୋଧରେ ସୋମବାର ଭାଜପା ପକ୍ଷରୁ ବିଭିନ୍ନ ୱାର୍ଡରୁ ଦସ୍ତଖତ ସଂଗ୍ରହ କରାଯାଉଛି। ସଂଗୃହୀତ ହସ୍ତଖତ ପୁସ୍ତିକା ପ୍ରଦାନ ପାଇଁ ଦଳ ଆସନ୍ତା ୨ ତାରିଖରେ ନବୀନ ନିବାସ ଅଭିମୁଖେ ଯିବ।

## ଭୁବନେଶ୍ୱରରେ ସଂକ୍ରମଣ ୨୧,୧୯୭

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ଭୁବନେଶ୍ୱରରୁ ସୋମବାର ଆଉ ୩୪୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୧୧ଜଣ ସରକାରୀ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୨୩୧ଜଣ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୨୧,୧୯୭କୁ ବୃଦ୍ଧିପାଇଛି। ସବୁଠୁ ବଡ଼ କଥା ହେଲା କେବଳ ସେପ୍ଟେମ୍ବରରେ ହିଁ ୧୦୭୭୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହାକି ପୂର୍ବ ମାସଗୁଡ଼ିକର ସମସ୍ତ ରେକର୍ଡ ଭାଙ୍ଗିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସୋମବାର ଦେଇଥିବା ଟୁଇଟ୍ ତଥ୍ୟ ମୁତାବକ, ସଙ୍ଗରୋଧରୁ ଚିହ୍ନଟ ବ୍ୟକ୍ତିମାନେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ସଂସ୍ପର୍ଶରେ ଆସିଛନ୍ତି। ପଟିଆରୁ ଓ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୨୨ଜଣ, ନୟାପଲ୍ଲୀ ୧୬, ଆଇଆରସି ଭିଲେଜ ୮, ନିଳାଦ୍ରୀ ବିହାର, ଝାରପଡ଼ା, ପାତ୍ରପଡାରୁ ୭ଜଣ ଲେଖାଏ, ଆଇଗିଣିଆ, ବରମୁଣ୍ଡା, ଡୁମଡୁମା, ୟୁନିଟ-୮ରୁ ୬ଜଣ ଲେଖାଏ, ଖଣ୍ଡଗିରି, ଚକେଇସିହାଣୀ, ଭିଏସଏସ ନଗର, କଳିଙ୍ଗନଗରରୁ ୪ଜଣ ଲେଖାଏ, ସାଲିଆ ସାହି, କପିଳ ପ୍ରସାଦ, ଶହୀଦ ନଗରରୁ ୩ଜଣ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରରୁ ସୋମବାର ୩୨୧ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧିପାଇ ୧୭,୪୯୭ରେ ପହଞ୍ଚିଥିବାବେଳେ ସହରରେ ଏବେ ମଧ୍ୟ ୩,୫୯୫ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି ଏବଂ ୮୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା ବିଏମ୍‌ସି ସୂଚନା ଦେଇଛି।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୬୫ ପଜିଟିଭ୍

ଖୋର୍ଦ୍ଧା ଅଫିସ,୨୮।୯:

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ୧୬୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୫୬ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣଙ୍କର ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୭, ବାଲିପାଟଣା ୧୪, ଭୁବନେଶ୍ୱର ବ୍ଲକ ୧୨, ଜଟଣୀ ୩୦, ଖୋର୍ଦ୍ଧା ବ୍ଲକ ୩୪, ବେଗୁନିଆ ୨୮, ବୋଲଗଡ଼ ୯, ଟାଙ୍ଗୀ ୯, ଚିଲିକା ୫ ଏବଂ ବାଣପୁରର ୭ଜଣ ରହିଛନ୍ତି। ଅନ୍ୟପକ୍ଷରେ ସୋମବାର ସୁଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ୯୮୬୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୮୬୯୧ଜଣ ସୁସ୍ଥ ହୋଇଥିବା ବେଳେ ୧୧୩୩ଜଣ ସକ୍ରିୟ ରହିଛନ୍ତି। ୪୧ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ୩ ଲକ୍ଷ ଟଙ୍କା ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଗର୍ଭବତୀ ମହିଳାଙ୍କ ମୃତ୍ୟୁ ମାମଲା**

ଭୁବନେଶ୍ୱର,୨୮।୯ (ବ୍ୟୁରୋ):

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ବଳଙ୍ଗା ପଡ଼ିଆ ଗାଁରେ ଜଣେ ଗର୍ଭବତୀ ମହିଳାଙ୍କର ୨୦୧୫ ନଭେମ୍ବର ୧୧ରେ ମୃତ୍ୟୁ ଘଟିଥିଲା। ଏହି ମାମଲାକୁ ନେଇ ହ୍ୟୁମାନ ରାଇଟ୍ସ ପକ୍ଷରୁ ସେହି ମାସରେ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ବିଚାର କରି କମିଶନ ମୃତ ମହିଳାଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ସହ ପ୍ରମାଣର ନକଲ କମିଶନଙ୍କୁ ୪ ସପ୍ତାହ ମଧ୍ୟରେ ଦେବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।କ ଏଥିରେ ଅବହେଳା ହେଲେ ମାନବାଧିକାର ସୁରକ୍ଷା ଆଇନ ୧୯୯୩ ଧାରା ୧୩ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଜଳେଶ୍ୱର ଥାନା ବଳଙ୍ଗା ବଡ଼ିଆ ଗାଁର ତପନ ଦଳେଇଙ୍କ ସ୍ତ୍ରୀ ଝରଣା ଗର୍ଭବତୀ ଅବସ୍ଥାରେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଜିଲା ମୁଖ୍ୟ ହସ୍ପିଟାଲ ନେଇଯିବାକୁ ପରାମର୍ଶ ଦେଇଥିଲେ। ହସ୍ପିଟାଲ ପକ୍ଷରୁ ଆମ୍ବୁଲାନ୍ସ ବ୍ୟବସ୍ଥା ନ କରିବାରୁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବାକୁ ଦାବୀ କରି ହ୍ୟୁମାନ ରାଇଟ୍ସ ସଂଗଠନ ପକ୍ଷରୁ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ।

## ଲୁଟ୍ ଟଙ୍କା ଜବତ, ଅଭିଯୁକ୍ତ ଗିରଫ

ପୁରୀ ଅଫିସ,୨୮।୯:

କୁମ୍ଭାରପଡ଼ା ଥାନା ପୋଲିସ ଏକ ଲୁଟ୍ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଲୁଟ୍ ଟଙ୍କା ଜବତ ହୋଇଛି। ଗତ ୨୩ ତାରିଖ ରାତିରେ ମାର୍କଣ୍ଡେଶ୍ୱର ସାହିର କାଳିଆ ନାୟକ ତାଙ୍କ ବ୍ୟବସାୟ ଟଙ୍କା ଆଦାୟ କରୁଥିଲେ। ଏହି ସମୟରେ ୨ ନାବାଳକ ତାଙ୍କୁ ଆକ୍ରମଣ କରି ଆଦାୟ କରିଥିବା ୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। କାଳିଆଙ୍କ ଅଭିଯୋଗକ୍ରମେ ମାମଲା (ନଂ.୨୬୮/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ସମ୍ପୃକ୍ତ ୨ ନାବାଳକଙ୍କୁ ଧରି ପଚରାଉଚରା କରିବା ପରେ ସେମାନଙ୍କ ତଥ୍ୟ ଆଧାରରେ ସୋମବାର ଜ୍ୟୋତିରଞ୍ଜନ ଜେଠୀଙ୍କୁ ପୋଲିସ ଗିରଫ କରିଛି। ଜ୍ୟୋତିରଞ୍ଜନ ସମ୍ପୃକ୍ତ ଦୁଇ ନାବାଳକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ। ପୋଲିସ ୧ଲକ୍ଷ ୮୦ ହଜାର ଟଙ୍କା ଜବତ କରିଛି। ସେହିପରି ଦୁଇ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ହୋମ୍‌କୁ ପଠାଯାଇଛି ବୋଲି ଥାନାଧିକାରୀ କୁଳମଣି ସେଠୀ କହିଛନ୍ତି।

## କୁନିଙ୍କୁ ମିଳିଲା ସହାୟତାର ହାତ

- ଟ୍ୟୁମର ଦେଉଛି ଯନ୍ତ୍ରଣା: ଚିକିତ୍ସାରେ ଅର୍ଥ ବାଧକ
- ଆରୋଗ୍ୟ କାମନା କରି ଚଣ୍ଡୀମନ୍ଦିରରେ ପୂଜାର୍ଚ୍ଚନା
- ଚିକିତ୍ସା ପାଇଁ 'ଯୁବ ପରିବାର' ଦେଲା ଅର୍ଥରାଶି

କଟକ ଅଫିସ, ୨୮।୯:



ପୁରୀ ଚନ୍ଦନପୁରର କୁନି ପଣ୍ଡା। ତାଙ୍କ ଡାହାଣ ହାତରେ ଟ୍ୟୁମର ହୋଇଥିବାରୁ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି। ଡାହାଣ ହାତଟି ଏକପ୍ରକାର ଅଚଳ ହୋଇପଡ଼ିଥିବାବେଳେ ଯନ୍ତ୍ରଣା ମଧ୍ୟ ଦିନକୁ ଦିନ ବଢୁଛି। ତେବେ ଆର୍ଥିକ ଦୁରବସ୍ଥା ଯୋଗୁ ଚିକିତ୍ସା କରିପାରୁନାହାନ୍ତି। ଏଭଳି ସମୟରେ କଟକର 'ଯୁବ ପରିବାର' ଅନୁଷ୍ଠାନ ସୋସିଆଲ ମିଡିଆରୁ ଏ ସଂକ୍ରାନ୍ତ ସୂଚନା ପାଇ ତାଙ୍କୁ ସହାୟତାର ହାତ ବଢାଇଛି। ସୋମବାର 'ଯୁବ ପରିବାର' କର୍ମକର୍ତ୍ତା ପୁରୀ ଯାଇ ତାଙ୍କୁ ଭେଟି ଆଶ୍ୱାସନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏତଦ୍‌ବ୍ୟତୀତ କୁନିଙ୍କ ଆରୋଗ୍ୟ ପାଇଁ କଟକ ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି।

ବାପ ଛେଉଣ୍ଡ କୁନି କିଛିଦିନ ହେବ ଶଯ୍ୟାଶାୟୀ। ଡାହାଣ ହାତର ଟ୍ୟୁମର ତାଙ୍କ ଜୀବନକୁ ଦୁର୍ବିଷହକୁ ଠେଲି ଦେଇଛି। ଟ୍ୟୁମର ଆକାର ବଢୁଥିଲେ ମଧ୍ୟ ଅର୍ଥାଭାବରୁ ସେ ଚିକିତ୍ସା କରାଇ ପାରୁନାହାନ୍ତି। ମା' ସରୋଜିନୀ ପଣ୍ଡା ମଧ୍ୟ ଅସହାୟ ହୋଇପଡ଼ିଛନ୍ତି। କେହି ଜଣେ କୁନିଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। 'ଯୁବ ପରିବାର' ସଭାପତି ଦିଲ୍ଲୀପ ନାରାୟଣ ଗୁଡୁ ଏହା ଦେଖିବା ପରେ କୁନିଙ୍କ ସହିତ ଯୋଗାଯୋଗ କରିଥିଲେ। ତାଙ୍କ ଚିକିତ୍ସା ସମ୍ପର୍କରେ ବୁଝାଶୁଝା କରିବା ପରେ ପୁରୀ ଯାଇ ଭେଟିବାକୁ ସ୍ଥିର ହୋଇଥିଲା। ସୋମବାର କଟକ ଚଣ୍ଡୀ ମନ୍ଦିରରେ କୁନିଙ୍କ ପାଇଁ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ସାଧାରଣ ସମ୍ପାଦକ ଗଗନ ଓଝା, କୋଷାଧକ୍ଷ ଶୁଭଙ୍କର ସେନ, ସହସମ୍ପାଦକ ଆଦିତ୍ୟ ନାରାୟଣ ମହାରଣା, ଅମରନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ କର୍ମକର୍ତ୍ତାମାନେ ମା' ଚଣ୍ଡୀଙ୍କ ଫଟୋ ଓ ପାଦୁକ ଧରି ପୁରୀ ବାହାରିଥିଲେ। ସେଠାରେ କୁନିଙ୍କୁ ଭେଟି ତାଙ୍କ ଚିକିତ୍ସା ଲାଗି ୧୧, ୧୦୧ ଟଙ୍କା ପ୍ରଦାନ କରିଥିଲେ। 'ଯୁବ ପରିବାର' କର୍ମକର୍ତ୍ତାଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଶ୍ରୀପତି ଜେନାଙ୍କ ସ୍ମୃତିଚାରଣ

ପୁରୀ ଅଫିସ,୨୮।୯:

ପୁରୀ ସେବା ସମିତି ପରିସରରେ ସୋମବାର ଏବିଭିପିର ଛାତ୍ରନେତା ଶ୍ରୀପତି ଜେନାଙ୍କ ୨୭ତମ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହେଶ ରଥ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଶ୍ରୀପତିଙ୍କ ବଡ଼ଭାଇ ଗଣପତି ଜେନା ଯୋଗ ଦେଇଥିଲେ। ଯିଏ ନେତା ଅପେକ୍ଷା କାର୍ଯ୍ୟକର୍ତ୍ତା ହେବାକୁ ଅଧିକ ପସନ୍ଦ କରୁଥିଲେ, ସନ୍ଦେହ ଅପେକ୍ଷା ସମ୍ପର୍କ ଗଢିବାରେ ବିଶ୍ୱାସ କରୁଥିଲେ ସେହି ଛାତ୍ରନେତା ଶ୍ରୀପତିଙ୍କୁ ସମସ୍ତେ ମନେ ପକାଇଥିଲେ। ରାଜକନିକାର ଆଗରପଡ଼ା ଗ୍ରାମରୁ ଆସି ପୁରୀର ଘରେ ଘରେ ପରିଚିତ ହୋଇପାରିଥିବା ଶ୍ରୀପତିଙ୍କୁ ସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ବିଦ୍ୟୁତ୍ ଦର ବୃଦ୍ଧିକୁ ଯୁବ କଂଗ୍ରେସର ବିରୋଧ

ପୁରୀ ଅଫିସ,୨୮।୯:

ରାଜ୍ୟରେ ବିଦ୍ୟୁତ୍ ଦର ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରାଯାଇଛି। ଏହାକୁ ପୁରୀ ଜିଲା ଯୁବ କଂଗ୍ରେସ ବିରୋଧ କରିଛି। ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ଦଳ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ମହାମାରୀ କରୋନା ସମୟରେ ଲୋକେ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ଏ ପର୍ଯ୍ୟନ୍ତ ସମସ୍ତ ଦୋକାନୀ, କ୍ଷୁଦ୍ର ଓ ମଧ୍ୟମ ଧରଣର କଳ କାରଖାନା ଅଣ୍ଟା ସଳଖି ପାରିନାହାନ୍ତି। ପ୍ରବାସୀ ଶ୍ରମିକ ନିଜ ଗୁଜରାଣ ମେଣ୍ଟାଇବା ପାଇଁ ସକ୍ଷମ ହୋଇ ନ ଥିବାବେଳେ ରାଜ୍ୟର ବହୁ ବେକାର ଯୁବକ ପରିବାର ଚଳାଇବା ଲାଗି ଅସମର୍ଥ। ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ କମ୍ ଥାଇ ମଧ୍ୟ ବିକ୍ରି ଖର୍ଚ୍ଚ ବୃଦ୍ଧି କରିବା ନିନ୍ଦନୀୟ। ବିଭିନ୍ନ କମ୍ପାନୀ ଉପରେ ପାଖାପାଖି ୬ ହଜାର କୋଟି ଟଙ୍କା ବକେୟା ପଡ଼ିଛି। ରାଜ୍ୟ ସରକାରଙ୍କ ଉପରେ ବାକି ଥିବା ୨.୫ ହଜାର କୋଟି ଟଙ୍କା ଆଦାୟ ହୋଇନାହିଁ। ଏଭଳି ସ୍ଥଳେ ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ୍ ଦର ବୃଦ୍ଧିକୁ ଲଦି ଦିଆଯାଇଛି। ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦଳ ଦାବି କରିଛି। ଜିଲା ଯୁବ କଂଗ୍ରେସ ସଭାପତି ପ୍ରେମଜିତ୍ ମହାନ୍ତି, ବିଶ୍ୱନାଥ ଦାଶ, ସ୍ୱାଧୀନ କୁମାର ପଣ୍ଡା, ଜୀବରାମ ପାତ୍ର, ବିଷ୍ଣୁପ୍ରସାଦ ବେହେରା, ଅଭିଳାଷ ରଥ, ଚନ୍ଦ୍ରଶେଖର କର ପ୍ରମୁଖ ଏଥିରେ ସାମିଲ ଥିଲେ।

## ତ୍ରିସ୍ତରୀୟ ସୁରକ୍ଷାରେ ବିଧାନସଭା

- ସୁରକ୍ଷା ବ୍ୟବସ୍ଥା ବୁଲି ଦେଖିଲେ ଡିଜିପି, ସିପି
- ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଧାନସଭା ଚତୁଃପାର୍ଶ୍ୱରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ଅପରାହ୍ନରେ ଡିଜିପି ଅଭୟ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଡିସିପି ଉମାଶଙ୍କର ଦାଶ, ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ପ୍ରମୁଖ ବିଧାନସଭା ପରିସରରେ ବୁଲି ସୁରକ୍ଷା ସ୍ଥିତି ଯାଞ୍ଚ କରିବା ସହ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ଏକାଧିକ ପୋଲିସ କର୍ମଚାରୀଙ୍କୁ ନେଇ ସୁରକ୍ଷା ସଂକ୍ରାନ୍ତ ରିହର୍ସାଲ କରାଯାଇଥିଲା। ଅଧିବେଶନ ଆରମ୍ଭ ପୂର୍ବରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପୂର୍ବାହ୍ନରେ ଗାର୍ଡ ଅଫ୍ ଅନର ଦିଆଯିବ। ତେଣୁ ଏହା ଉପରେ ପୂର୍ବାଭ୍ୟାସ ମଧ୍ୟ କରାଯାଇଥିଲା। ସେହିପରି ବିଧାନସଭା ଭିତରେ ଓ ବାହାରେ ବୋମା ନିଷ୍କ୍ରିୟକାରୀ ଟିମ୍ ଏବଂ ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଇଥିଲା।

ପୋଲିସ ଡିଜି ଅଭୟ କହିଛନ୍ତି, ବିଧାନସଭା ଭିତରେ ଗୋଇନ୍ଦା ବିଭାଗ ସୁରକ୍ଷା ଦାୟିତ୍ୱ ନେଇଥିବାବେଳେ ବାହାରର ୩ଟି ଗେଟର ସୁରକ୍ଷା କମିଶନରେଟ ପୋଲିସ ନେଇଥାଏ। ଶେଷରେ ଗାନ୍ଧୀମାର୍ଗ ପାଇଁ ସୁରକ୍ଷା ବ୍ୟବସ୍ଥା କରାଯାଇଥାଏ। ଏଥର କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ବନ୍ଦୋବସ୍ତ ହୋଇଛି। ଆଶା କରୁଛି ସୁରୁଖୁରୁରେ ବିଧାନସଭା ଅଧିବେଶନ ଶେଷ ହେବ। ପୋଲିସ କମିଶନର ଷଡ଼ଙ୍ଗୀ କହିଛନ୍ତି, ୩ କଣ୍ଟ୍ରୋଲରୁମ୍ ଓ ସମନ୍ୱିତ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା କରାଯାଇଛି। ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୯୦ ଅଫିସର ମୁତୟନ ରହିବେ। ଏହାସହ ଗାନ୍ଧୀମାର୍ଗରେ ପୋଲିସ ପକ୍ଷରୁ ଅସ୍ଥାୟୀ ସୁରକ୍ଷା ଶିବିର କରାଯିବା ସହ ଏକାଧିକ ସିସିଟିଭି ଲଗାଇ ସନ୍ଦିଗ୍ଧଙ୍କ ଉପରେ ନଜର ରଖାଯାଇଛି। ଅନ୍ୟପଟରେ ଏପର୍ଯ୍ୟନ୍ତ କେହି ରାଲି ଓ ଧାରଣା ପାଇଁ କମିଶନରେଟ ପୋଲିସରେ ଆବେଦନ କରିନାହାନ୍ତି। ଆବେଦନ ଆସିଲେ ଅନ୍‌ଲକ୍-୫କୁ ଦେଖି ବିଚାର କରାଯିବ। ବିନାନୁମତିରେ ଆନ୍ଦୋଳନ କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ପୁରୁସାହି ସମିତି କାର୍ଯ୍ୟାଳୟ ଘେରିଲେ ଚାଷୀ

- ସାର ଅଭାବ ନେଇ ବଢୁଛି ଅସନ୍ତୋଷ
- ୯୫ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ, ୪ ସଂସ୍ଥା ଲାଇସେନ୍ସ ରଦ୍ଦ

ଖୋର୍ଦ୍ଧା ଅଫିସ,୨୮।୯:

ଖୋର୍ଦ୍ଧା ବ୍ଲକ ପୁରୁସାହି ସେବା ସମବାୟ ସମିତି ଲିଃ. ରେ ଆବଶ୍ୟକ ମୁତାବକ ସାର ନ ମିଳିବାରୁ ସୋମବାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ କାର୍ଯ୍ୟାଳୟ ଘେରାଉ କରିଥିଲେ।

ସୂଚନା ମୁତାବକ, ଏହି ସେବା ସମବାୟ ସମିତି ଉପରେ ପୁରୁସାହି, ଅର୍ଜ୍ଜୁନପୁର, ଜାଗୁଲାଇପାଟଣା, ତରତୁଆ, ଶରଧାପୁର, ହଳଦିପଦା, ପାଟପୁର, ଓଳସିଂ, କପିଳେଶ୍ୱରପୁର, ଜକରା ଓ ପାନବରଜ ଗ୍ରାମର ଚାଷୀ ନିର୍ଭର କରନ୍ତି। ପ୍ରାୟ ୨୭୦୦ ଚାଷୀ ଏହି ସମିତି ଅଧୀନରେ ରହିଛନ୍ତି। ସୋମବାର ସାର ଲାଗି ୩୫୦ରୁ ଊର୍ଦ୍ଧ୍ୱ ଚାଷୀ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରତ୍ୟେକ ଚାଷୀ ୧୫କେଜି ଲେଖାଏ ସାର ନେବାକୁ ସମିତି ପକ୍ଷରୁ କୁହାଯାଇଥିଲା। ହେଲେ ଆବଶ୍ୟକ ମୁତାବକ ସାର ନ ମିଳିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀ ବଟକୃଷ୍ଣ ସାହୁ କୁହନ୍ତି, ୩ଏକର ଚାଷ କରିଛି। ୧୫କେଜି ସାର ନେଇ କଣ କରିବି। ସେହିପରି ରାଜକିଶୋର ସାହୁ, ମହେନ୍ଦ୍ର ମୁଦୁଲି, ଯୋଗେନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସମାନ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ ସାର ନ ଦେଲେ ଅମଳ କମିବା ଆଶଙ୍କା ରହିଛି ବୋଲି ଚାଷୀମାନେ କହିଛନ୍ତି। ଏନେଇ ସମିତି ସମ୍ପାଦକ ଯୋଗେଶ୍ୱର ସାହୁ କହିଛନ୍ତି, ପ୍ରଥମେ ୨୫ମେଟ୍ରିକ ଟନ ସାର ଆସିଥିଲା। ସମସ୍ତଙ୍କୁ ସମମାନ ପରିମାଣରେ ଦିଆଯାଇଥିଲା। ଏବେ ୯୦ବସ୍ତା ଆସିଛି। ସୋମବାର ୩୫୦ଚାଷୀ ସାର ନେବା ଲାଗି ଆସିଥିଲେ। ତେଣୁ ପ୍ରତ୍ୟେକ ଚାଷୀ ୧୫କେଜି ଲେଖାଏ ନେବା ଲାଗି କୁହାଯିବା ପରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ୫୦୦ବସ୍ତା ସାର ଯୋଗାଇଦେବା ଲାଗି ମାର୍କଫେଡକୁ ଅନୁରୋଧ କରାଯାଇଛି। ଆସିବା ପରେ ତାହା ସମସ୍ତ ଚାଷୀଙ୍କୁ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜିଲା କୃଷି ଅଧିକାରୀ ଭାସ୍କର ବାରିକ କହିଛନ୍ତି, ଖୋର୍ଦ୍ଧା ଜିଲାକୁ ୮୨୦୦ ମେଟ୍ରିକ ଟନ ସାର ଆବଶ୍ୟକ ରହିଥିବା ବେଳେ ୭ହଜାର ମେଟ୍ରିକ ଟନ ଆସିଛି। ଆଉ ୧ହଜାର ମେଟ୍ରିକ୍ ଟନ ସାର ଯୋଗାଇଦେବା ଲାଗି ଅନୁରୋଧ କରାଯାଇଛି। ଚଳିତ ବର୍ଷ କୌଣସି ଘରୋଇ ସଂସ୍ଥାକୁ ସାର ଦିଆଯାଇନାହିଁ। ଘରୋଇ ସଂସ୍ଥାମାନେ କମ୍ପାନୀଠାରୁ ସାର ଆଣି ବିକ୍ରି କରୁଛନ୍ତି। ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ଦରରେ ବିକ୍ରି ଲାଗି ସେମାନଙ୍କୁ ତାଗିଦ୍ କରାଯାଇଛି। କଳାବଜାର ରୋକିବା ଲାଗି ଏକ ସ୍କ୍ୱାଡ୍ ରହିଛି। ପ୍ରତି ବ୍ଲକ ସ୍ତରରେ କୃଷି ଅଧିକାରୀ ଏବଂ ପଞ୍ଚାୟତସ୍ତରରେ ଭିଏଲଡବ୍ଲ୍ୟୁମାନେ ତଦାରଖ କରୁଛନ୍ତି। ଚାଷୀଙ୍କୁ ସୁଲଭ ଦରରେ ସାର ଦିଆଯିବା ନେଇ କୁହାଯାଇଛି। ଏପର୍ଯ୍ୟନ୍ତ ୯୫ଟି ଘରୋଇ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ୪ଟି ସଂସ୍ଥାର ଲାଇସେନ୍ସ ରଦ୍ଦ କରାଯାଇଛି। କଳାବଜାରକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।



# ସୁପର ଓଭରରେ ଜିତିଲା ଆର୍‌ସିବି

**ଦୁବାଇ, ୨୮।୯**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ସୋମବାର ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ସୁପର ଓଭରରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଆର୍‌ସିବିର ନବଦୀପ ସଇନୀଙ୍କ ଓଭରରୁ ମୁମ୍ବାଇ ଇଣ୍ଡିଆନ୍ସ ୭ ରନ ସଂଗ୍ରହ କରିଥିଲା। ୮ ରନ ବିଜୟ ଲକ୍ଷ୍ୟ ନେଇ ଆରସିବି ମୁମ୍ବାଇର ଯଶପ୍ରୀତ ବୁମ୍‌ରାଙ୍କ ଓଭରରୁ ୧୧ ରନ ସଂଗ୍ରହ କରି ନେଇଥିଲା। ବୁମ୍‌ରା ଏହାକୁ ମିଶାଇ ୫ ଥର ସୁପର ଓଭର ବୋଲିଂ କରିଥିବାବେଳେ ପ୍ରଥମ ଥର ପାଇଁ ପରାଜୟ ସ୍ୱାଦ ଚାଖିଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ୨୦ ଓଭରରେ ୩ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୫ ଉଇକେଟ ହରାଇ ଠିକ୍ ୨୦୧ ରନ କରିଥିଲା। ଫଳରେ ମ୍ୟାଚ ଟାଇ ହୋଇଥିଲା।

ବଡ଼ ସ୍କୋରର ପିଛା କରିଥିବା ମୁମ୍ବାଇ ୩୯ ରନ ମଧ୍ୟରେ ଟପ୍ ଅର୍ଡରର ୩ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଦ୍ୱିତୀୟ ଓଭରରେ ସ୍ପିନର ୱାଶିଂଟନ ସୁନ୍ଦରଙ୍କୁ ବୋଲିଂ ଦେଇ ଆର୍‌ସିବି ଅଧିନାୟକ ବିରାଟ କୋହଲି ରିସ୍କ ନେଇଥିଲେ ହେଁ ତାହା କାମ ଦେଇଥିଲା। ସୁନ୍ଦର ନିଜ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ମୁମ୍ବାଇ ଅଧିନାୟକ ରୋହିତ ଶର୍ମାଙ୍କୁ ଆଉଟ କରି ଦଳକୁ ବଡ଼ ସଫଳତା ଦେଇଥିଲେ। ରୋହିତ ୮ ବଲ୍‌ରୁ ମାତ୍ର ୮ ରନ କରିଥିଲେ। ସୂର୍ଯ୍ୟ କୁମାର ଯାଦବ ଖାତା ଖୋଲିପାରି ନ ଥିବାବେଳେ କ୍ୱିଣ୍ଟନ ଡିକକ୍(୧୫ ବଲ, ୧୪ ରନ, ୧ ଚୌକା)ଙ୍କୁ ଆଉଟ କରିଥିଲେ ନିର୍ଭରଯୋଗ୍ୟ ୟୁଜବେନ୍ଦ୍ର ଚହଲ। ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୧୫(୧୩ ବଲ, ୧ ଛକା) ରନରେ ଆଉଟ ହେବା ମୁମ୍ବାଇ ପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ମାତ୍ର ଇଷାନ କିଷନ ଓ କିରନ ପୋଲାର୍ଡ ଅବିଶ୍ୱସନୀୟ ବ୍ୟାଟିଂ କରି ଶେଷ ୪ ଓଭରରୁ ୭୯ ରନ ସଂଗ୍ରହ କରିବାରୁ ମ୍ୟାଚ ଟାଇ ହୋଇ ଯାଇଥିଲା। କିଷନ ୫୮ ବଲ୍‌ରୁ ୨ ଚୌକା ଓ ୯ ଛକା ସହାୟତାରେ ୯୯ ରନ କରି ଆଉଟ ହୋଇଥିବାବେଳେ ପୋଲାର୍ଡ ୨୪ ବଲ୍‌ରୁ ୩ ଚୌକା ଓ ୫ ଛକା ସହ ୬୦ ରନରେ ଅପରାଜିତ ରହିଥିଲେ। ଆରସିବି ପକ୍ଷରୁ ଇସୁରୁ ଉଡାନା ୨ଟି ଏବଂ ୱାଶିଂଟନ ସୁନ୍ଦର, ୟୁଜବେନ୍ଦ୍ର ଚହଲ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ମୁମ୍ବାଇ। ଆରୋନ ଫିଞ୍ଚ୍ ଓ ଦେବଦତ୍ତ ପଡିକାଲ ପାୱାରପ୍ଲେ ୬ ଓଭରରେ ୫୯ ରନ ସଂଗ୍ରହ କରି ଆରସିବି ପାଇଁ ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ବ୍ରେକ୍ ଥ୍ରୁ ପାଇଁ ରୋହିତ ଶର୍ମା ୫ ଜଣ ଯାକ ବୋଲରଙ୍କୁ ବ୍ୟବହାର କରିଥିଲେ ହେଁ ୮ ଓଭର ପର୍ଯ୍ୟନ୍ତ ସଫଳତା ପାଇ ନ ଥିଲେ। ୯ମ ଓଭରରେ ସେ ଟ୍ରେଣ୍ଟ ବୋଲ୍ଟଙ୍କୁ ଆଣି ସଫଳ ହୋଇଥିଲେ। ଓପନିଂ ଯୋଡ଼ିରେ ୫୪ ବଲ୍‌ରୁ ୮୧ ରନ ହୋଇଥିବାବେଳେ ବୋଲ୍ଟଙ୍କ ବଲ୍‌ରେ ଫିଞ୍ଚ୍ ଆଉଟ ହୋଇଥିଲେ। ମୁମ୍ବାଇ ବିପକ୍ଷରେ ଏହାଥିଲା ଆରସିବିର ତୃତୀୟ ସର୍ବାଧିକ ଓପନିଂ ପାର୍ଟନରଶିପ୍। ୩୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଫିଞ୍ଚ୍ ୭ ଚୌକା ଓ ୧ ଛକା ସହାୟତାରେ ୫୨ ରନ ସ୍କୋର କରିଥିଲେ। କୋହଲିଙ୍କ ଖରାପ ଫର୍ମ ଜାରି ରହିଥିଲା। ସେ ୧୧ଟି ବଲ୍ ଖେଳିଥିଲେ ହେଁ ମାତ୍ର ୩ ରନ କରି ରାହୁଲ ଚହରଙ୍କ ଶିକାର ହୋଇଥିଲେ। ଏବି ଡିଭିଲର୍ସ ଓ ପଡିକାଲ ୩ୟ ଉଇକେଟରେ ୬୨ ରନ ଯୋଗ କରିଥିଲେ। ୪୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପଡିକାଲ ୫ ଚୌକା ଓ ୨ ଛକା ସହାୟତାରେ ୫୪ ରନ କରିଥିଲେ। ଚଳିତ ଆଇପିଏଲରେ ଯୁବ ଖେଳାଳି ପଡିକାଲଙ୍କର ଏହାଥିଲା ୩ ମ୍ୟାଚରୁ ଦ୍ୱିତୀୟ ଅର୍ଦ୍ଧଶତକ। ଶେଷ ଭାଗରେ ବିସ୍ଫୋରକ ଇନିଂସ ଖେଳିଥିଲେ ଡିଭିଲର୍ସ ଓ ଶିବମ୍ ଦୁବେ। ଡିଭିଲର୍ସ ୨୪ଟି ବଲ୍ ଖେଳି ୪ଟି ଲେଖାଏ ଚୌକା ଓ ଛକା ମାରି ୫୫ ଓ ଦୁବେ ୧୦ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୨୭ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟ ଯୋଡ଼ିରେ ଏ ଦୁହେଁ ୪୭ ରନର ଭାଗୀଦାରି ଗଢ଼ିଥିଲେ। ଫଳରେ ଆରସିବି ସ୍କୋର ୨୦୦ ଅତିକ୍ରମ କରି ଯାଇଥିଲା। ଶେଷ ୫ ଓଭରରେ ଆରସିବି ୭୮ ରନ ସଂଗ୍ରହ କରିଥିଲା। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୨ଟି ଓ ରାହୁଲ ଚହର ଗୋଟିଏ ଉଇକେଟ ନେଇଥିଲେ।

ଏହି ମ୍ୟାଚ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଗୋଟିଏ ପରିବର୍ତ୍ତନ କରି ସୌରଭ ତିୱାରୀଙ୍କ ସ୍ଥାନରେ ଇଶାନ କିଷନଙ୍କୁ ଖେଳାଇଥିଲା। ଆରସିବି ଦଳରେ ୩ ପରିବର୍ତ୍ତନ କରାଯାଇଥିଲା। ଉମେଶ ଯାଦବ, ଜୋଶ୍ ଫିଲିପେ ଓ ଡେଲ୍ ଷ୍ଟେଇନ୍‌ଙ୍କ ସ୍ଥାନରେ ଆଡାମ ଜାମ୍ପା, ଇସୁରୁ ଉଡାନା ଓ ଗୁରକୀରଟ ସିଂ ମାନଙ୍କୁ ସୁଯୋଗ ମିଳିଥିଲା।



ଦ୍ରୁତ ଅର୍ଦ୍ଧଶତକ ଅବସରରେ ଏବି ଡିଭିଲର୍ସ।

### ସଂକ୍ଷିପ୍ତ ସ୍କୋର

- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୦୧/୩(ଡିଭିଲର୍ସ-୫୫*, ପଡିକାଲ-୫୪, ଫିଞ୍ଚ୍-୫୨, ଟ୍ରେଣ୍ଟ ବୋଲ୍ଟ-୨/୩୪, ରାହୁଲ ଚହର-୧/୩୧)।
- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୧/୫ (କିଷନ-୯୯, ପୋଲାର୍ଡ-୬୦*, ଉଡାନା-୨/୪୫, ସୁନ୍ଦର-୧/୧୨, ଚହଲ-୧/୪୮, ଜାମ୍ପା-୧/୫୩)।

# ହ୍ୟାଟ୍ରିକ ବିଜୟ ଦିଲ୍ଲୀର ଲକ୍ଷ୍ୟ

**ଆବୁଧାବି, ୨୮।୯(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଦିଲ୍ଲୀ ଏପର୍ଯ୍ୟନ୍ତ ଖେଳିଥିବା ୨ଟି ଯାକ ମ୍ୟାଚରେ ବିଜୟୀ ହୋଇ ୪ ପଏଣ୍ଟ ପାଇଛି। ତେଣୁ ହାଇଦ୍ରାବାଦକୁ ହରାଇ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛି ଶ୍ରେୟସ୍ ଆୟାରଙ୍କ ଯୁବଦଳ। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ଖେଳିଥିବା ୨ଟି ଯାକ ମ୍ୟାଚରେ ପରାଜିତ ହୋଇଛି। ତେଣୁ ଆଗାମୀ ମ୍ୟାଚ ପାଇଁ ଡେଭିଡ୍ ୱାର୍ନରଙ୍କ ଦଳ ସ୍ୱାଭାବିକଭାବେ ଚାପରେ ରହିବ।

ଦିଲ୍ଲୀ ଦଳ ଏହାର ପ୍ରଥମ ମ୍ୟାଚରେ ଏକଦା ପରାଜୟ ସ୍ଥିତିରେ ଥିଲେ ହେଁ ଭାଗ୍ୟ ସାଥ୍ ଦେବାରୁ କିଙ୍ଗ୍ସ ଇଲେଭେନକୁ ସୁପର ଓଭରରେ ପରାସ୍ତ କରିଥିଲା। ଏହାପରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସକୁ ୪୪ ରନରେ ହରାଇବାପରେ ଏହି ଦଳର ମନୋବଳ ବହୁ ଉପରେ ରହିଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ଏକମାତ୍ର ଦଳଭାବେ ଏପର୍ଯ୍ୟନ୍ତ ବିଜୟ ଅପେକ୍ଷାରେ ରହିଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ପ୍ରଥମ ମ୍ୟାଚରେ ଜନି ବେୟାରଷ୍ଟୋଙ୍କ ୬୧ ଓ ମନୀଷ ପାଣ୍ଡେଙ୍କ ୩୪ ରନ ସତ୍ତ୍ୱେ ଦଳ ୧୬୪ ରନର ହର୍ଡଲ୍ସ ଅତିକ୍ରମ କରିପାରି ନ ଥିଲା। ସେହିପରି କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ମିଡଲ ଅର୍ଡର ଦ୍ରୁତ ହାରରେ ରନ ସଂଗ୍ରହରେ ଫେଲ୍ ମାରିବାରୁ ମାତ୍ର ୧୪୨/୪ ରନ କରିପାରିଥିଲା। ଫଳରେ ଦଳକୁ ୭ ଉଇକେଟରେ ପରାଜୟ ମୁହଁ ଦେଖିବାକୁ ପଡ଼ିଥିଲା। ଋଦ୍ଧିମାନ ଶାହା ଅତ୍ୟନ୍ତ ଧିମା ଖେଳି ୩୧ ବଲ୍‌ରୁ ମାତ୍ର ୩୦ ରନ କରିଥିଲେ।

ଦିଲ୍ଲୀ ପାଇଁ ଦକ୍ଷିଣ ଆଫ୍ରିକା ଯୋଡ଼ି କାଗିଶୋ ରାବାଡ଼ା ଓ ଏନରିଚ୍ ନର୍ଜେ ନୂଆ ବଲ୍‌ରେ ଚମତ୍କାର ବୋଲିଂ କରୁଛନ୍ତି। ରବିଚନ୍ଦ୍ରନ ଅଶ୍ୱିନଙ୍କ ଅନୁପସ୍ଥିତିରେ ଅକ୍ଷର ପଟେଲ ଓ ଅମିତ ମିଶ୍ର ବଢ଼ିଆ ବୋଲିଂ କରିଛନ୍ତି।

**ଆଇପିଏଲ୍**
(ମଙ୍ଗଳବାର ମ୍ୟାଚ)
ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସନ୍‌ରାଇଜର୍ସ
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ


## Government of Odisha
## Higher Education Department

### Common PG Entrance Test - 2020 (CPET - 2020) For Admission into State Public Universities and Colleges with P.G. Courses

No. N-38: In view of Final Semester/year Examination, 2020 in Under-Graduate Classes, the Common P.G. Entrance Test - 2020 (CPET-2020) for admission into Public State Universities and Colleges has been rescheduled to **12th October, 2020 (Monday)** instead of 10th October, 2020 while other timeline remain same as notified earlier. The revised programme is given below.

**Examination Schedule for CPET - 2020**

| | 10 A.M. - 11.30 A.M. | 12.30 P.M. - 2.00 P.M. | 3.00 P.M. - 4.30 P.M. |
|---|---|---|---|
| 12.10.2020 (Monday) | Anthropology (Arts) | Geography | MBA (Business Administration) |
| | Anthropology (Science) | Marine Science (Oceanography) | |
| 13.10.2020 (Tuesday) | Physics | LLM | Commerce |
| | | Electronics and Telecommunication | |
| 14.10.2020 (Wednesday) | Microbiology | Zoology | PMIR |
| | Hindi/English | Statistics | |
| 15.10.2020 (Thursday) | Environmental Science | Life-Science | Population Study |
| | Sociology | Odia | Philosophy |
| 16.10.2020 (Friday) | Economics/ Home Science | Geology | MBA (Rural Management)/ Rural Development |
| | | History | |
| 17.10.2020 (Saturday) | | Computer Science | MBA (Travel and Tourism) |
| | Public Administration | | MPH |
| 19.10.2020 (Monday) | Botany | Chemistry | Library and Information Science |
| | Education | | |
| 20.10.2020 (Tuesday) | Santali/Sanskrit/Urdu | Mathematics | Journalism and Mass Communication |
| | Material Science | Linguistic | |
| 21.10.2020 (Wednesday) | Bio-Diversity and Wildlife Conservation | Bio Informatics | |
| | Yoga and Naturopathy | Political Science | Bio-Technology |
| 22.10.2020 (Thursday) | Women's Studies | | Marine Science (Biology) |
| | Electronic Science | Psychology | |

To get updated information, please visit: www.dheodisha.gov.in / www.samsodisha.gov.in.

Sd./- Officer-in-Charge, PTC

OIPR-11001/11/0020/2021


# ଜାତୀୟ ହକି କ୍ୟାମ୍ପ ଅବଧି ବଢ଼ିଲା

**ନୂଆଦିଲ୍ଲୀ, ୨୮।୯ (ପି.ଟି.)**

କୋଭିଡ୍-୧୯ ଯୋଗୁ ବିଦେଶ ଗସ୍ତ ରିସ୍କ ଥିବାରୁ ନେଦରଲାଣ୍ଡ୍ସ ଟୁର୍ ବାତିଲ ହୋଇଛି। ଫଳରେ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କ୍ୟାମ୍ପସ୍‌ରେ ଭାରତୀୟ ପୁରୁଷ ଓ ମହିଳା ହକି ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଚାଲିଥିବା କ୍ୟାମ୍ପର ଅବଧିକୁ ବୃଦ୍ଧି କରାଯାଇଛି। ଅଭ୍ୟାସ ମ୍ୟାଚ୍ ଖେଳିବା ଲାଗି ଭାରତୀୟ ପୁରୁଷ ଦଳ ନେଦରଲାଣ୍ଡ ଟୁର୍‌ରେ ଯିବାର କାର୍ଯ୍ୟକ୍ରମ ରହିଥିଲା। ପୁରୁଷ ହକି ଖେଳାଳିଙ୍କ କ୍ୟାମ୍ପ ସେପ୍ଟେମ୍ବର ୩୦ରେ ଶେଷ ହେଉଥିଲା। ବର୍ତ୍ତମାନ ନଭେମ୍ବର ୨୮ ପର୍ଯ୍ୟନ୍ତ ଚାଲିବ। ସେହିପରି ମହିଳା କ୍ୟାମ୍ପ ଡିସେମ୍ବର ୧୨ରେ ଶେଷ ହେବ ବୋଲି ସାଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ବିଦେଶ ଗସ୍ତ ଏକ ପ୍ରକାର ରିସ୍କ ବୋଲି ମୁଖ୍ୟକୋଚ୍ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିବା ପରେ ହକି ଇଣ୍ଡିଆ ସହ ପରାମର୍ଶ ପରେ କ୍ୟାମ୍ପର ସମୟସୀମାକୁ ବୃଦ୍ଧି କରାଯାଇଥିବା ସେ କହିଛନ୍ତି। ବର୍ତ୍ତମାନ ଚାଲିଥିବା ଜାତୀୟ ହକି କ୍ୟାମ୍ପ ଏକ ମାସ ବ୍ରେକ୍ ପରେ ଆରମ୍ଭ ହୋଇଛି। ଆବଶ୍ୟକ ପ୍ରତିଷେଧକମୂଳକ ବ୍ୟବସ୍ଥା ଏବଂ କୋଭିଡ୍-୧୯ ସମ୍ପର୍କିତ ସ୍ୱାସ୍ଥ୍ୟ ପ୍ରୋଟୋକଲ ସତ୍ତ୍ୱେ ବେଙ୍ଗଲୁରୁ ପ୍ରତ୍ୟାବର୍ତ୍ତନ ସମୟରେ ଅଧିନାୟକ ମନପ୍ରୀତ ସିଂଙ୍କୁ ସମେତ ୬ଜଣ ପୁରୁଷ ଖେଳାଳି କରୋନା ପଜିଟିଭ୍ ହୋଇଥିଲେ।

# ମୀରାବାଈ ଚାନୁଙ୍କୁ ୪୦ଲକ୍ଷ

**ନୂଆଦିଲ୍ଲୀ, ୨୮।୯ (ପି.ଟି.):** ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର କାନସାସ୍‌ଠାରେ ୨ ମାସ ଟ୍ରେନିଂ ପାଇଁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ମିଶନ ଅଲିମ୍ପିକ ସେଲ୍(ଏମ୍‌ଓସି) ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁଙ୍କୁ ୪୦ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଏମ୍‌ଓସିର ଭର୍ଚୁଆଲ ବୈଠକ ବେଳେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ୬ଟି ଖେଳ ବିଭାଗ ଯଥା ଶୁଟିଂ, ବ୍ୟାଡ୍‌ମିଣ୍ଟନ, ବକ୍ସିଂ, ପାରା ସ୍ପୋର୍ଟ୍ସ, ଭାରୋତ୍ତୋଳନ ଓ ହକିକୁ ୧.୫କୋଟି ଟଙ୍କା ପ୍ରଦାନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଚାନୁଙ୍କ ସହିତ ତାଙ୍କ କୋଚ୍ ଓ ଫିଜିଓଥେରାପିଷ୍ଟ ମଧ୍ୟ ୟୁଏସ୍‌ଏ ଯିବେ। ଦୀର୍ଘଦିନ ଧରି ଇଞ୍ଜୁରି ସମସ୍ୟାରେ ଥିବାରୁ ଏହି ଭାରୋତ୍ତୋଳିକାଙ୍କର ରିହାବିଲିଟେଶନ କାର୍ଯ୍ୟ ମଧ୍ୟ ହେବ ବୋଲି ସାଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଶୁଟିଂ ପାଇଁ ଗୁଳି କ୍ରୟ ଲାଗି ଶୁଟରମାନେ ଦେଇଥିବା ପ୍ରସ୍ତାବ ଅନୁମୋଦ ଲାଭ କରିଛି।

# ଦ୍ୱିତୀୟ ରାଉଣ୍ଡରେ ଥିମ୍, ୱାୱରିଙ୍କା, ଜେଭେରେଭ

**ପ୍ୟାରିସ୍,୨୮।୯(ଏପି)**

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ପୁରୁଷ ସିଙ୍ଗଲ୍ସରେ ସିଡେଡ୍ ଖେଳାଳିମାନେ ବିଜୟ ଅଭିଯାନ କରିଛନ୍ତି। ୟୁଏସ୍ ଓପନ୍ ଚାମ୍ପିୟନ ଡୋମିନିକ ଥିମ୍, ରନର୍ସଅପ୍ ଆଲେକଜାଣ୍ଡର ଜେଭେରେଭଙ୍କ ସମେତ ଷ୍ଟାନିସଲାସ ୱାୱରିଙ୍କା, ଡିଏଗୋ ସ୍ୱାର୍ଜମ୍ୟାନ ଓ ଅନ୍ୟମାନେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ତୃତୀୟ ସିଡ୍ ମାନ୍ୟତା ପାଇଥିବା ଅଷ୍ଟ୍ରିଆର ଥିମ୍ ପୂର୍ବତନ ୟୁଏସ୍ ଓପନ୍ ଚାମ୍ପିୟନ କ୍ରୋଏସିଆର ମାରିନ ସିଲିକଙ୍କୁ ୬-୪, ୬-୩, ୬-୩ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଥିମ୍ ଏବେ ଆମେରିକୀୟ କ୍ୱାଲିଫାୟର ଜ୍ୟାକ୍ ସକଙ୍କୁ ଭେଟିବେ। ଜ୍ୟାକ ପ୍ରଥମ ରାଉଣ୍ଡରେ ରିଲି ଓପେଲକାଙ୍କୁ ୬-୪, ୬-୪, ୬-୩ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ସେହିପରି ଷଷ୍ଠ ସିଡ୍ ଖେଳାଳି ଜର୍ମାନୀର ଆଲେକଜାଣ୍ଡର ଜେଭେରେଭ ୭-୫, ୬-୨, ୬-୪ ସେଟ୍‌ରେ ଅଷ୍ଟ୍ରିଆର ଡେନିସ ନୋଭାକଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେ ଏବେ ଫ୍ରାନ୍ସର ପିଏର ହ୍ୟୁଗ୍ସ ହେର୍ବାର୍ଟଙ୍କୁ ଭେଟିବେ। ହେର୍ବାର୍ଟ ୬-୩, ୬-୨, ୬-୩ ସେଟ୍‌ରେ ଆମେରିକାର ମାଇକେଟ ମୋଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଅନ୍ୟପଟେ ୧୬ତମ ସିଡ୍ ସୁଇଜରଲାଣ୍ଡର ଷ୍ଟାନିସ୍‌ଲାସ ୱାୱରିଙ୍କା ପ୍ରଥମ ରାଉଣ୍ଡରେ ବ୍ରିଟେନର ଆଣ୍ଡି ମୁରେଙ୍କୁ ୬-୧, ୬-୩, ୬-୨ ସେଟ୍‌ରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ମାତ୍ର ୯୭ ମିନିଟ୍‌ରେ ମୁରେ ପରାସ୍ତ ହୋଇଥିଲେ। ୱାୱରିଙ୍କା ଏବେ ଜର୍ମାନୀର ଡୋମିନିକ୍ କୋଏପ୍‌ଫେରଙ୍କୁ ଭେଟିବେ। କୋଏପଫେର ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଆଣ୍ଟୋନିଓ ହେଆଙ୍ଗଙ୍କୁ ୬-୨, ୩-୬, ୬-୧, ୬-୧ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି।



ରିଟର୍ନ ଶଟ୍ ଖେଳୁଛନ୍ତି ଡୋମିନିକ ଥିମ୍।

### କ୍ୱିଟୋଭା, ପିରୋଙ୍କୋଭା, ସେରେନାଙ୍କ ବିଜୟ ଅଭିଯାନ

ମହିଳା ସିଙ୍ଗଲ୍ସରେ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭା, ବୁଲଗେରିଆର ଶ୍ୱେତାନା ପିରଙ୍କୋଭା, ଆମେରିକାର କୋକୋ ଗୌଫ୍ ଅନ୍ୟ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସପ୍ତମ ସିଡ୍ ମାନ୍ୟତା ପାଇଥିବା କ୍ୱିଟୋଭା ୬-୩, ୭-୫ ସେଟ୍‌ରେ ଓସିଏନ ଡୋଡିନଙ୍କୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। କ୍ୱିଟୋଭା ଇଟାଲୀର ଜାସମିନ ପାଓଲିନିଙ୍କୁ ଭେଟିବେ। ପାଓଲିନି ପ୍ରଥମ ରାଉଣ୍ଡରେ ସ୍ପେନ୍‌ର ଆଲିଓନା ବୋଲସୋଭାଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଗୌଫ୍‌୬-୩, ୬-୩ ସେଟ୍‌ରେ ନବମ ସିଡ୍ ବ୍ରିଟେନର ଜୋହାନା କୋଣ୍ଟାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଫ୍ରେଞ୍ଚ୍ ଓପନ୍‌ରେ ଗୌଫ୍ ପଦାର୍ପଣରେ ବିପର୍ଯ୍ୟୟ ଘଟାଇଛନ୍ତି। ଗୌଫ୍ ଦ୍ୱିତୀୟ ରାଉଣ୍ଡରେ ଇଟାଲୀର ମାର୍ଟିନା ଟ୍ରେଭିସେନଙ୍କୁ ଭେଟିବେ। ଟ୍ରେଭିସେନ ଇଟାଲୀର କାମିଲା ଜିଓର୍ଜିଙ୍କ ବିପକ୍ଷରେ ୱାକ ଓଭର ପାଇଁ ଅଗ୍ରଗତି କରିଛନ୍ତି। ସେହିପରି ପିରୋଙ୍କୋଭା ୬-୩, ୬-୩ ସେଟ୍‌ରେ ଜର୍ମାନୀର ଆଣ୍ଡ୍ରିଆ ପେଟ୍‌କୋଭିକଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଷଷ୍ଠ ସିଡ୍ ଆମେରିକୀୟ ଅଭିଜ୍ଞ ଖେଳାଳି ସେରେନା ୱିଲିୟମ୍ସଙ୍କୁ ଭେଟିବେ। ସେରେନା ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ନିଜ ଦେଶର କ୍ରିଷ୍ଟି ଆନଙ୍କୁ ୭-୬, ୬-୦ ସେଟ୍‌ରେ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ